

ରୋହିତଙ୍କ ୧୨ତମ ଟେଷ୍ଟ ଶତକ

▶କ୍ରୀଡ଼ା ପୃଷ୍ଠାରେ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-254 ◆BHUBANESWAR ◆SATURDAY ◆9 MARCH 2024 ◆PAGE-20 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୨୫୪ ◆ଭୁବନେଶ୍ୱର ◆ଶନିବାର ◆୯ ମାର୍ଚ୍ଚ ୨୦୨୪ ◆ପୃଷ୍ଠା-୨୦ ◆ଟ.୬.୦୦



DSPL-816

ODISHA INDIA'S BEST KEPT SECRET. | ଆମ ଓଡ଼ିଶା ନବୀନ ଓଡ଼ିଶା | INSPIRE INSTITUTE of SPORT | JSW | Reliance Foundation | YOUTH SPORTS | NALCO

# ଭାରତର ପ୍ରଥମ
# ଇନ୍‌ଡୋର୍ ଆଥଲେଟିକ୍ସ ସେଣ୍ଟର
ଏବଂ
# ଆକ୍ୱାଟିକ୍ସ ସେଣ୍ଟର ଓ
# ଇନ୍‌ଡୋର୍ ଡାଇଭିଂ ସେଣ୍ଟରର
## ଶୁଭାରମ୍ଭ

**ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ**
ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶାଙ୍କ
**କରକମଳରେ**

**୦୯ ମାର୍ଚ୍ଚ ୨୦୨୪**

କଳିଙ୍ଗ ଷ୍ଟାଡ଼ିୟମ, ଭୁବନେଶ୍ୱର



"କ୍ରୀଡ଼ା ପାଇଁ ଯୁବଗୋଷ୍ଠୀ
ଭବିଷ୍ୟତ ପାଇଁ ବଡ଼ଶକ୍ତି"

ଆକ୍ୱାଟିକ୍ସ ସେଣ୍ଟର





ଇନ୍‌ଡୋର୍ ଆଥଲେଟିକ୍ସ ସେଣ୍ଟର





ଇନ୍‌ଡୋର୍ ଡାଇଭିଂ ସେଣ୍ଟରର
ଭିତ୍ତିପ୍ରସ୍ତର ସ୍ଥାପନ






OIPR-29001/13/0248/2324

କ୍ରୀଡ଼ା ଦୃଶ୍ୟପଟ୍ଟର ରୂପାନ୍ତରଣ | କ୍ରୀଡ଼ାବିତ୍‌ଙ୍କ ସଶକ୍ତିକରଣ

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-254 ◆BHUBANESWAR ◆SATURDAY ◆9 MARCH 2024 ◆PAGE-20 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୨୫୪ ◆ଭୁବନେଶ୍ୱର ◆ଶନିବାର ◆୯ ମାର୍ଚ୍ଚ ୨୦୨୪ ◆ପୃଷ୍ଠା-୨୦ ◆ଟ.୬.୦୦

# ରନ୍ଧନ ଗ୍ୟାସ୍ ସିଲିଣ୍ଡରର ଦର ୧୦୦ ଟଙ୍କା ହ୍ରାସ

■ **ନୂଆଦିଲ୍ଲୀ, ୮।୩ (ଏଜେନ୍ସି):** ଦୀର୍ଘ ଦିନ ପରେ କମିଲା ରନ୍ଧନ ଗ୍ୟାସ୍ ଦର। ଦେଶରେ ଅନୁଷ୍ଠିତ ହେବାକୁ ଯାଉଥିବା ସାଧାରଣ ନିର୍ବାଚନ ପୂର୍ବରୁ ଗ୍ୟାସ୍ ସିଲିଣ୍ଡର ପିଛା ୧୦୦ ଟଙ୍କା ହ୍ରାସ ହୋଇଛି। ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଦେଶର କୋଟି କୋଟି ମହିଳାଙ୍କୁ ଏହା ମୋଦି ସରକାରଙ୍କ ଉପହାର ବୋଲି କୁହାଯାଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏ ସମ୍ପର୍କରେ ଏକ ଟୁଇଟ୍ କରି କହିଛନ୍ତି। ମୂଲ୍ୟ ହ୍ରାସ ପରେ ରାଜଧାନୀ ନୂଆଦିଲ୍ଲୀରେ ୧୪.୨ କେଜି ବିଶିଷ୍ଟ ଗ୍ୟାସ୍ ସିଲିଣ୍ଡର ଦର ୯୦୩ ଟଙ୍କାରୁ ୮୦୩ ଟଙ୍କାକୁ ହ୍ରାସ ଘଟିଛି। ସେହିଭଳି ଭୁବନେଶ୍ୱରରେ ଗ୍ୟାସ୍ ସିଲିଣ୍ଡର ଦର ୯୩୦ ଟଙ୍କାରୁ ୮୩୦ ଟଙ୍କାକୁ ଖସିଆସିଛି। ରନ୍ଧନ ଗ୍ୟାସ୍ ମୂଲ୍ୟରେ ଏହି ହ୍ରାସ ଦେଶର ୩୩ କୋଟି ଏଲ୍‌ପିଜି ହିତାଧିକାରୀଙ୍କୁ ଲାଭ ଦେବ। ଶେଷ ଥର ପାଇଁ ୨୦୨୩ ରକ୍ଷାବନ୍ଧନ ସମୟରେ କେନ୍ଦ୍ର ସରକାର ଏଲ୍‌ପିଜି ଦରରେ ସିଲିଣ୍ଡର ପିଛା ୨୦୦ ଟଙ୍କା ହ୍ରାସ ଘଟାଇଥିଲେ। ଟ୍ୱିଟ୍ କରି ପ୍ରଧାନମନ୍ତ୍ରୀ ଲେଖିଛନ୍ତି ଯେ, ଆଜି ମହିଳା ଦିବସ ଅବସରରେ ଆମେ ଏଲପିଜି ସିଲିଣ୍ଡର ମୂଲ୍ୟରେ ୧୦୦ ଟଙ୍କା ରିଆତି ଦେବାକୁ ଏକ ବଡ ନିଷ୍ପତ୍ତି ନେଇଛୁ। ଏହା କେବଳ ମହିଳା ଶକ୍ତିଙ୍କ ଜୀବନକୁ ସହଜ କରିବ ନାହିଁ ବରଂ କୋଟି କୋଟି ପରିବାରର ଆର୍ଥିକ ବୋଝ ହ୍ରାସ କରିବ।

DSPL-808

ODISHA INDIA'S BEST KEPT SECRET.
ଓଡ଼ିଶା ସରକାର
ଆମ ଓଡ଼ିଶା ନବୀନ ଓଡ଼ିଶା



ନିଯୁକ୍ତି ପର୍ବ
ଆମ ଯୁବଶକ୍ତି ପାଇଁ ନୂଆ ସୁଯୋଗ

୧୨୯୪
ନୂଆ ନିଯୁକ୍ତି

| ୭୨୫ | ୨୮୦ | ୧୨୯ |
|---|---|---|
| ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ | ଅର୍ଥ ବିଭାଗ | ଗ୍ରାମ୍ୟ ଉନ୍ନୟନ ବିଭାଗ |

୧୬୦ ଜଣ କୃତୀ କ୍ରୀଡ଼ାବିତ୍
ଇସ୍ପାତ ଏବଂ ଖଣି ବିଭାଗ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ, ଉଚ୍ଚଶିକ୍ଷା ବିଭାଗ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଗୃହ ବିଭାଗ

ମୁଖ୍ୟ ଅତିଥି
ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ
ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶା

୦୯ ମାର୍ଚ୍ଚ ୨୦୨୪ । ପୂର୍ବାହ୍ନ ୧୧ଟା ୪୫ମିନିଟ
କନ୍‌ଭେନ୍‌ସନ୍ ସେଣ୍ଟର, ଲୋକସେବା ଭବନ, ଭୁବନେଶ୍ୱର
ଏବଂ
ରବୀନ୍ଦ୍ର ମଣ୍ଡପ, ଭୁବନେଶ୍ୱରରେ
ଆଭାସୀ ମାଧ୍ୟମରେ ଯୋଗଦାନ

ଓଡ଼ିଶା ସରକାର
OIPR-27068/13/0063/2324





- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-254 ◆BHUBANESWAR ◆SATURDAY ◆9 MARCH 2024 ◆PAGE-20 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୨୫୪ ◆ଭୁବନେଶ୍ୱର ◆ଶନିବାର ◆୯ ମାର୍ଚ୍ଚ ୨୦୨୪ ◆ପୃଷ୍ଠା-୨୦ ◆ଟ.୬.୦୦


## ଶ୍ରୀଲଙ୍କା ଯିବ ଓଡ଼ିଶାର ଏମ୍‌ଏସ୍‌ଏମ୍‌ଇ ଉତ୍ପାଦ



### ପ୍ରାଚୀନ ନୌବାଣିଜ୍ୟ ପରମ୍ପରାର ପୁନରାବୃତ୍ତି

■ ଭୁବନେଶ୍ୱର, ୮।୩ (ସମିସ): ପଡ଼ୋଶୀ ରାଜ୍ୟ ଏବଂ ଦେଶମାନଙ୍କ ସହ ଓଡ଼ିଶାର ରହିଥିବା ପ୍ରାଚୀନ ଐତିହାସିକ ନୌବାଣିଜ୍ୟ ପରମ୍ପରାର ପୁନରାବୃତ୍ତି ହେବାକୁ ଯାଉଛି। ପ୍ରଥମ ଥର ପାଇଁ ଓଡ଼ିଶାର ଏମ୍‌ଏସ୍‌ଏମ୍‌ଇ ଉତ୍ପାଦ ଜଳପଥରେ ଯାଇ ବିଦେଶ ବଜାରରେ ପହଞ୍ଚିବ। ଏଥିସହ ଖଣିଜ ଦ୍ରବ୍ୟ, କୃଷି ଉତ୍ପାଦ, ଇଲେକ୍ଟ୍ରୋନିକ୍ସ, ମସଲା ଓ ସାମୁଦ୍ରିକ ଖାଦ୍ୟ ବିଦେଶ ଯିବ। ଅପରପକ୍ଷେ ବିଦେଶରୁ ଦରକାରୀ ସାମଗ୍ରୀ ଓଡ଼ିଶାରେ ପହଞ୍ଚିବ। ଆସନ୍ତା ମାସରୁ ପାରାଦୀପ ବନ୍ଦରରୁ ନୌ ବାଣିଜ୍ୟର ଏକ ନୂଆ ପରମ୍ପରା ଆରମ୍ଭ ହେବାକୁ ଯାଉଛି। ପାରାଦୀପ ବନ୍ଦର ଜରିଆରେ ପଣ୍ୟ ରପ୍ତାନୀ ଓ ଆମଦାନୀ ପାଇଁ ରାଜ୍ୟ ସରକାରଙ୍କ ସହ ହାତ ମିଳାଇଥିବା ବିଶ୍ୱର ବୃହତମ କଣ୍ଟେନର୍ ସିପିଂ କମ୍ପାନୀ ଏମ୍‌ଏସ୍‌ସି ଜରିଆରେ ନୌ ବାଣିଜ୍ୟ ଆରମ୍ଭ ହେବ। ଗୋଟିଏ ଥରରେ ୨୫୦ ନିୟୁତ ଟନ୍ ସାମଗ୍ରୀ ରପ୍ତାନୀ ଓ ଆମଦାନୀ ହୋଇପାରିବ। ଅନ୍ତର୍ଜାତୀୟ ଜଳପଥରେ ରପ୍ତାନୀ ଓ ଆମଦାନୀ ପାଇଁ ଦେଶରେ ପ୍ରଥମ ଥର ପାଇଁ ଓଡ଼ିଶା ▶ପୃଷ୍ଠା-୧୬

## ଲୋକସଭା ଆସନରେ ବିଜେଡିର ପ୍ରାର୍ଥିତ୍ୱ

# ଏଥର ବି ୩୩ % ମହିଳା

■ ଭୁବନେଶ୍ୱର,୮।୩(ସମିସ): ନାରୀ ହିଁ ସକଳ ଶକ୍ତିର ଆଧାର। ମା'ମାନଙ୍କୁ ବାଦ୍ ଦେଇ କୌଣସି ରାଜ୍ୟ, କୌଣସି ରାଷ୍ଟ୍ର ବିକାଶ କରିପାରିବ ନାହିଁ। ଏହି କଥାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆରମ୍ଭରୁ ହୃଦବୋଧ କରିଛନ୍ତି। ସେଥିପାଇଁ ପରିଣାମ କଥା ଚିନ୍ତା ନ କରି ଗୋଟିଏ ପରେ ଗୋଟିଏ ପଦକ୍ଷେପ ନେଇଛନ୍ତି। ଗତ ୨୦୧୯ ଲୋକସଭା ନିର୍ବାଚନରେ ବିଜେଡି ୩୩% ଆସନରେ ମହିଳାଙ୍କୁ ପ୍ରାର୍ଥୀ କରିଥିଲା। ଆଗାମୀ ଲୋକସଭା ନିର୍ବାଚନରେ ମଧ୍ୟ ୩୩% ଆସନରେ ମହିଳାଙ୍କୁ ପ୍ରାର୍ଥୀ କରିବାକୁ ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି ନେଇଛନ୍ତି। ରାଜ୍ୟ ମହିଳା ବିଜେଡି ପକ୍ଷରୁ ଆୟୋଜିତ ଆନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଏହି ଘୋଷଣା କରିଛନ୍ତି '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ। ଏହା ସହିତ ଗତ ପଞ୍ଚାୟତ ଓ ଜିଲ୍ଲା ପରିଷଦ ନିର୍ବାଚନରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ପଦରେ ୭୦% ମହିଳାଙ୍କ ନିର୍ବାଚନ ପଛରେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟିଭଙ୍ଗୀକୁ ମଧ୍ୟ ଉନ୍ମୋଚନ କରିଛନ୍ତି।

## ନାରୀ ସଶକ୍ତିକରଣରେ ମୁଖ୍ୟମନ୍ତ୍ରୀ ସାରା ଦେଶ ପାଇଁ ଉଦାହରଣ: ପାଣ୍ଡିଆନ



- ଦୁଇ ବର୍ଷରେ ମହିଳା ଏସ୍‌ଏଚ୍‌ଜି ଋଣ ୨୦ ହଜାର କୋଟି ଟପିବ
- ଅମ୍ବାନୀ, ଆଦାନୀ, ଟାଟାଙ୍କଠାରୁ ଅଧିକ ଋଣ ନେଉଛନ୍ତି ଓଡ଼ିଶାର ମା'
- ଅନ୍ୟମାନେ ଅନୁକରଣ କରୁଛନ୍ତି ମା'ଙ୍କ ପାଇଁ ମୁଖ୍ୟମନ୍ତ୍ରୀଙ୍କ ପଦକ୍ଷେପ

ଶଙ୍ଖ ଭବନରେ ଆୟୋଜିତ ଅନ୍ତର୍ଜାତୀୟ ମହିଳା ଦିବସ ସମାରୋହରେ ଉଦ୍‌ବୋଧନ ଦେଇ ଶ୍ରୀ ପାଣ୍ଡିଆନ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଜ ସରକାର ଏବଂ ଦଳରେ ମହିଳା ମାନଙ୍କୁ ଗୁରୁତ୍ୱ ଦେଇ ଆସିଛନ୍ତି। ଓଡ଼ିଶାର ମହିଳାମାନଙ୍କୁ ସଶକ୍ତ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଅଭିଯାନ ବିଜୁ ଜନତା ଦଳରକୁ ଏକ ସାମାଜିକ ଆନ୍ଦୋଳନରେ ପରିଣତ କରିଛି। ଏହି ଆନ୍ଦୋଳନର ପ୍ରଭାବ ଆଜି ୭୦ ଲକ୍ଷରୁ ଅଧିକ ମହିଳାଙ୍କ ଉପଲବ୍ଧିକୁ ଦେଖିଲେ ସ୍ପଷ୍ଟ ହୋଇଯିବ। ପ୍ରବାଦ ପୁରୁଷ ବିଜୁ ବାବୁ ସମଗ୍ର ଦେଶରେ ପ୍ରଥମେ ମହିଳା ମାନଙ୍କ ସଂରକ୍ଷଣ ପାଇଁ ପଦକ୍ଷେପ ନେଇଥିଲେ। ପଞ୍ଚାୟତ ନିର୍ବାଚନରେ ୩୩% ଆସନ ମହିଳାମାନଙ୍କୁ ଦେଇଥିଲେ; କିନ୍ତୁ ତାଙ୍କ ସୁପୁତ୍ର ନବୀନ ପଟ୍ଟନାୟକ ୩୩% ବଦଳରେ ୫୦% ଆସନ ମହିଳାମାନଙ୍କ ପାଇଁ ସଂରକ୍ଷିତ କରିଛନ୍ତି। ରାଜନୀତିରେ ମହିଳାମାନଙ୍କର ଭାଗିଦାର ସୁନିଶ୍ଚିତ କରିବା ପାଇଁ ସେ ବଦ୍ଧପରିକର ଥିଲେ। ପ୍ରଥମ ଥର ପାଇଁ ନବୀନ ପଟ୍ଟନାୟକ ସଂସଦ ଓ ବିଧାନସଭାରେ ମହିଳାମାନଙ୍କୁ ୩୩% ସଂରକ୍ଷଣ ଦେବା ପାଇଁ ଦାବି କରିଥିଲେ। ଓଡ଼ିଶାର ମା' ମାନେ କିପରି ଆଗକୁ ଯିବେ ସେଥିପାଇଁ ସେ ଚିନ୍ତିତ ଥିଲେ। ବିଳମ୍ବରେ ହେଉ ପଛେ ସଂସଦରେ ଏହା ପାରିତ ହୋଇଛି। ତାଙ୍କର ଏହି ଉଦ୍ୟମ ହିଁ ବିଜୁ ଜନତା ▶ପୃଷ୍ଠା-୧୬

## କାମିଆ ଜାନୀଙ୍କୁ ଜାତୀୟ ସମ୍ମାନ



'ନ୍ୟାସନାଲ କ୍ରିଏଟର୍ସ ଆୱାର୍ଡ' ପ୍ରଦାନ କଲେ ପ୍ରଧାନମନ୍ତ୍ରୀ ମୋଦୀ

■ ନୂଆଦିଲ୍ଲୀ ୮।୩ (ସମିସ): ଅନ୍ତର୍ଜାତୀୟ ମହିଳା ଦିବସରେ ୟୁଟ୍ୟୁବର ତଥା ବ୍ଲଗର୍ କାମିଆ ଜାନୀଙ୍କୁ ମିଳିଛି 'ନ୍ୟାସନାଲ୍ କ୍ରିଏଟର୍ସ ଆୱାର୍ଡ'। ଫୁଡ୍ ଓ ଟ୍ରାଭେଲ ବ୍ଲଗର୍ ତଥା କର୍ଲି ଟେଲ୍‌ସ ୟୁଟ୍ୟୁବ୍ ଚ୍ୟାନେଲର ପ୍ରତିଷ୍ଠାତା କାମିଆଙ୍କୁ ନୂଆଦିଲ୍ଲୀର ଭାରତ ମଣ୍ଡପଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅନ୍ୟ ୨୪ ଜଣଙ୍କ ସହ ପୁରସ୍କୃତ କରିଛନ୍ତି। ସାମାଜିକ ପରିବର୍ତ୍ତନ, ପରିବେଶ ସ୍ଥିରତା, ଶିକ୍ଷା, କ୍ରୀଡ଼ା, ନବସୃଜନ ଓ ଅନ୍ୟାନ୍ୟ କ୍ଷେତ୍ରରେ ଉତ୍କର୍ଷ ପ୍ରଦର୍ଶନ କରିଥିବା ଯୁବବର୍ଗଙ୍କ ପାଇଁ ପ୍ରଥମଥର ପାଇଁ ଏହି ପୁରସ୍କାର ପ୍ରଦାନ କରାଯାଇଛି । ୨୦ଟି ବର୍ଗରେ ମୋଟ ୧.୫ ଲକ୍ଷ ନାମାଙ୍କନ ମଧ୍ୟରୁ ଶ୍ରେଷ୍ଠ ମନୋନୀତ ମୋଟ ୨୪ ଜଣଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଶ୍ରେଷ୍ଠ ଟ୍ରାଭେଲ୍ କ୍ରିଏଟର ଭାବରେ କାମିଆଙ୍କ ନାମ ଏହି ସୂଚୀରେ ସ୍ଥାନ ପାଇଛି। କାମିଆ କିଛି ବର୍ଷ ହେଲା ଦେଶବିଦେଶରେ ଖାଦ୍ୟ, ଭ୍ରମଣ, ଜୀବନଶୈଳୀ, ଧାର୍ମିକ ପର୍ଯ୍ୟଟନସ୍ଥଳୀ ଉପରେ କାର୍ଯ୍ୟ କରି ଆସୁଛନ୍ତି ଏବଂ ନିଜ ଭିଡିଓରେ ଭାରତର ସୌନ୍ଦର୍ଯ୍ୟ ଓ ବିବିଧତା ▶ପୃଷ୍ଠା-୧୬




RNI REGD NO: 42041/83 • www.sakalaepaper.com • /sakalanews • /sakalanews • www.thesakala.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 41 • ISSUE-254 • BHUBANESWAR • SATURDAY • 9 MARCH 2024 • PAGE-20 • ₹ 6.00

ବର୍ଷ-୪୧ • ସଂଖ୍ୟା-୨୫୪ • ଭୁବନେଶ୍ୱର • ଶନିବାର • ୯ ମାର୍ଚ୍ଚ ୨୦୨୪ • ପୃଷ୍ଠା-୨୦ • ଟ.୬.୦୦

# ୧୨ରୁ ଗଡ଼ିବ ତୃତୀୟ ବନ୍ଦେ ଭାରତ

**ଭୁବନେଶ୍ୱର-ବିଶାଖାପାଟଣା ମଧ୍ୟରେ ଟ୍ରାଏଲ୍ ରନ୍**

■ ଭୁବନେଶ୍ୱର, ୮।୩ (ସମିସ): ଓଡ଼ିଶାରେ ଗଡ଼ିବ ତୃତୀୟ ବନ୍ଦେ ଭାରତ ଏକ୍ସପ୍ରେସ୍। ଆସନ୍ତା ୧୨ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଭାସୀ ମାଧ୍ୟମରେ ଭୁବନେଶ୍ୱର-ବିଶାଖାପାଟଣା ବନ୍ଦେ ଭାରତ ଏକ୍ସପ୍ରେସର ଶୁଭାରମ୍ଭ କରିବେ ବୋଲି ସୂଚନା ମିଳିଛି। ତେବେ ଏହା ପୂର୍ବରୁ ଆଜି ଭୁବନେଶ୍ୱର-ବିଶାଖାପାଟଣା ବନ୍ଦେ ଭାରତ ଏକ୍ସପ୍ରେସ୍‌ର ପରୀକ୍ଷାମୂଳକ ଚଳାଚଳ କରାଯାଇଥିଲା। ଆଜି ସକାଳ ସାଢ଼େ ୫ଟାରେ ଏହା ଭୁବନେଶ୍ୱରରୁ ଯାତ୍ରା ଆରମ୍ଭ କରି ନିର୍ଦ୍ଧାରିତ ସମୟ ଭିତରେ ବିଶାଖାପାଟଣାରେ ପହଞ୍ଚିଥିଲା ଏବଂ ସେଠାରୁ ନିର୍ଦ୍ଧାରିତ ସମୟ ଭିତରେ ଆସି ଭୁବନେଶ୍ୱରରେ ପହଞ୍ଚିଥିଲା। ସୂଚନାନୁସାରେ, ୮କୋଚ୍ ବିଶିଷ୍ଟ ଏହି ଟ୍ରେନ୍ ସୋମବାର ବ୍ୟତୀତ ଅନ୍ୟ ଦିନରେ ଚଳାଚଳ କରିବ। ୪୪୩ କିମି ଦୂରତା ଅତିକ୍ରମ ପାଇଁ ୫ଘଣ୍ଟାରୁ ଅଧିକ ସମୟ ଲାଗିବ। ଏହି ଟ୍ରେନ୍‌ର ସମୟ ସାରଣୀ ଚୂଡ଼ାନ୍ତ ହୋଇନଥିଲେ ସୁଦ୍ଧା ଏହା ଭୁବନେଶ୍ୱର, ଖୋର୍ଦ୍ଧାରୋଡ୍, ବ୍ରହ୍ମପୁର, ଇଚ୍ଛାପୁରମ୍, ପଲାସା, ଶ୍ରୀକାକୁଲମ୍ ରୋଡ୍, ବିଜୟନଗରମ୍, ବିଶାଖାପାଟଣାରେ ରହଣି କରିବ। ଯାତ୍ରା ସମୟରେ ଟ୍ରେନ୍‌ର ବେଗ ଘଣ୍ଟା ପ୍ରତି ୭୭କିମି ରହିବ ବୋଲି କୁହାଯାଉଛି।




# ଏଥର ଖରା ଯେମିତି, ବର୍ଷା ବି ସେମିତି

- ଗ୍ରୀଷ୍ମରେ ତାତି ଓ ମୌସୁମୀରେ ପ୍ରବଳ ବର୍ଷା ସମ୍ଭାବନା
- ଜୁଲାଇ-ସେପ୍ଟେମ୍ବର ମଧ୍ୟରେ ସ୍ୱାଭାବିକଠୁ ଅଧିକ ବର୍ଷିବ
- ଏଲ୍-ନିନୋ ଦୁର୍ବଳ ଯୋଗୁଁ ଠିକ୍ ରହିବ ମୌସୁମୀ ମିଜାଜ
- ୟୁରୋପିଆନ୍ ମଡେଲ୍‌ର ଆକଳନ ଆଣିଲା ସନ୍ତୋଷ
- ୩ଦିନ ପରେ ୬ ଡିଗ୍ରୀ ପର୍ଯ୍ୟନ୍ତ ବଢ଼ିବ ତାପମାତ୍ରା

■ ଭୁବନେଶ୍ୱର, ୮।୩ (ସମିସ): ରାଜ୍ୟରେ ଚଳିତବର୍ଷ ପ୍ରଚଣ୍ଡ ରୌଦ୍ରତାପ ଅନୁଭୂତ ହେବ। ପ୍ରବଳ ତାତି ସାଙ୍ଗକୁ ବାରମ୍ବାର ଗ୍ରୀଷ୍ମ ଲହରୀ ରାଜ୍ୟବାସୀଙ୍କୁ ଅସ୍ତବ୍ୟସ୍ତ କରିବ। ଏ ବର୍ଷ ଏଭଳି ଗ୍ରୀଷ୍ମ ପ୍ରବାହ ସ୍ଥିତି ସୃଷ୍ଟି ହେବା ନେଇ ପାଣିପାଗ ବିଭାଗ ସହ ବରିଷ୍ଠ ବିଶେଷଜ୍ଞମାନେ ବହୁ ପୂର୍ବରୁ ଚେତାବନୀ ଦେଇ ସାରିଛନ୍ତି। କିନ୍ତୁ ଏହାରି ଭିତରେ ରାଜ୍ୟବାସୀଙ୍କ ପାଇଁ ଏକ ଆଶ୍ୱସ୍ତିକର ଖବର ବି ଆସିଛି। ଚଳିତବର୍ଷ ଖରା ଭଳି ପ୍ରଚୁର ବର୍ଷା ମଧ୍ୟ ହେବାର ସମ୍ଭାବନା ରହିଛି। ଏପରିକି, ମୌସୁମୀ ୪ମାସ ମଧ୍ୟରୁ ଜୁଲାଇରୁ ସେପ୍ଟେମ୍ବର ପର୍ଯ୍ୟନ୍ତ ୩ ମାସ ସ୍ୱାଭାବିକଠାରୁ ଅଧିକ ବର୍ଷା ହେବ ବୋଲି ପୂର୍ବାନୁମାନ କରାଯାଇଛି। ମୌସୁମୀ ସ୍ଥିତିକୁ ନେଇ ପ୍ରାଥମିକ ଭାବେ କିଛି ମଡେଲ୍ ଏଭଳି ଆକଳନ କରିଛନ୍ତି।

ଉଭୟ ଖରା ଓ ବର୍ଷା ଉପରେ ପ୍ରଭାବ ପକାଉଥିବା ଏଲ୍-ନିନୋ ବର୍ତ୍ତମାନ ଭାରତ ଉପରେ ସକ୍ରିୟ ରହିଛି। ଏହାଦ୍ୱାରା ଚଳିତ ବର୍ଷ ପ୍ରବଳ ତାତି ଅନୁଭୂତ ହେବା ନେଇ ପୂର୍ବରୁ ଆକଳନ କରାଯାଇଛି। ମାତ୍ର ମୌସୁମୀ ଅଗ୍ରସର ହେବା ବେଳକୁ ଅର୍ଥାତ୍ ଜୁନ୍ ସୁଦ୍ଧା ଏଲ୍-ନିନୋ ଦୁର୍ବଳ ହୋଇଯିବ ଏବଂ ମୌସୁମୀର ସ୍ଥିତି ଭଲ ରହିବାର ସମ୍ଭାବନା ରହିବ ବୋଲି ୟୁରୋପିଆନ୍ ମଡେଲ୍ ପ୍ରାଥମିକ ଆକଳନ କରିଛି। ଦେଶରେ ଜୁଲାଇରୁ ସେପ୍ଟେମ୍ବର ମଧ୍ୟ ବର୍ଷାର ପରିମାଣ ସ୍ୱାଭାବିକ ତୁଳନାରେ ଅଧିକ ରହିବା ନେଇ କୁହାଯାଇଛି। ସାଧାରଣତଃ ଏଲ୍-ନିନୋ ସକ୍ରିୟ ରହିଲେ ବର୍ଷାର ପରିମାଣ କମ୍ ରହିଥାଏ। ଗତବର୍ଷଠାରୁ ଆରମ୍ଭ ହୋଇଥିବା ଏଲ୍-ନିନୋ ଯୋଗୁଁ ଗତବର୍ଷ ଦେଶରେ ମୌସୁମୀ ବର୍ଷାରେ ପ୍ରଭାବ ପଡ଼ିଥିଲା। ରାଜ୍ୟରେ ମଧ୍ୟ ଅନେକ ସ୍ଥାନରେ ନିଅଣ୍ଟିଆ ବର୍ଷା ରହିଥିଲା। ତେବେ ଚଳିତବର୍ଷଠାରୁ ଏହି ସ୍ଥିତିରେ ଧୀରେଧୀରେ ପରିବର୍ତ୍ତନ ଆସିବା ସହ ମୌସୁମୀ ବର୍ଷା ଭଲ ହେବ ଓ ଚାଷ କାର୍ଯ୍ୟ ପାଇଁ ଏହା ସହାୟକ ହେବ ବୋଲି ପ୍ରାଥମିକ ଭାବେ ଆକଳନ କରାଯାଉଛି।

ସାଧାରଣତଃ ଏଲ-ନିନୋ ଯୋଗୁଁ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ସମୁଦ୍ର ପୃଷ୍ଠର ତାପମାତ୍ରା ସାଧାରଣ ଅପେକ୍ଷା ଗରମ ହୋଇଯାଏ। ଏହି ପରିବର୍ତ୍ତନ ଦ୍ୱାରା ପାଣିପାଗଚକ୍ରରେ ପ୍ରଭାବ ପଡ଼ିଥାଏ। ଏଲ-ନିନୋ ସ୍ଥିତି ସୃଷ୍ଟି ହେଲେ, ବାୟୁମଣ୍ଡଳର ଉପରି ଭାଗରେ ଥିବା ଶୁଷ୍କବାୟୁ ତଳମୁହାଁ ହୋଇଥାଏ। ଏହା ମେଘ ସୃଷ୍ଟିକାରୀ ବାଦଲକୁ ଧ୍ୱଂସ କରିଦିଏ। ଏଲ ନିନୋର ପ୍ରଭାବ ସମଗ୍ର ବିଶ୍ୱରେ ଅନୁଭୂତ ହୁଏ, ଯେଉଁଥିପାଇଁ ବର୍ଷା, ଥଣ୍ଡା, ଉତ୍ତାପରେ ତାରତମ୍ୟ ସୃଷ୍ଟି ହୁଏ। ଗତ ୭୦ ବର୍ଷ ମଧ୍ୟରେ ପାଣିପାଗ ଉପରେ ଏଲ-ନିନୋ ପ୍ରଭାବ ୧୫ଥର ଘଟିଛି, ଯେଉଁଥିରୁ ଭାରତରେ ମାତ୍ର ୬ଥର ସାଧାରଣ ବୃଷ୍ଟିପାତ ହୋଇଛି। ଗତ ୪ଟି ଏଲ-ନିନୋ ବର୍ଷରେ ଭାରତ କ୍ରମାଗତ ମରୁଡ଼ି ପରିସ୍ଥିତି ଏବଂ ନିଅଣ୍ଟିଆ ବର୍ଷାର ସମ୍ମୁଖୀନ ହୋଇଛି। ଦୁର୍ବଳ, ମଧ୍ୟମ କିମ୍ବା ଶକ୍ତିଶାଳୀ ଏଲ-ନିନୋ ଦ୍ୱାରା ମୌସୁମୀ ବର୍ଷା ମଧ୍ୟ ଭିନ୍ନ ହୋଇପାରେ। ଅପରପକ୍ଷେ ଏଲ୍-ନିନୋ ଥିବା ସମୟରେ ପ୍ରବଳ ଗରମ ଓ ଗ୍ରୀଷ୍ମ ପ୍ରବାହ ସ୍ଥିତି ସୃଷ୍ଟି ହୋଇଥାଏ।

ଅନ୍ୟପଟେ ଆସନ୍ତା ୩ ଦିନ ପରେ ରାଜ୍ୟରେ ପ୍ରାୟ ୬ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ବଢ଼ିବ ବୋଲି ପାଣିପାଗ କେନ୍ଦ୍ର କହିଛି। କିଛି ଦିନ ହେଲାଣି ରାଜ୍ୟର ଅନେକ ସ୍ଥାନରେ ବର୍ଷା ହୋଇଥିବା ବେଳେ ଶନିବାର ମଧ୍ୟ କିଛି ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ପାଣିପାଗ ବିଭାଗର ସୂଚନା ଅନୁଯାୟୀ ଶନିବାର ଦକ୍ଷିଣ ଉପକୂଳ ଓଡ଼ିଶାର ଜିଲ୍ଲାଗୁଡ଼ିକ ସହ କଟକ, କଳାହାଣ୍ଡି, କନ୍ଧମାଳ, ରାୟଗଡ଼ା, କୋରାପୁଟ, ମାଲକାନଗିରି, ବଲାଙ୍ଗିର, ବୌଦ୍ଧ ଓ ନବରଙ୍ଗପୁରର ଗୋଟିଏ ବା ଦୁଇଟି ସ୍ଥାନରେ ହାଲୁକାରୁ ମଧ୍ୟମଧରଣର ବର୍ଷା ହୋଇପାରେ। ଶୁକ୍ରବାର ରାଜ୍ୟର ୩ଟି ସ୍ଥାନରେ ତାପମାତ୍ରା ୩୬ ଡିଗ୍ରୀ କିମ୍ବା ଏହାଠାରୁ ଅଧିକ ରେକର୍ଡ କରାଯାଇଛି।

**ଜାଗରରେ ଲିଭିଗଲା ଜୀବନଦୀପ**

# ବଡ଼ଭାଇ ଆଗରେ ସାନକୁ ଟାଣିନେଲା କୁମ୍ଭୀର



■ ରାଜନଗର, ୮।୩ (ସମିସ): ଜାଗରରେ ଲିଭିଗଲା ଜୀବନଦୀପ। ପରିବା ଫସଲରେ ପାଣି ଦେବାକୁ ନାଳକୁ ଯାଇଥିବା ବେଳେ ବଡ଼ଭାଇ ଆଗରେ ସାନ ଭାଇକୁ ଟାଣିନେଲା କୁମ୍ଭୀର। ଏପରି ଅଘଟଣ ଘଟିଛି, ରାଜନଗର ବ୍ଲକ ଚାନ୍ଦିବାଉଁଶମୂଳ ପଞ୍ଚାୟତ ଦକ୍ଷିଣଭେଡ଼ା ଗ୍ରାମରେ। ମୃତକ ହେଲେ, ଦକ୍ଷିଣଭେଡ଼ା ଗାଁର ନିମାଇଁ ମଲିକ (୪୦)। ବଡ଼ଭାଇ ଚେଷ୍ଟା କରି ମଧ୍ୟ କୁମ୍ଭୀର ମୁହଁରୁ ସାନ ଭାଇକୁ ଉଦ୍ଧାର କରିପାରିନଥିଲେ।

ରାଜନଗର ବ୍ଲକ ଚାନ୍ଦିବାଉଁଶମୂଳ ପଞ୍ଚାୟତ ଦକ୍ଷିଣଭେଡ଼ା ଗାଁର ନିମାଇଁ ଓ ତାଙ୍କ ବଡ଼ଭାଇ ନିର୍ମଳ ଘରଠାରୁ ୨୦୦ ମିଟର ଦୂରରେ ଖରାଦିନିଆ ପରିବା ଚାଷ କରିଛନ୍ତି। ଲଙ୍କାଠାରୁ ଆରମ୍ଭ କରି ପୋଇ, ଭେଣ୍ଡି, କଖାରୁ, ମକା, ବାଇଗଣ ଆଦି ଚାଷ କରିଛନ୍ତି। ବ୍ରାହ୍ମଣୀ ନଦୀ ଓ ନଦୀରୁ ବାହାରିଥିବା ନାଳ ମଝିରେ ରହିଛି ଏହି ଜମି। ଆଜି ସକାଳେ ଗୋଟିଏ ପଟରେ ବଡ଼ଭାଇ ନିର୍ମଳ ପାଣି ଦେଉଥିବା ବେଳେ ଅନ୍ୟପଟରେ ସାନ ଭାଇ ନିମାଇଁ ପରିବାର କିଆରିରେ ପାଣି ଦେଉଥିଲେ। ନିମାଇଁ ଗୋଟିଏ ଗରା ପାଣି ଆଣି ବାଇଗଣ ଗଛରେ ଦେଇସାରିବା ପରେ ଆଉ ଥରେ ପାଣି ପାଇଁ ଯାଇଥିଲେ। ପାଣି ଆଣିବା ପାଇଁ ନାଳ ଭିତରେ ଗରା ବୁଡ଼ାଇବା କ୍ଷଣି ଛକି ରହିଥିବା ମଣିଷଖିଆ କୁମ୍ଭୀର ହଠାତ ଝାମ୍ପ ମାରି ନିମାଇଁଙ୍କୁ ପାଣି ଭିତରକୁ ଟାଣି ନେଇଥିଲା। ଭାଇ କୁମ୍ଭୀର ଖାଇଗଲା ବୋଲି ନିମାଇଁ ଦୁଇଥର ଡାକ ଛାଡିଥିଲେ। ପାଣି ଦେଉଥିବା ବଡ଼ଭାଇ ନିର୍ମଳ ଓ ସମ୍ପର୍କୀୟ ଭାଉଜ ପୁଷ୍ପ ଦୌଡ଼ି ଆସି ସେଠାରେ ପହଞ୍ଚିବା ବେଳକୁ କୁମ୍ଭୀର ନିମାଇଁଙ୍କୁ ନାଳ ମଝିକୁ ନେଇ ସାରିଥିଲା। ନିର୍ମଳ ଓ ପୁଷ୍ପ କୁମ୍ଭୀର ଉପରକୁ ଟେକା ଫୋପାଡ଼ିବା ସହ ସେଠାରେ ଥିବା ଡିଙ୍ଗି ଯୋଗେ ନିମାଇଁଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ। କୁମ୍ଭୀର ନିମାଇଁଙ୍କୁ ପାଣି ଭିତରେ କେଉଁଠି ଲୁଚାଇ ଦେଇ ନାଳରୁ ବାହାରି ନଦୀ ମଧ୍ୟକୁ ଚାଲିଯାଇଥିଲା। ସ୍ଥାନୀୟ ଲୋକଙ୍କ ସହିତ ବନ ବିଭାଗ ଟିମ୍ ପହଞ୍ଚି ବୋଟ ମାଧ୍ୟମରେ ଖୋଜାଖୋଜି କରିଥିଲେ। ଏସିଏଫ୍ ଗଗନ ବିହାରୀ ମଲ୍ଲିକଙ୍କ ନେତୃତ୍ୱରେ ବନ ବିଭାଗ ଓ ଅଗ୍ନିଶମ ବାହିନୀ ଖୋଜାଖୋଜି କରିଥିଲେ। ଦିନ ପ୍ରାୟ ୨ ଟାବେଳେ ନିମାଇଁଙ୍କ ମୃତଦେହ ନାଳ ଭିତରୁ ମିଳିଥିଲା।

**ଓଡ଼ିଶା ପୁଲିସ ଇତିହାସରେ ପ୍ରଥମ**

# ସର୍ବାଧିକ ଅଫିମ ଜବତ କଲା ଏସ୍‌ଟିଏଫ୍

**୧୦ କେଜି ୫୦୮ ଗ୍ରାମ ଅଫିମ୍ ଜବତ, ଦୁଇ ଭାଇ ଗିରଫ**

■ ଭୁବନେଶ୍ୱର, ୮।୩ (ସମିସ): ଓଡ଼ିଶା ପୁଲିସ ଇତିହାସରେ ସର୍ବାଧିକ ଅଫିମ ଜବତ କରିଛି କ୍ରାଇମ୍‌ବ୍ରାଞ୍ଚ ଏସ୍‌ଟିଏଫ୍। ରାଉରକେଲା ପୁଲିସ୍ ସହାୟତାରେ ପାନପୋଷରେ ଚଢ଼ଉ କରି ଏସ୍‌ଟିଏଫ୍ ୧୦ କେଜି ୫୦୮ ଗ୍ରାମ ଅଫିମ ଜବତ କରିବା ସହ ଦୁଇଜଣ ଆନ୍ତଃରାଜ୍ୟ ନିଶା ମାଫିଆଙ୍କୁ ଗିରଫ କରିଛି। ଜବତ ଅଫିମ୍‌ର ମୂଲ୍ୟ ସାଢ଼େ ୧୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ହେବ ବୋଲି ଏସ୍‌ଟିଏଫ ପକ୍ଷରୁ କୁହାଯାଇଛି। ଗିରଫ ଦୁଇ ନିଶା ବେପାରୀ ଦୁଇ ଭାଇ। ସେମାନଙ୍କ ଘର ଝାଡ଼ଖଣ୍ଡରେ ହୋଇଥିବା ବେଳେ ସେମାନେ ରାଉରକେଲା ଏବଂ ସୁନ୍ଦରଗଡ଼କୁ ଅଫିମ୍ ଆଣି ବ୍ୟବସାୟ କରନ୍ତି। ଏସ୍‌ଟିଏଫ୍‌ର ସୂଚନା ଅନୁଯାୟୀ, ରାଜ୍ୟରେ ଏକାଥରକେ ଏତେ ପରିମାଣରେ ଅଫିମ ପୂର୍ବରୁ କେବେ ଜବତ ହୋଇନଥିଲା। ଏହା ଓଡ଼ିଶା ପୁଲିସ ଇତିହାସରେ ପ୍ରଥମ। ଗିରଫ ଅଭିଯୁକ୍ତଦ୍ୱୟ ହେଲେ ବିଟୁ ସିଂହ ମୁଣ୍ଡା (୪୬) ଓ ରୋହିତ ମୁଣ୍ଡା (୪୯)। ଉଭୟଙ୍କ ଘର ଝାଡ଼ଖଣ୍ଡର ଖୁଣ୍ଟି ଜିଲ୍ଲାର ସିଗିଡ଼ରେ।

ତଦନ୍ତ ବେଳେ ଜଣାପଡ଼ିଛି ଯେ, ଏହି ଦୁଇ ଭାଇ ଓ ସେମାନଙ୍କର ଅନ୍ୟ କିଛି ସାଥୀ ରାଜସ୍ଥାନରୁ ଅଫିମ ସଂଗ୍ରହ କରି ଝଡ଼ରଖଣ୍ଡ ସହ ଓଡ଼ିଶାର ସୁନ୍ଦରଗଡ଼ ଓ ରାଉରକେଲାରେ ବିକ୍ରି କରୁଥିଲେ। ସେମାନଙ୍କ ଅନ୍ୟ ସାଥୀମାନେ ଗିରଫ ହୋଇନାହାନ୍ତି। ସେମାନଙ୍କୁ ଗିରଫ କରିବା ପାଇଁ ଏସ୍‌ଟିଏଫ ତନାଘନା କରୁଛି। ଔଷଧ ପ୍ରସ୍ତୁତ ପାଇଁ ମଧ୍ୟପ୍ରଦେଶ, ରାଜସ୍ଥାନ ଓ ଉତ୍ତରପ୍ରଦେଶରେ ସରକାରୀ ନୀତିନିୟମରେ ଅଳ୍ପ ପରିମାଣର ଅଫିମ ଚାଷ କରାଯାଉଛି। କିନ୍ତୁ କିଛି ଅସାଧୁ ଚାଷୀ ଏହି ଆଳରେ ଲାଇସେନ୍ସ ପାଇଥିବା ପରିମାଣଠାରୁ ବେଆଇନ ଭାବେ ଅଧିକ ଚାଷ କରିଥାନ୍ତି। ତେଣୁ ଏସ୍‌ଟିଏଫ ସନ୍ଦେହ କରୁଛି ଯେ ସେଠାରୁ ଏହି ଅଫିମ ବେଆଇନ ଭାବେ ଚାଲାଣ ହୋଇ ଏଠାକୁ ଆସୁଛି। ଏ ସଂପର୍କରେ ଅଧିକ ତଦନ୍ତ କରିବାକୁ ମଧ୍ୟପ୍ରଦେଶ ପୁଲିସ୍ ଓ ସେଣ୍ଟ୍ରାଲ ବ୍ୟୁରୋ ଅଫ୍ ନାରକୋଟିକ୍ସ ସହ ଏସ୍‌ଟିଏଫ୍ ଯୋଗାଯୋଗ କରିବ ବୋଲି କହିଛି।

## ଲୋକକଥା



ଚଞ୍ଚକତା କରି ସର୍କାରୀ ଯୋଜନା
କେତେ ନଉଚନ୍ତି ହାତେଇ,
କେତେ ହରକତ ହଉଚନ୍ତି ସତେ
ହିତାଧିକାରୀଏ ନ ପାଇ।
ଏଭଳି ଘଟୁଚି କା ପାଇଁ,
କାଠବେଣ୍ଟ ଲାଗି କୁରାଢ଼ି ଯେପରି
ଗଛ ଦିଏ ତଳେ ଲୋଟେଇ ॥

**ରତ୍ନଭଣ୍ଡାର ଅଳଙ୍କାର ତାଲିକା ପ୍ରସ୍ତୁତି**

# ତଦାରଖ କମିଟିର ପ୍ରଥମ ବୈଠକ ଆଜି

■ ପୁରୀ, ୮।୩ (ସମିସ): ଶନିବାର ଅନୁଷ୍ଠିତ ହେବ ରତ୍ନଭଣ୍ଡାର ଅଳଙ୍କାର ତାଲିକା ପ୍ରସ୍ତୁତି ତଦାରଖ କମିଟିର ପ୍ରଥମ ବୈଠକ। ଅପରାହ୍ନ ୨ଟାରେ ଅନୁଷ୍ଠିତ ହେବାକୁ ଥିବା ବୈଠକରେ ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ ଅରିଜିତ ପଶାୟତ ଅଧ୍ୟକ୍ଷତା କରିବେ। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସର ଓ୍ୱସୱାନ କିମ୍ବା ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ଏହି ବୈଠକ ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି କମିଟି ଗଠନ କରିବା ପରେ ଏହା ପ୍ରଥମ ବୈଠକ ହେବ। ଏହି ୧୨ ଜଣିଆ କମିଟିର ଅଧ୍ୟକ୍ଷ ଜଷ୍ଟିସ ଅରିଜିତ ପଶାୟତ ରହିଥିବା ବେଳେ ଉପାଧ୍ୟକ୍ଷ ଅଛନ୍ତି ପ୍ରସିଦ୍ଧ ହୃଦ୍‌ରୋଗ ବିଶେଷଜ୍ଞ ଡାକ୍ତର ରମାକାନ୍ତ ପଣ୍ଡା। କମିଟିର ଅନ୍ୟ ସଦସ୍ୟମାନେ ହେଲେ ଆଲ୍ଲାହାବାଦ ବ୍ୟାଙ୍କର ପୂର୍ବତନ ସିଏମ୍‌ଡି ଡ. ବିଧୁଭୂଷଣ ସାମଲ, ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଏ.କେ. ସାବତ, ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟି ଅଧ୍ୟକ୍ଷ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ପ୍ରତିନିଧି, ଏଏସ୍‌ଆଇର ପ୍ରତିନିଧି, ପରିଚାଳନା କମିଟି ସେବକ ପ୍ରତିନିଧି ଦୁର୍ଗାପ୍ରସାଦ ଦାସ ମହାପାତ୍ର, ମାଧବ ଚନ୍ଦ୍ର ମହାପାତ୍ର ଓ ଜଗନ୍ନାଥ କର, ଭଣ୍ଡାର ମେକାପ ସେବକ ଗଣେଶ ମେକାପ, ପୁରୀ ଜିଲ୍ଲାପାଳ ଓ ଶ୍ରୀମନ୍ଦିର ପ୍ରଶାସନର ମୁଖ୍ୟ ପ୍ରଶାସକ ସଦସ୍ୟ ଆବାହକ ଭାବେ ରହିଛନ୍ତି।

**କଂଗ୍ରେସ ପ୍ରାର୍ଥୀ ତାଲିକା**

# ପ୍ରଥମ ପର୍ଯ୍ୟାୟରେ ଓଡ଼ିଶାରୁ କେହି ନାହାନ୍ତି

**ଓଡ଼ିଶାର ରାଜନୈତିକ ସ୍ଥିତି ଉପରେ ଏଆଇସିସିର ତୀକ୍ଷ୍ଣ ନଜର**

**ଆଜି ଦିଲ୍ଲୀରେ ବସିବ ଦ୍ୱିତୀୟ ପର୍ଯ୍ୟାୟ ସ୍କ୍ରିନିଂ କମିଟି ବୈଠକ**

■ ଭୁବନେଶ୍ୱର, ୮।୩(ସମିସ): ଆସନ୍ତା ସାଧାରଣ ନିର୍ବାଚନ ପାଇଁ ଅଖିଳ ଭାରତ କଂଗ୍ରେସ କମିଟି (ଏଆଇସିସି) ପକ୍ଷରୁ ଶୁକ୍ରବାର ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଘୋଷଣା କରାଯାଇଛି। ଏଥିରେ ଦକ୍ଷିଣ ଓ ଉତ୍ତର-ପୂର୍ବାଞ୍ଚଳର ୮ ରାଜ୍ୟରୁ ୩୯ଜଣଙ୍କ ନାମ ରହିଛି। ଏଥିରେ ପଡ଼ୋଶୀ ଛତିଶଗଡ଼ର ୬ଜଣଙ୍କ ନାମ ରହିଥିବା ବେଳେ ଓଡ଼ିଶାରୁ ଜଣେ ହେଲେ ପ୍ରାର୍ଥୀଙ୍କ ନାମ ନାହିଁ। ଏପରିକି କୋରାପୁଟର କଂଗ୍ରେସ ସାଂସଦ ସପ୍ତଗିରି ଉଲ୍ଲାକାଙ୍କ ନାମ ନଥିବା ସମସ୍ତଙ୍କୁ ଚକିତ କରିଛି। ମାର୍ଚ୍ଚ ପ୍ରଥମ ସପ୍ତାହ ସୁଦ୍ଧା ଟିକଟ ଘୋଷଣା ହେବା ନେଇ କଂଗ୍ରେସର ବରିଷ୍ଠ ନେତାମାନେ ବହୁ ପୂର୍ବରୁ କହି ଆସୁଥିଲେ ହେଁ ଓଡ଼ିଶାରୁ କାହାରି ନାମ ଏହି ତାଲିକାରେ ନ ରହିବା ଅନେକ ସନ୍ଦେହ ସୃଷ୍ଟି କରିଛି।

କୁହାଯାଉଛି ବର୍ତ୍ତମାନ ରାଜ୍ୟର ରାଜନୈତିକ ସ୍ଥିତି ଉପରେ ଏଆଇସିସି ତୀକ୍ଷ୍ଣ ନଜର ରଖିଛି। ଦଳରେ ଅଧିକାଂଶ ଆସନରେ ପ୍ରାର୍ଥୀ ହେବାକୁ ଲୋକ ନାହାନ୍ତି। ପ୍ରଗମନରେ ଯେଉଁମାନେ ଆବେଦନ କରିଛନ୍ତି, ସେମାନଙ୍କ ଉପରେ ଦଳ ଭରସା କରିପାରୁନାହିଁ। ତେଣୁ ବିଜେପି ଓ ବିଜେଡିର ନିରାଶ ଆଶାୟୀମାନଙ୍କୁ ନିଜ ଦଳରେ ସାମିଲ କରିବାକୁ କଂଗ୍ରେସ ଯୋଜନା କରିଛି। ଏପରିକି ବିଭିନ୍ନ ବିଧାନସଭା ଆସନରେ ଏହି ଆମଦାନୀ ନେତାଙ୍କୁ ଦଳ ପ୍ରାର୍ଥୀ କରିପାରେ ବୋଲି ମଧ୍ୟ ଚର୍ଚ୍ଚା ହେଉଛି। ଏହା ବ୍ୟତୀତ ରାଜ୍ୟର ବହୁ ଆସନରେ କଂଗ୍ରେସରୁ ଟିକଟ ଆଶା ରଖିଥିବା ପ୍ରାର୍ଥୀଙ୍କ ତୁଳନାରେ ଉଭୟ ବିଜେଡି କିମ୍ବା ବିଜେପି ଟିକଟ ଆଶାୟୀଙ୍କ ସଂଗଠନ ଅପେକ୍ଷାକୃତ ସୁଦୃଢ଼ ରହିଛି। ସେହି ଆଶାୟୀମାନେ ନିଜ ଦଳରୁ ଟିକେଟ ନ ପାଇଲେ ସେମାନଙ୍କୁ କଂଗ୍ରେସରେ ସାମିଲ କରି ଭୋଟ ହାର ବୃଦ୍ଧି କରିବାକୁ ଦଳୀୟ ନେତୃତ୍ୱ ମଧ୍ୟ ଚିନ୍ତା କରୁଥାଇପାରନ୍ତି ଓ ଓଡ଼ିଶାରେ ପ୍ରାର୍ଥୀ ଘୋଷଣା ବିଳମ୍ବ ପଛରେ ଏହା ପ୍ରମୁଖ କାରଣ ବୋଲି ମନେ କରାଯାଉଛି।

ଅନ୍ୟପଟେ ଶନିବାର ଦିଲ୍ଲୀରେ ରାଜ୍ୟ କଂଗ୍ରେସର ଟିକଟକୁ ନେଇ ଦ୍ୱିତୀୟ ପର୍ଯ୍ୟାୟ ସ୍କ୍ରିନିଂ କମିଟି ବୈଠକ ବସିବ ବୋଲି ସୂଚନା ମିଳିଛି। ବୈଠକରେ କଂଗ୍ରେସ ଟିକେଟ ଆଶାୟୀଙ୍କ ଆବେଦନ ଉପରେ ପୁଣିଥରେ ଆଲୋଚନା ହେବ ବୋଲି ପିସିସି ସଭାପତି ଶରତ ପଟ୍ଟନାୟକ ସୂଚନା ଦେଇଛନ୍ତି।



ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 41 ♦ISSUE-254 ♦BHUBANESWAR ♦SATURDAY ♦9 MARCH 2024 ♦PAGE-20 ♦₹ 6.00

♦ବର୍ଷ-୪୧ ♦ସଂଖ୍ୟା-୨୫୪ ♦ଭୁବନେଶ୍ୱର ♦ଶନିବାର ♦୯ ମାର୍ଚ୍ଚ ୨୦୨୪ ♦ପୃଷ୍ଠା-୨୦ ♦ଟ.୬.୦୦

## ପଞ୍ଚମ ବିବାହ କରିବେ ୯୨ ବର୍ଷୀୟ ରୁପର୍ଟ ମୁର୍ଦୋକ



କାଲିଫର୍ଣ୍ଣିଆ, ୮ ।୩(ଏଜେନ୍ସି): ଫକ୍ସ ଓ ନ୍ୟୁଜ୍ କର୍ପୋରେସନର ପୂର୍ବତନ ଅଧ୍ୟକ୍ଷ. ତଥା ୯୨ବର୍ଷ ବୟସ୍କ ମିଡିଆ ମୋଗଲ ରୁପର୍ଟ ମୁର୍ଦୋକା ପୁଣି ଥରେ ବିବାହ କରିବାକୁ ନିଷ୍ପତ୍ତି ନେଇଛନ୍ତି। ସେ ତାଙ୍କ ବାନ୍ଧବୀ ୬୭ବର୍ଷୀୟା ଅବସରପ୍ରାପ୍ତ ମଲିକ୍ୟୁଲାର ବାୟୋଲୋଜିଷ୍ଟ ଐଲେନା ଝୁକୋଭାଙ୍କୁ ଖୁବ୍ ନିକଟରେ ବିବାହ କରିବେ। ଏହି ବିବାହ କାଲିଫର୍ଣ୍ଣିଆର ଥିବା ମୁର୍ଦୋକାଙ୍କ ଅଙ୍ଗୁର ବଗିଚା ଓ ଇଷ୍ଟେଟ ମୋରାଗାରେ ଅନୁଷ୍ଠିତ ହେବ। ମୁର୍ଦୋକାଙ୍କର ଏହା ପଞ୍ଚମ ବିବାହ ହେବ। ମୁର୍ଦୋକା ହେଉଛନ୍ତି ବିଶ୍ୱ ସ୍ତରରେ ମିଡିଆ ଜଗତର ଏକ ପ୍ରସିଦ୍ଧ ନାମ ଓ ବ୍ୟକ୍ତିତ୍ୱ। ୧୯୫୦ରେ ଅଷ୍ଟ୍ରେଲିଆରେ କ୍ୟାରିୟର ଆରମ୍ଭ କରିଥିବା ମୁର୍ଦୋକା ୧୯୬୯ରେ ନ୍ୟୁଜ୍ ଅଫ୍ ଦି ୱାର୍ଲଡ ଓ ଇଂଲଣ୍ଡର ସନ୍ ଖବରକାଗଜ କିଣିଥିଲେ। ଏହା ପରେ ସେ ନ୍ୟୁୟର୍କ ପୋଷ୍ଟ, ୱାଲ ଷ୍ଟ୍ରିଟ୍ ଜର୍ଣ୍ଣାଲ ସମେତ ଆମେରିକାର ଅନେକ ଖବରକାଗଜ ଓ ପତ୍ରିକାର ମାଲିକାନା କିଣିଥିଲେ।

# 'ଇଣ୍ଡି' ମେଣ୍ଟ ଛିଡୁଛି; ଏନଡିଏ ବଢୁଛି

■ ଜମ୍ମୁ କାଶ୍ମୀର, କେରଳରେ ଇଣ୍ଡି ମେଣ୍ଟକୁ ଧକ୍କା
■ ଏନଡିଏରେ ସାମିଲ ହେବେ ଟିଡିପି, ଲୋକସେନା

ନୂଆଦିଲ୍ଲୀ,୮ ।୩(ଏଜେନ୍ସି): ୨୦୨୪ ନିର୍ବାଚନ ଯେତିକି ପାଖେଇ ଆସୁଛି ବିରୋଧୀ ଇଣ୍ଡିଆ ମେଣ୍ଟ ପାଇଁ ସମସ୍ୟା ସେତିକି ବଢିବାରେ ଲାଗିଛି। ବିଶେଷକରି ଆସନ ବଣ୍ଟନ ବୁଝାମଣା ସମସ୍ୟାକୁ ନେଇ ଏହି ମେଣ୍ଟରେ ସାମିଲ ହୋଇଥିବା ବହୁ ଦଳ ଏବେ ମୁହଁ ଫେରାଇବାରେ ଲାଗିଛନ୍ତି। ପୂର୍ବରୁ ଟିଏମସି, ସମାଜବାଦୀ ପାର୍ଟି ,ଆପ୍ ଆଦିକୁ ନେଇ ଇଣ୍ଡିଆ ମେଣ୍ଟରେ ସମସ୍ୟା ବଢିଥିଲା ବେଳେ ଏବେ ଜମ୍ମୁ କାଶ୍ମୀର ଏବଂ କେରଳରେ ମଧ୍ୟ ସ୍ଥିତି ଜଟିଳ ହୋଇପଡ଼ିଛି। ଜମ୍ମୁ କାଶ୍ମୀରରେ ଫାରୁକ୍ ଶେଖଙ୍କ ଏନସି ଏବଂ ମେହବୁବା ମୁଫତିଙ୍କ ପିଡିପି ଦଳ ମଧ୍ୟରେ ଆସନ ବୁଝାମଣାକୁ ନେଇ ବିବାଦ ଉପୁଜିବା ପରେ ଏହାର ପ୍ରଭାବ ଇଣ୍ଡିଆ ମେଣ୍ଟ ଉପରେ ପଡ଼ିଛି। ଏହିକ୍ରମରେ ଇଣ୍ଡିଆ ମେଣ୍ଟରୁ ଅଲଗା ହେବାକୁ ମେହବୁବା ମୁଫତି ନିଷ୍ପତ୍ତି ନେଇଥିବା ଘୋଷଣା କରିଛନ୍ତି। ସେହିପରି କଂଗ୍ରେସର ବହୁ ପ୍ରମୁଖ ନେତା ଜଣକ ପରେ ଜଣେ ବିଜେପିରେ ସାମିଲ ହେଉଥିବାରୁ କେରଳ ମୁଖ୍ୟମନ୍ତ୍ରୀ ପିନାରାୟି ବିଜୟନ କଂଗ୍ରେସ ଉପରେ ବର୍ଷିଛନ୍ତି। ବର୍ତ୍ତମାନ ସୁଦ୍ଧା ୧୧ ଜଣ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜେପିରେ ସାମିଲ ହୋଇସାରିଛନ୍ତି। ତେଣୁ ଏଭଳି ଦଳକୁ ନେଇ କେରଳରେ କିଭଳି ମେଣ୍ଟ କରାଯିବ ବୋଲି ବିଜୟନ ପ୍ରଶ୍ନ କରିଛନ୍ତି। ଅନ୍ୟପକ୍ଷରେ ନିର୍ବାଚନ ପୂର୍ବରୁ ଏନଡିଏ ପଲା ଭାରୀ ହେବାରେ ଲାଗିଛି। ଏନଡିଏ ସହ ପୂର୍ବରୁ ବହୁ ଦଳ ସାମିଲ ହୋଇସାରିଥିଲା ବେଳେ ଏବେ ଚନ୍ଦ୍ରବାବୁ ନାଇଡୁଙ୍କ ଟିଡିପି ଏବଂ ଜନସେନା ମେଣ୍ଟ ଏନଡିଏରେ ସାମିଲ ହେବା ନିଶ୍ଚିତ ହୋଇଯାଇଥିବା କୁହାଯାଇଛି।



## ମହାଶିବରାତ୍ରୀରେ ଅଘଟଣ ;ବିଦ୍ୟୁତ ସ୍ପର୍ଶରେ ୧୪ ପିଲା ଗୁରୁତର

ଜୟପୁର,୮ ।୩(ଏଜେନ୍ସି): ରାଜସ୍ଥାନରେ ପବିତ୍ର ମହାଶିବରାତ୍ରୀରେ ଉତ୍ସବ ପାଳନ ବେଳେ ଦୁର୍ଘଟଣା ଯୋଗୁ ୧୪ ପିଲା ଗୁରୁତର ଆହତ ହୋଇଛନ୍ତି। ଶିବଙ୍କ ବରଯାତ୍ରୀ ଦଳ ଯାଉଥିବା ସମୟରେ ବିଦ୍ୟୁତ ଲାଗି ଯିବାରୁ ଏହି ୧୪ ପିଲା ପୋଡି ହୋଇ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣଙ୍କ ଶରୀର ଶତପ୍ରତିଶତ ପୋଡି ଯାଇଥିଲା ବେଳେ ଆଉ ଜଣେ ପିଲା ଶରୀର ୫୦ ପ୍ରତିଶତ ପୋଡି ଯାଇଛି। ଏହି ଦୁଇଜଣଙ୍କ ଅବସ୍ଥା ଅତ୍ୟନ୍ତ ସଙ୍କଟାପନ୍ନ ରହିଥିବା ଡାକ୍ତରମାନେ କହିଛନ୍ତି। ସମସ୍ତ ଆହତ ବୟସ ୧୦ ରୁ ୧୬ ମଧ୍ୟରେ ହୋଇଥିବା ବେଳେ ସେମାନଙ୍କୁ ନିକଟସ୍ଥ ଏମବିଏସ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏଭଳି ଏକ ଦୁଃଖଦ ଘଟଣା କୋଟାର କୁନହାରି ଥର୍ମାଲ ଛକ ନିକଟରେ ଘଟିଥିବା ଜଣାପଡ଼ିଛି। ମିଳିଥିବା ସୂଚନା ଅନୁସାରେ, କୋଟାର କୁନହାରି ଥାନା ଷ୍ଟେସନ ପରିସରରେ ମହାଶିବରାତ୍ରୀ ଅବସରରେ ଶୁକ୍ରବାର ଶିବଙ୍କ ବରଯାତ୍ରୀ ଦଳରେ ଲୋକମାନେ ଏକ ଶୋଭାଯାତ୍ରାରେ ବାହାରିଥିଲେ। ଏହି ସମୟରେ ଲୋକମାନେ ବଡ ବଡ ବାଉଁଶରେ ଧାର୍ମିକ ପତାକା ଲଗାଇ ଯାଉଥିଲେ । ବରଯାତ୍ରୀ ଦଳରେ କିଛି ପିଲା ଯାଉଥିଲା ବେଳେ ସେମାନଙ୍କ ମଧ୍ୟରୁ ଜଣେ ପିଲା ଏକ ଲୁହାଛଡ଼ି ଧରି ଯାଉଥିଲା। ହେଲେ ଏହି ଲୁହା ଉଚ୍ଚ କ୍ଷମତା ସମ୍ପନ୍ନ ବିଦ୍ୟୁତ ତାରରେ ଲାଗିଯାଇଥିଲା। ଫଳରେ ୧୪ ପିଲା ଗୁରୁତର ଆହତ ହୋଇଥିଲେ। ଘଟଣା ସ୍ଥଳରେ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ରାଜ୍ୟ ଶକ୍ତିମନ୍ତ୍ରୀ ହିରାଲାଲ ନାଗର ଆହତ ଲୋକମାନଙ୍କୁ ଭେଟିବା ପାଇଁ ଏମବିଏସ ହସ୍ପିଟାଲରେ ପହଞ୍ଚି ଚିକିତ୍ସା ନିମନ୍ତେ ସମସ୍ତ ସହାୟତା ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି।

## ରାଜ୍ୟସଭାକୁ ମନୋନୀତ ହେଲେ ସୁଧା ମୂର୍ତ୍ତି

ନୂଆଦିଲ୍ଲୀ,୮ ।୩(ଏଜେନ୍ସି): ଇନଫୋସିସ୍ ଅଧ୍ୟକ୍ଷ ନାରାୟଣ ମୂର୍ତ୍ତିଙ୍କ ପତ୍ନୀ ସୁଧା ମୂର୍ତ୍ତିଙ୍କୁ ରାଜ୍ୟସଭାକୁ ମନୋନୀତ କରାଯାଇଛି। ଏହି ଅବସରରେ ସୁଧାଙ୍କୁ ଅଭିନନ୍ଦନ ଜଣାଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଯେ, ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ନିଜେ ସୁଧା ମୂର୍ତ୍ତୀଙ୍କୁ ରାଜ୍ୟସଭା ପାଇଁ ମନୋନୀତ କରିଥିବାରୁ ସେ ଅତ୍ୟନ୍ତ ଆନନ୍ଦିତ। ସାମାଜିକ କଲ୍ୟାଣଦିଗରେ ତାଙ୍କର କାର୍ଯ୍ୟ ଏବଂ ଶିକ୍ଷା ସମେତ ବିଭିନ୍ନ କ୍ଷେତ୍ରରେ ସୁଧା ମୂର୍ତ୍ତିଙ୍କର ଅବଦାନ ଅତୁଳନୀୟ ଏବଂ ପ୍ରେରଣାଦାୟକ ।ରାଜ୍ୟସଭାରେ ତାଙ୍କର ଉପସ୍ଥିତି ମହିଳା ଶକ୍ତିକୁ ଆହୁରି ପ୍ରଶସ୍ତ କରିବ ବୋଲି ମୋଦୀ କହିଛନ୍ତି। ସେ ସୁଧାଙ୍କ ସଂସଦୀୟ କାର୍ଯ୍ୟକାଳର ସଫଳ କାମନା କରିଛନ୍ତି।

## ନମାଜପାଠବେଳେ ଗୋଇଠା ମାରି ଏସ୍ଆଇ ନିଲମ୍ବିତ

ନୂଆଦିଲ୍ଲୀ,୮ ।୩(ଏଜେନ୍ସି): ଦିଲ୍ଲୀରେ ରାସ୍ତାରେ ନମାଜ ପାଠ କରୁଥିବା ମୁସଲମାନ ଲୋକଙ୍କୁ ଗୋଇଠା ମାରି ଜଣେ ପୁଲିସ ବାବୁ ନିଲମ୍ବିତ ହୋଇଛନ୍ତି। ନମାଜ ବେଳେ ମୁସଲମାନମାନେ ସଜଦା କରୁଥିବା ବେଳେ ପୁଲିସ ବାବୁ ଜଣଙ୍କ ସେମାନଙ୍କୁ ପଛ ପଟୁ ଗୋଇଠା ମାରୁଥିବା ବେଳର ଭିଡିଓ ସାମ୍ନାକୁ ଆସିଛି ।ଭିଡିଓ ସାମ୍ନାକୁ ଆସିବା ପରେ ଏହାକୁ ନେଇ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ମିଳିଥିବା ସୂଚନା ଅନୁଯାୟୀ ,ଶୁକ୍ରବାର ଜୁମ୍ମା ଥିବାରୁ ଦିଲ୍ଲୀର ଇନ୍ଦ୍ରଲୋକ ଅଞ୍ଚଳରେ ଏକ ମସଜିଦ ନିକଟରେ ନମାଜ ପାଠ ପାଇଁ ବହୁ ମୁସଲମାନ ଲୋକ ଏକାଠି ହୋଇଥିଲେ। ମସଜିଦ ଭିତରେ ପ୍ରବଳ ଭିଡ଼ ଥିବାରୁ କିଛି ଲୋକ ରାସ୍ତା ଉପରେ ସଦଜା କରିବା ଆରମ୍ଭ କରିଥିଲେ ।ସେମାନେ ପ୍ରାର୍ଥନା କରୁଥିବା ବେଳେ ଦିଲ୍ଲୀ ପୁଲିସର କିଛି ଅଧିକାରୀ ସେଠାରେ ପହଞ୍ଚି ଭିଡ଼ ନିୟନ୍ତ୍ରଣ ପାଇଁ ଉଦ୍ୟମ କରିଥିଲେ। କିନ୍ତୁ ଏହି ସମୟରେ ଜଣେ ପୁଲିସ୍ ବାବୁ ନମାଜ ପଢୁଥିବା ଲୋକଙ୍କୁ ପଛରୁ ଗୋଇଠା ଓ ହାତରେ ଚାପୁଡ଼ା ମାରିବା ଆରମ୍ଭ କରି ଦେଇଥିଲେ। ଏହି ଘଟଣା ପରେ ମୁସଲମାନମାନେ ସ୍ଥାନୀୟ ଥାନା ଘେରାଉ କରିଥିଲେ। ପରେ ପରେ ପୁଲିସ ଡେପୁଟି କମିଶନର ପୁଲିସ୍(ଉତ୍ତର) ଏମକେ ମୀନା ସଂପୃକ୍ତ ଅଧିକାରୀଙ୍କୁ ନିଲମ୍ବିତ କରିଥିବା ଜଣାପଡ଼ିଛି।

## ୩୭୦ ଧାରା ଉଚ୍ଛେଦକୁ ସମାଲୋଚନା ଅଧିକାର ସମସ୍ତଙ୍କ ରହିଛି : ସୁପ୍ରିମକୋର୍ଟ



ନୂଆଦିଲ୍ଲୀ, ୮ ।୩(ଏଜେନ୍ସି): ସମ୍ବିଧାନର ଧାରା ୧୯(୧)(ଏ) ଅନୁଯାୟୀ ଆଇନ ନ ଭାଙ୍ଗି ଶାନ୍ତିପୂର୍ଣ୍ଣ ଭାବେ ଅସହମତ ହେବା କିମ୍ବା ସମାଲୋଚନା କରିବାର ଅଧିକାର ପ୍ରତ୍ୟେକ ନାଗରିକଙ୍କର ରହିଛି। ସମ୍ବିଧାନର ଧାରା ୨୧ରେ ନାଗରିକଙ୍କୁ ଏକ ସମ୍ମାନଜନକ ତଥା ଅର୍ଥପୂର୍ଣ୍ଣ ଜୀବନ ଜାପନର ଅଧିକାର ଦିଆଯାଇଛି। ଜମ୍ମୁ-କଶ୍ମୀରରୁ ୩୭୦ ଧାରା ଉଚ୍ଛେଦ ନିଷ୍ପତ୍ତିକୁ ସମାଲୋଚନା କରିବା ଅଧିକାର ପ୍ରତ୍ୟେକ ନାଗରିକଙ୍କର ରହିଛି ବୋଲି ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ ଅଭୟ ଏସ ଓକା ଓ ବିଚାରପତି ଉଜ୍ଜ୍ୱଳ ଭୁୟାଁଙ୍କ ଖଣ୍ଡପୀଠ ରୁଲିଂ ଦେଇଛନ୍ତି। ଏପରି ରୁଲିଂ ସହ ଖଣ୍ଡପୀଠ ମହାରାଷ୍ଟ୍ରର କୋହ୍ଲାପୁର କଲେଜର ପ୍ରଫେସର ଜାଭେଦ ଅହମଦ ହାଜାମଙ୍କୁ ଦୋଷମୁକ୍ତ କରିଛନ୍ତି। ଜମ୍ମୁ-କଶ୍ମୀରରୁ ୩୭୦ ଧାରା ଉଚ୍ଛେଦ ହେବା ଓ ଜମ୍ମୁ-କଶ୍ମୀରର ରାଜ୍ୟ ମାନ୍ୟତା ପ୍ରତ୍ୟାହୃତ ହେବାରୁ ପ୍ରଫେସର ଜାଭେଦ ଅହମ୍ମଦ ହାଜାମ ଏକ ହ୍ୱାଟସଆପ୍ ଷ୍ଟାଟସରେ ଅଗଷ୍ଟ ୫ କଶ୍ମୀର ପାଇଁ କଳା ଦିବସ ଓ ଅଗଷ୍ଟ ୧୪ ପାକିସ୍ତାନର ସ୍ୱାଧୀନତା ଦିବସରେ ପାକିସ୍ତାନୀଙ୍କୁ ଶୁଭେଚ୍ଛା ବାର୍ତ୍ତା ପୋଷ୍ଟ କରିଥିଲେ। ସେଥିପାଇଁ ପୁଲିସ୍ ତାଙ୍କ ବିରୋଧରେ ଆଇପିସିର ଧାରା ୧୫୩(ଏ)ରେ ମାମଲା ରୁଜୁ କରିଥିଲା। କିନ୍ତୁ ସମାଲୋଚନା ଓ ପ୍ରତିବାଦ ପାଇଁ ଯଦି ଧାରା ୧୫୩(ଏ) ଲାଗୁ କରାଯାଏ ତେବେ ଦେଶରେ ଗଣତନ୍ତ୍ର ହିଁ ରହିବ ନାହିଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି।

## ଅମ୍ରିତପାଲ ସିଂକୁ ସହାୟତା କରିବା ଅଭିଯୋଗରେ ଜେଲ୍ ଅଧୀକ୍ଷକ ଗିରଫ

ଗୌହାଟୀ,୮ ।୩(ଏଜେନ୍ସି): ଆସାମର ଦିବ୍ରୁଗଡ କେନ୍ଦ୍ରୀୟ ଜେଲର ବନ୍ଦୀ ଥିବା ଖଲିସ୍ତାନୀ ସମର୍ଥକ ତଥା ୱାରିସ୍ ପଞ୍ଜାବ ଦେ ' ସଂଗଠନ ମୁଖିଆ ଅମ୍ରିତପାଲ ସିଂକୁ ସହାୟତା କରିବା ଅଭିଯୋଗରେ ଏହି ଜେଲର ଅଧୀକ୍ଷକ ନୃପେନ ଦାସଙ୍କୁ ଶୁକ୍ରବାର ଗିରଫ କରାଯାଇଛି। ଜେଲର ଜଣକ ଅମୃତପାଲ ଏବଂ ତାଙ୍କ ସହଯୋଗୀମାନଙ୍କୁ ସହାୟତା କରୁଥିଲେ ବୋଲି ଅଭିଯୋଗ ହୋଇଛି। କିଛି ଦିନ ପୂର୍ବେ ଏହି କଏଦୀମାନଙ୍କ ପାଖରୁ ସ୍ମାର୍ଟଫୋନ୍, ସ୍ପାଇକାମ ,ବ୍ଲୁଟୁଥ୍ ସ୍ପିକର ସମେତ ଅନ୍ୟ ବହୁ ଇଲେକ୍ଟ୍ରୋନିକ୍ ଉପକରଣ ଜବତ କରାଯାଇଥିଲା। ସେମାନଙ୍କ ନିକଟରେ ଏହିସବୁ ଉପକରଣ ପହଞ୍ଚିବା କ୍ଷେତ୍ରରେ ଜେଲର ନୃପେନଙ୍କ ଭୂମିକା ରହିଥିଲା ଏବଂ ସେ ଆବଶ୍ୟକ ଅନୁସାରେ ତାଙ୍କ କର୍ତ୍ତବ୍ୟ ତୁଲାଇ ନଥିବା କୁହାଯାଇଛି। ନୃପେନ ଗିରଫ ହେବା ପରେ ଏବେ ତାଙ୍କୁ ଦିବ୍ରୁଗଡ ସଦର ପୁଲିସ ଷ୍ଟେସନରେ ରଖାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ଗତ ମାସରେ ଆସାମର ଦିବ୍ରୁଗଡ ସେଣ୍ଟ୍ରାଲ ଜେଲରୁ ଅନେକ ବୈଦ୍ୟୁତିକ ଉପକରଣ ଉଦ୍ଧାର କରାଯାଇଥିଲା, ଯେଉଁଠାରେ ଜାତୀୟ ସୁରକ୍ଷା ଆଇନ (ଏନଏସଏ)ରେ ଗିରଫ ହୋଇଥିବା ବନ୍ଦୀମାନଙ୍କୁ ରଖାଯାଇଥିଲା। ଅନ୍ୟ ସେଲ ତୁଳନାରେ ଏନଏସଏ ସେଲଗୁଡ଼ିକରେ ଅତ୍ୟନ୍ତ ସତର୍କତା ସହ ନଜର ରଖାଯାଇଥିଲା ବେଳେ ଏହିସବୁ ଉପକରଣ ସେଠାରେ କିଭଳି ପହଞ୍ଚିପାରିଲା ତାହାକୁ ନେଇ ପ୍ରଶ୍ନ ଉଠିଥିଲା।



# ଉଚ୍ଛେଦ ପାଇଁ ନୋଟିସ୍

**ଗୋରୁମହିଷାଣି, ୮ ।୩(ସମିସ):** ଦକ୍ଷିଣ ପୂର୍ବ ରେଳପଥ ଅଧୀନ ଚକ୍ରଧରପୁର ଡିଭିଜନ ଅଧୀନ ସିନିୟର୍ ସେକ୍ସନ ଇଞ୍ଜିନିୟର ଅଫିସରୁ ଗୋରୁମହିଷାଣୀ ରେଳ ଷ୍ଟେସନ ପାଖରେ କରିଥିବା ଦୋକାନ ବଜାର ତଥା ବାସଗୃହ କରି ରହିଥିବା ଲୋକମାନଙ୍କୁ ଆସନ୍ତା ୧୫ତାରିଖ ସୁଦ୍ଧା ଜାଗା ଖାଲି କରିବାକୁ ନୋଟିସ୍ ଦିଆଯାଇଛି। ଯଦି ସାତ ଦିନ ମଧ୍ୟ ରେ ଖାଲି ନ କରିବେ ତା ହେଲେ ଆଇନ ଅନୁଯାୟୀ ସମସ୍ତ ଦୁକାନ ତଥା ବାସଗୃହ ଗୁଡ଼ିକ ଭାଙ୍ଗି ଦିଆଯିବ ବୋଲି ଅଧିକାରୀ କହିଛନ୍ତି। ରେଳବିଭାଗ ପକ୍ଷରୁ କୁହାଯାଇଛି ଯେ ରେଳ ଟ୍ରାକ୍ ଅପରିଷ୍କାର ତଥା ସିଗ୍ନାଲିଂ ସମସ୍ୟା ଯୋଗୁଁ ପ୍ରଥମ ପର୍ଯ୍ୟାୟ ରେ ୬୦ ଜଣଙ୍କୁ ନୋଟିସ୍ ଦିଆଯାଇଛି। ପରବର୍ତ୍ତୀ ସମୟରେ ବାକି ଜବରଦଖଲ କାରୀଙ୍କୁ ନୋଟିସ୍ ଦିଆଯିବ।

# ଗଛ ପଡ଼ି ଭାଙ୍ଗିଲା ଘର

**ଠାକୁରମୁଣ୍ଡା, ୮ ।୩(ସମିସ):** ଗୁରୁବାର ରାତିରେ ଠାକୁରମୁଣ୍ଡାରେ ପ୍ରବଳ ବର୍ଷା ସାଙ୍ଗକୁ ଝଡ଼ ପବନ ହେବା ଯୋଗୁଁ ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଗଛ ପଡ଼ି ଯାଇଥିବାର ଜଣାଯାଇଛି। ଠାକୁରମୁଣ୍ଡା ବ୍ଲକର ରୁଗୁଡ଼ିବେଡା ଗ୍ରାମରେ ଏକ ବିରାଟ କାୟ ଆମ୍ବ ଗଛ ଜଣଙ୍କ ଘର ଉପରେ ପଡ଼ିବାରୁ ଘରଟି ନଷ୍ଟ ହୋଇଥିବାର ଜଣାଯାଇଛି। ରୁଗୁଡ଼ିବେଡା ଗ୍ରାମର ଭଗବାନ ଦେହୁରୀ ରୋଷେଇ କରୁଥିବା ସମୟରେ ହଠାତ ବର୍ଷା ସାଙ୍ଗକୁ ପ୍ରବଳ ପବନ ଆସିବାରୁ ରାସ୍ତା କଡରେ ଥିବା ଆମ୍ବ ଗଛଟି ଘର ଉପରେ ପଡ଼ି ଯାଇଥିଲା। ଏଥିରେ ଦୁଇବଖରା ବିଶିଷ୍ଟ ଘରର ଗୋଟିଏ ବଖରା ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବାବେଳେ ଅନ୍ୟ ଏକ ବଖରା ଆଂଶିକ ନଷ୍ଟ ହୋଇଥିବାର ଜଣାଯାଇଛି।

# ଅପହୃତା ନାବାଳିକା ଉଦ୍ଧାର

**କୁଆମରା, ୮ ।୩(ସମିସ):** ଖୁଣ୍ଟା ଥାନା ଅଞ୍ଚଳରେ ଏକ ନାବାଳିକାକୁ ଜଣେ ଯୁବକ ଗତ ୨୧ ତାରିଖରେ ଅପହରଣ କରି ନେଇଥିବାର ଅପହୃତା ଙ୍କ ମାଆ ଖୁଣ୍ଟା ଥାନା ରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ଯୁବକଙ୍କ ବିରୋଧରେ ଏକ ମାମଲା ରୁଜୁ କରି ପୁଲିସ ତଦନ୍ତ ଚଳାଇଥିବା ବେଳେ ଅପହୃତା କଲିକତାରେ ଥିବାର କୌଣସି ସୂତ୍ରରୁ ଖବର ମିଳିଥିଲା। ଖୁଣ୍ଟା ଥାନା ଓ ଡୁକୁରା ଫାଣ୍ଡି ପୁଲିସ ପହଞ୍ଚି କଲିକତାସ୍ଥିତ ଝାଡ଼ ଗ୍ରାମରେ ଚଢ଼ଉ କରି ଅପହୃତା ନାବାଳିକାକୁ ଉଦ୍ଧାର କରିବା ସହ ଅପହରଣକାରୀ ଚୁନଡିହା ଗ୍ରାମର ଯୋଗେଶ୍ୱର ବେହେରା (୨୬)ଙ୍କୁ ଗିରଫ କରି ଆଜି କୋର୍ଟ ଚାଲାଣ କରାଯାଇଛି। ତେବେ ପରିବାର ଲୋକେ ଝିଅ କୁ ଘରକୁ ନେବାକୁ ରାଜି ହେଉ ନଥିବା ବେଳେ ଅନ୍ୟ ପଟେ ନାବାଳିକା ପୁଅ ଘରକୁ ଯିବା ପାଇଁ ଜିଦ୍ ଧରିଛି। ପୁଲିସ ନାବାଳିକାକୁ ଉଦଳା ସୁଧାରଗୃହରେ ଛାଡିଛି।

# 'ଓଁ ନମଃ ଶିବାୟ' ଧ୍ୱନିରେ କମ୍ପିଲା ପୁରପଲ୍ଲୀ

## ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ଶୈବପୀଠରେ ଭକ୍ତଙ୍କ ଭିଡ଼

**ବାରିପଦା, ୮ ।୩(ସମିସ)**

ପବିତ୍ର ମହାଶିବ ରାତ୍ରି ଉପଲକ୍ଷେ ଶୁକ୍ରବାର ମୟୂରଭଞ୍ଜ ଜିଲ୍ଲାର ସମସ୍ତ ଶୈବପୀଠ ଉତ୍ସବ ମୁଖର ହୋଇପଡ଼ିଛି। ଜିଲ୍ଲାରେ ଥିବା ବିଭିନ୍ନ ଶୈବପୀଠରେ ଭକ୍ତମାନଙ୍କ ସମାଗମରେ ଭିଡ଼ କମ ପରିଲକ୍ଷିତ ହୋଇଛି। ଜିଲ୍ଲାର ମାଣତ୍ରୀର ବାବା କଖାରୁଆ ବୈଦନାଥ ପୀଠ, ଖିଚିଂର ଶ୍ରୀ ଚନ୍ଦ୍ରଶେଖର ଓ ଶ୍ରୀ ମୃତ୍ୟୁଞ୍ଜୟ, କପ୍ତିପଦାର ଝିଙ୍କପଦାର ବାବା ଝିଙ୍କେଶ୍ୱର, ବାଙ୍ଗିରିପୋଷି ଶିମିଳାର ଶିମେଳେଶ୍ୱର, ରାସଗୋବିନ୍ଦପୁର ଦେବଶୋଳର ବୁଦ୍ଧେଶ୍ୱର, ବଦଳିଗାଁର ଭୁତେଶ୍ୱର, ଝାରପୋଖରିଆର ଲୋକନାଥ ମହାଦେବ ପୀଠ, କାଲାଝିନେଇର ଶୈବପୀଠ, ଚିତ୍ରଡ଼ା, କୋହି, ଗଡ଼ିଆ, ଚଢ଼େଇଗାଁ, ମୋରଡ଼ା, ଛୋଟରାୟପୁର, ପାରିଆକୁଲି, ପଳାସମୁଣ୍ଡଳି, କମାରଡ଼ିହା, ଜାମଶୋଳ ଓ ଶୀର୍ଷା ଆଦି ବିଭିନ୍ନ ପ୍ରସିଦ୍ଧ ଶୈବପୀଠମାନଙ୍କରେ ବହୁ ସଂଖ୍ୟାରେ ଭକ୍ତ ଭୋରରୁ ରିପୋର୍ଟ ଲେଖା ଯିବା ପର୍ଯ୍ୟନ୍ତ ଶିବଙ୍କୁ ଆରାଧନା ସାଙ୍ଗକୁ ବ୍ରତୀ ମାନେ ଦ୍ୱୀପ ଜାଳୁଛନ୍ତି। ବାରିପଦା ସହରର ବାରୁଣୀଘାଟ ବାରୁଣେଶ୍ୱର ଶୈବପୀଠରେ ପ୍ରତ୍ୟୁଷରୁ ଦିନସାରା ମହିଳା ଭକ୍ତମାନଙ୍କର ଲମ୍ବା ଧାଡ଼ି ଲାଗିଥିଲା। ସେହିପରି ବାରିପଦା ସହରର ଉପକଣ୍ଠରେ ବୁଢାବଳଙ୍ଗ, ଚିପଟ ଓ ଇଟାଯୋଡ଼ି ନଦୀର ସଂଗମସ୍ଥଳୀରେ ଅବସ୍ଥିତ ଓ ଦକ୍ଷିଣାବର୍ତ୍ତ ତନ୍ତ୍ରପୀଠ ଭାବରେ ପରିଚିତ ବାବା ବୁଢ଼ାରାଉଳ ମହାଦେବ ବା ଧ୍ୱନୀ ମଠରେ ଯଜ୍ଞ ଓ ହୋମ ହୋଇଥିଲା।



ତ୍ରିବିକ୍ରମେଶ୍ୱର ମନ୍ଦିର, ରଘୁନାଥପୁରର ହରିହର ମନ୍ଦିର, ପଞ୍ଚାନନ ଶିବ ମନ୍ଦିର, ପୁଲିସ ଲାଇନ ମହାଦେବ ମନ୍ଦିର, ତକତପୁର ପାତାଳେଶ୍ୱର ମନ୍ଦିର, ବାଘଡ଼ାରୋଡ଼ ଓ ଭଞ୍ଜପୁର ଭଞ୍ଜେଶ୍ୱର ମନ୍ଦିର, ଅମ୍ବିକେଶ୍ୱର ମହାଦେବ, ଝିଞ୍ଜିରୀବନ୍ଧ ଲୋକେଶ୍ୱର ମନ୍ଦିର, ମୁର୍ଗାବାଡ଼ି ମହାଦେବ ମନ୍ଦିର, ଭୁଗୁଡ଼ାକଟାର ଆଖଣ୍ଡଳ ମନ୍ଦିର, କାଳୀମନ୍ଦିର ସାହି ଶ୍ମଶାନେଶ୍ୱର ଶିବ ମନ୍ଦିର, ଧବଳେଶ୍ୱର, କାମେଶ୍ୱର, ପାତାଳେଶ୍ୱର, ଯଜ୍ଞେଶ୍ୱରାଇ ମନ୍ଦିର, କପାଳଲୋଚନ, ବଟେଶ୍ୱର, ଚମ୍ପକେଶ୍ୱର ମନ୍ଦିର, ଅଷ୍ଟଲିଙ୍ଗେଶ୍ୱର, ଷ୍ଟେସନ ବଜାର, କେସି ସର୍କଲ, ଚାପଲ ପୋଖରୀ, ହେମସାଗର ପୋଖରୀ ଓ ରାଜପ୍ରାସାଦ ପରିସରରେ ଥିବା ସମସ୍ତ ଶୈବପୀଠ ସହିତ ମା' ଅମ୍ବିକା ମନ୍ଦିର, ହରିବଳଦେବ ଜୀଉ



ବିଜେ ବାରିପଦା ଜଗନ୍ନାଥ ମନ୍ଦିର, ରାଣୀସତୀ, ଶୀତଳା, ରାଧାମୋହନ ଓ ଶିରିଡ଼ି ସାଇପୀଠାରେ ଭକ୍ତମାନଙ୍କ ଭିଡ଼ ଦେଖିବାକୁ ମିଳିଥିଲା।

**କରଞ୍ଜିଆ:** ମହାଶିବରାତ୍ରି ପାଇଁ ବିଭିନ୍ନ ମନ୍ଦିରରେ ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳିଥିଲା। କରଞ୍ଜିଆ ସହରରେ ଥିବା ପୁର୍ଣ୍ଣେଶ୍ୱର ଶୈବପୀଠ ବାଉନା ଶାଳରେ ପୂଜା ପାଉଥିବା ମୁକ୍ତେଶ୍ୱର ଶୈବ ପୀଠ, ମାଣିକ ଛକ ଓ ସରଧାର ସିଦ୍ଧେଶ୍ୱର ଶୈବପୀଠ, ଝାଡେଶ୍ୱର ଶୈବ ପୀଠ, ଅଶକେସ୍ୱର, ଚନ୍ଦ୍ରଶେଖର ଶୈବ ପୀଠ, କରଡ଼ିଆସ୍ଥିତ ବ୍ରହ୍ମେଶ୍ୱର ଶୈବ ପୀଠ, ବାଲୁଙ୍କେଶ୍ୱର ଶୈବ ପୀଠ, ମଙ୍ଗଳାମନ୍ଦିର ସ୍ଥିତ ଶିବମନ୍ଦିରରେ ପୂଜାଅର୍ଚ୍ଚନା କରିବା ପାଇଁ ଭକ୍ତଙ୍କ ଭିଡ଼ ଲାଗିଥିଲା। ଭିଡକୁ ଆୟତ କରିବାକୁ ପୁଲିସ ମୁତୟନ କରାଯାଇଥିଲା।

**ମୋରଡ଼ା:** ମୟୂରଭଞ୍ଜ ଜିଲ୍ଲାର ମୋରଡ଼ା ବ୍ଲକର ବିଭିନ୍ନ ଶୈବ ପୀଠ ଚଳଚଞ୍ଚଳ ହୋଇଉଠିଛି। ବାବା ଚିତ୍ରେଶ୍ୱର ଶୈବ ପୀଠରେ ଗ୍ରାମ ଶାନ୍ତି ପାଇଁ ନାମଯଜ୍ଞ ଚାଲିଛି। ଶ୍ରଦ୍ଧାଳୁ ମାନେ ରାତିରେ ଚାରିପ୍ରହରରେ ଦୀପ ଜାଳିବା ସହିତ ଶିବଙ୍କର ଅଷ୍ଟନାମ ଯଥା- ଭବ, ଶର୍ବ, ରୁଦ୍ର, ପଶୁପତି, ଉଗ୍ର, ମହାନ ଭୀମ, ଈଶାନ ମଧ୍ୟରୁ ଯେକୌଣସି ନାମ ବା ଶିବ ପଞ୍ଚାକ୍ଷର ମନ୍ତ୍ର ଜପ କରୁଥିବାର ଦେଖିବାକୁ ମିଳିଛି। ଏତଦବ୍ୟତୀତ ପାରିଆକୁଲି ର ବାବା ପାରେଶ୍ୱର ପୀଠ, ଛୋଟରାୟପୁର ର ବାବା ଜଟେଶ୍ୱର ପୀଠ, ମୋରଡ଼ା ର ଶିବ ମନ୍ଦିର, ବରକନ୍ଦ ର ଶିବ ମନ୍ଦିର ଆଦି ସ୍ଥାନରେ ପ୍ରବଳ ଲୋକଙ୍କ ଭିଡ଼ ଜମିଥିବାର ଦେଖିବାକୁ ମିଳିଛି।

**ବଡ଼ସାହି/ମାଣତ୍ରୀ :** ମାଣତ୍ରୀସ୍ଥିତ ବାବା କଖାରୁଆ ବୈଦ୍ୟନାଥଙ୍କ ମନ୍ଦିରରେ ମହାଶିବରାତ୍ରି ଅବସରରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଛି। ଏହି ପୀଠରେ ରାତ୍ରରେ ଚତୁର୍ଥ ପ୍ରହରରେ ମହାଦୀପ ଦେଉଳ ଉପରକୁ ଉଠୁଥିବାରୁ ଏଠାରେ ବ୍ରତୀଙ୍କ ଭିଡ଼ ଲାଗିଥାଏ। ମନ୍ଦିର ସଂଲଗ୍ନ ୨କିମି ପରିବ୍ୟାପ୍ତ ଚାଷ ଜମିରେ ସହସ୍ରାଧିକ ବ୍ରତୀ ଜାଗର ଦୀପ ଜାଳିଥିଲେ। ରାତି ୧୧ଟାରେ ସାଧାରଣ ଦର୍ଶନ ବନ୍ଦ ସାଙ୍ଗକୁ ସରକାରୀ ଖଟଣୀ ଓ ବିଶେଷ ପୂଜା ଆରମ୍ଭ ହୋଇ ରାତି ୧୨ଟାରୁ ୨ଟା ପର୍ଯ୍ୟନ୍ତ ସହସ୍ର କୁମ୍ଭାଭିଷେକ, ୨ଟା ୩୦ମିନିଟରେ ଶତଫଳ ଅର୍ପଣ, ୩ଟାରେ ଶୃଙ୍ଗାରବେଶ, ୩ଟାରୁ ୪ଟାରେ ନଗର କୀର୍ତ୍ତନ ସାଙ୍ଗକୁ ମହାଦୀପ ଉଠିବ। ଶନିବାର ଭୋର ୫ଟାରୁ ପୂର୍ବାହ୍ନ ୧୦ଟା ପର୍ଯ୍ୟନ୍ତ ସର୍ବସାଧାରଣଙ୍କ ପାଇଁ ସୁନାବେଶ ଦର୍ଶନ ଚାଲୁ ରହିବ। ଅନୁକୂଳ ପାଗ ପାଇଁ ଦିନତମାମ୍ ଭକ୍ତଙ୍କ ଭିଡ ପରିଲକ୍ଷିତ ହୋଇଛି। ଧର୍ମଜାଗରଣ ସମିତି ପକ୍ଷରୁ ୨୪ଘଣ୍ଟିଆ 'ଓଁ ନମଃ ଶିବାୟ ଜପ' ପରିବେଶକୁ ଧାର୍ମିକ ବାତାବରଣରେ ପରିଣତ କରିଛି। ମାଜିଷ୍ଟ୍ରେଟ, ଡ଼ିଏସପି, ବୈଶିଙ୍ଗା ଓ ବେତନଟୀ ଆଇଆଇସିଙ୍କ ନେତୃତ୍ୱରେ ମୁତୟନ ୨ପ୍ଲାଟୁନ ପୁଲିସ ଫୋର୍ସ, ଅଫିସର ଓ କର୍ମଚାରୀଗଣ ଶାନ୍ତିଶୃଙ୍ଖଳା ରକ୍ଷା କରୁଛନ୍ତି। ବଡ଼ସାହି ଅଗ୍ନିଶମ ବିଭାଗ ପକ୍ଷରୁ ମନ୍ଦିର ସଂଲଗ୍ନ ଜଳାଶୟରେ ଲାଇଫ ବୋଟ ରଖାଯାଇଥିବା ବେଳେ ଦୀପ ଜାଳିବା ସମୟରେ ବ୍ରତୀ ମାନଙ୍କୁ ସତର୍କ କରାଉଛନ୍ତି।



# ଆସିଲା କିଚକେଶ୍ୱରୀଙ୍କ ଅଜ୍ଞାମାଳ



**କରଞ୍ଜିଆ, ୮ ।୩(ସମିସ):** ଏକାଦଶ ତମ କରଞ୍ଜିଆ ମହୋତ୍ସବ ଚଳିତବର୍ଷ ଏପ୍ରିଲ ୫ ତାରିଖରୁ ଆରମ୍ଭ ହେବ। ଏଥିପାଇଁ ଆଜି ଖିଚିଂସ୍ଥିତ ମା' କଚକେଶ୍ୱରୀ ମନ୍ଦିରରେ ବାର୍ଷିକ ପୂଜା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପୂଜାରେ କର୍ତ୍ତାଭାବେ କମିଟିର କାର୍ଯ୍ୟକାରୀ ସଭାପତି ତଥା କରଞ୍ଜିଆ ଓକିଲ ସଂଘର ସମ୍ପାଦକ ଦିବ୍ୟପ୍ରସାଦ ସାହୁ କାର୍ଯ୍ୟ ତୁଲାଇଥିଲେ। ଏଥିରେ କମିଟିର, କର୍ଣ୍ଣାର୍ଜୁନ ସାହା, ସଞ୍ଜୟ କୁମାର ଅଗ୍ରୱାଲ, ପିପୁନ କୁମାର ସାହୁ, ସରକାରୀ ଓକିଲ ଜଗ ମୋହନ ମହାନ୍ତ, କବିତା ମହାନ୍ତ ଉପସ୍ଥିତ ଥିଲେ। ପରମ୍ପରା ଅନୁଯାଇ ଆଜି ମାଙ୍କ ପାଖରୁ ଅଜ୍ଞାମାଳ ଆସିଲା।

# ବାରିପଦାର ଝିଅ ସର୍ଜନ କମାଣ୍ଡର ଅନନ୍ୟାଙ୍କୁ ପ୍ରଶଂସାର ସୁଅ

**ବାରିପଦା, ୮ ।୩(ସମିସ):** ସମ୍ପ୍ରତି ଇସ୍ରାଏଲର ଯୁଦ୍ଧ ଆକ୍ରମଣ ହେତୁ ଲୋହିତ ସାଗରରେ ଭୟଙ୍କର ଯୁଦ୍ଧ ପରିସ୍ଥିତି ସୃଷ୍ଟି ହୋଇଛି। କିନ୍ତୁ ଏହି ଲୋହିତ ସଗର ପଥ ଦେଇ ବିଶ୍ୱର ଅଧିକାଂଶ ଦେଶର ତୈଳବାହୀ ଜାହାଜ ସମେତ ଅନ୍ୟାନ୍ୟ ପଣ୍ୟବାହୀ ଜାହାଜ ଯାତାୟାତ କରିଥାଏ। ଏହି ପଥ ଦେଇ ଭାରତର ପଣ୍ୟବାହୀ ଜାହାଜ ସବୁ ମଧ୍ୟ ଯାତାୟାତ କରିଥାଏ। ଏହି ଜାହାଜ ସବୁକୁ ସୁରକ୍ଷା ଦେବାପାଇଁ ଭାରତୀୟ ନୌବାହିନୀ ସେ ଅଞ୍ଚଳରେ ଅନେକ ଦିନରୁ ପଇଁତରା ମାରୁଛନ୍ତି। ଗତ ୬ ତାରିଖ ଦିନ ସିରିଆର ହାଉତି ବିଦ୍ରୋହୀଙ୍କ କ୍ଷେପଣାସ୍ତ୍ର ଆକ୍ରମଣରେ କ୍ଷତିଗ୍ରସ୍ତ ହେଲା ତାଇୱାନର ଏକ ପଣ୍ୟବାହୀ ଜାହାଜ 'ଟ୍ରୁ କନ୍‌ଡେନସ'। ଏହି ଜାହାଜରେ ୨୧ ଜଣ ନୌକର୍ମଚାରୀ ଥିଲେ। ସେମାନଙ୍କ ମଧ୍ୟରୁ ଜଣେ ଭାରତୀୟ ଥିଲେ। କ୍ଷେପଣାସ୍ତ୍ର ମାଡ଼ରେ ଜଣେ ନାବିକର ମୃତ୍ୟୁହେବା ସହ ଅନ୍ୟମାନେ ଆହତ ହୋଇଥିଲେ। ସେମାନଙ୍କୁ ଭାରତୀୟ ନୌସେନାର ଏକ ଯୁଦ୍ଧତରୀ ଉଦ୍ଧାର କଲା। ସେହି ଜାହାଜର ଏକମାତ୍ର ଡାକ୍ତର ଭାବରେ ନିଯୁକ୍ତ ଥିଲେ ବାରିପଦାର ଝିଅ ସର୍ଜନ କମାଣ୍ଡର ଅନନ୍ୟା ଦଳବେହେରା। ଜଣେ ମାତ୍ର ଡାକ୍ତରୀ ସହାୟକଙ୍କ ସହଯୋଗରେ ଅନନ୍ୟା ରାତି ତମାମ ଚିକିତ୍ସା କରି ସମସ୍ତ ଆହତଙ୍କୁ ବଞ୍ଚାଇ ପାରିଛନ୍ତି। ବଡ କଥା ହେଲା ଆହତଙ୍କ ମଧ୍ୟରୁ ତିନି ଜଣ ଅତି ଗୁରୁତର ଥିଲେ, ଯେଉଁମାନଙ୍କ ବଞ୍ଚିବା ଆଶା କମ୍ ଥିଲା। ସେମାନଙ୍କୁ ବଞ୍ଚାଇ ପାରିଥିବାରୁ ବିଭିନ୍ନ ମହଲରେ ତାଙ୍କୁ ପ୍ରଶଂସା କରାଯାଉଛି। ଅଳ୍ପ ବୟସରେ ଏତେ ବଡ଼ ଦାୟିତ୍ୱ ସଫଳତାର ସହ ନିର୍ବାହ କରିଥିବାରୁ ସେ ମଧ୍ୟ ଆତ୍ମତୃପ୍ତି ଲାଭ କରିଛନ୍ତି ବୋଲି ତାଙ୍କ ପିତା ବିଶିଷ୍ଟ ସାହିତ୍ୟିକ ମନୋଜ ଦଳବେହେରା ପ୍ରକାଶ କରନ୍ତି। ପ୍ରକାଶ ଥାଉକି, କ୍ଷତିଗ୍ରସ୍ତ ଜାହାଜର ଭାରତୀୟ ନାଗରିକ ଏବେ ସୁସ୍ଥ ଅଛନ୍ତି।



# ବୁଣାକାର ସୀତା ମୁର୍ମୁ ସମ୍ବର୍ଦ୍ଧିତ

**ବାରିପଦା, ୮ ।୩(ସମିସ):** ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ନାବାର୍ଡ ପକ୍ଷରୁ ଆୟୋଜିତ ଏକ ବିଶେଷ କାର୍ଯ୍ୟକ୍ରମରେ ମୟୂରଭଞ୍ଜ ଜିଲ୍ଲା ଉଦଳା ବ୍ଲକ ବାବନଗଡ଼ ଗ୍ରାମର କୁଶଳୀ ମହିଳା ବୁଣାକାର ସୀତା ମୁର୍ମୁଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଭୁବନେଶ୍ୱରରେ ଆୟୋଜିତ କାର୍ଯ୍ୟକ୍ରମରେ ଉତ୍କଳ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱରର ପ୍ରଫେସର ଡ. ସଂଘମିତ୍ରା ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏ ଅବସରରେ ନାବାର୍ଡ ଓଡ଼ିଶା ଆଞ୍ଚଳିକ କାର୍ଯ୍ୟାଳୟର ମୁଖ୍ୟ ମହାପ୍ରବନ୍ଧକ ଡ. ସୁଧାଂଶୁ କେକେ ମିଶ୍ର ଅନ୍ତର୍ଜାତୀୟ ମହିଳା ଦିବସର ଗୁରୁତ୍ୱ ଉପରେ ଆଲୋକପାତ କରିବା ସହ ଗ୍ରାମୀଣ ମହିଳାଙ୍କୁ ସଶକ୍ତ କରିବା ପାଇଁ ନାବାର୍ଡ ପକ୍ଷରୁ କାର୍ଯ୍ୟ କରୁଥିବା ବିଭିନ୍ନ ସ୍କିମ୍ ଉପରେ ବିବରଣୀ ପ୍ରଦାନ କରିଥିଲେ। ସୀତା ମୁର୍ମୁ ମୌନଧ୍ୱନି ମାଧ୍ୟମରେ ହସ୍ତତନ୍ତ ବୁଣାବୁଣି ପ୍ରଶିକ୍ଷଣ ନେଇ ଏବେ ରୋଜଗାରକ୍ଷମ ହୋଇପାରିଛନ୍ତି। ସୀତା ହସ୍ତତନ୍ତରେ ପାରମ୍ପରିକ ଶାଢ଼ୀ, ଗାମୁଛା, ଷ୍ଟଲ୍, ବ୍ୟାଗ୍ କପଡ଼ା, ଡାଏରୀ କଭର୍ କପଡ଼ା, ସାର୍ଟିଂ କପଡ଼ା ଆଦି ବୁଣାବୁଣି କରିବାକୁ ସକ୍ଷମ ହୋଇପାରିଛନ୍ତି। ଏଥିପାଇଁ ତାଙ୍କ ସ୍ୱାମୀ ଏବଂ ପରିବାରର ଅନ୍ୟ ସଦସ୍ୟ ତାଙ୍କୁ ପ୍ରେରଣା ଏବଂ ସହଯୋଗ ଯୋଗାଇ ଆସୁଛନ୍ତି।



# ମିଳିଲାନି ମହାପ୍ରୟାଣ ଗାଡ଼ି; କାନ୍ଧରେ ବୁହାହେଲା ଶବ

**ବାରିପଦା, ୮ ।୩(ସମିସ)**

ମୃତ୍ୟୁପରେ ଶବକୁ ମିଳିଲା ନାହିଁ ମହାପ୍ରୟାଣ ଗାଡ଼ି। ଫଳରେ ପରିବାରଲୋକେ କାନ୍ଧରେ ଶବକୁ ବୋହି ନେଇଛନ୍ତି। ସୂଚନା ଅନୁଯାୟୀ, ବାରିପଦା ସଦରଥାନା ଦାମୋଦରପୁର ଅଞ୍ଚଳର କାର୍ତ୍ତିକ ବିନ୍ଧାଣିଙ୍କ ପୁଅ ପ୍ରକାଶ କୌଣସି କାରଣ ପାଇଁ ଆତ୍ମହତ୍ୟା କରିଥିଲେ। କିନ୍ତୁ ପ୍ରେମଜନିତ କାରଣକୁ ନେଇ ତାଙ୍କୁ ହତ୍ୟା କରାଯାଇଥିବା ପରିବାରଲୋକେ ଅଭିଯୋଗ କରିଥିଲେ। ଉକ୍ତ ଅଭିଯୋଗକୁ ନେଇ ସଦରଥାନା ପୁଲିସ ପକ୍ଷରୁ ଏକ ହତ୍ୟା ମାମଲା ରୁଜୁକରି ଶବ ବ୍ୟବଚ୍ଛେଦ ପାଇଁ ପିଆରଏମ ମେଡିକାଲ କଲେଜ ଏବଂ ହସ୍ପିଟାଲକୁ ପଠାଇ ଦେଇଥିଲେ। ଶବ ବ୍ୟବଚ୍ଛେଦ ପରେ ମୃତଦେହକୁ ଘରକୁ ନେବାକୁ ସରକାରୀ ଶବବାହକ ଗାଡି 'ମହାପ୍ରୟାଣ' ମିଳି ନ ଥିଲା। ଏଥିସହିତ କୌଣସି ପ୍ରାଇଭେଟ୍ ଶବବାହକ ଗାଡି ମଧ ହତ୍ୟା ଅଭିଯୋଗ ପାଇଁ ମୃତଦେହକୁ ନେବାକୁ ଅମଙ୍ଗ ପ୍ରକାଶ କରିଥିଲେ। ଏହାପରେ ବାଧହୋଇ ପରିବାରଲୋକେ ଶବକୁ କାନ୍ଧରେ ବୋହି ଘରକୁ ନେଇଥିଲେ। ପୁଲିସ ପାଲବଣି ନିକଟରେ ପହଞ୍ଚି ଜୋର ଜବରଦସ୍ତ ଭାବେ ଶବକୁ ହସ୍ପିଟାଲ ପରିସରସ୍ଥିତ ଶବଗୃହକୁ ନେଇ ଯାଇଥିଲେ। ଏହାକୁ ନେଇ ପରିବାର ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ପରିବାରଲୋକେ ବାରିପଦା ସଦର ଥାନା ଘେରଉ କରିଥିଲେ। ବାରିପଦା ସଦର ଏସ୍‌ଡିପିଓ ସୁଜିତ ପ୍ରଧାନ ଓ ଥାନା ଅଧିକାରୀଣି ମଧୁସ୍ମିତା ମହାନ୍ତି ଉତ୍ତେଜିତ ପରିବାର ଲୋକଙ୍କୁ ବୁଝାସୁଝା କରିବା ପରେ ସ୍ଥିତି ଶାନ୍ତ ପଡ଼ିଥିଲା। ପରିବାର ଲୋକଙ୍କୁ ହସ୍ପିଟାଲକୁ ନେଇ ମୃତଦେହ ହସ୍ତାନ୍ତର କରିବା ସହ ତାଙ୍କ ଅଭିଯୋଗକୁ ତଦନ୍ତ ପ୍ରକ୍ରିୟା ଆରମ୍ଭ ହୋଇଛି ବୋଲି ଏସ୍‌ଡିପିଓ ଶ୍ରୀ ପ୍ରଧାନ କହିଛନ୍ତି।



ବାରିପଦା ସଦର ଥାନା ପରିସରରେ ଉତ୍ତେଜନା

## ପିଏଚ୍.ଡି ଲାଭ



ଗବେଷକ ରାଜକୁମାର ବଘେଲ, ମେଟ୍ସ ବିଶ୍ୱବିଦ୍ୟାଳୟ ରାୟପୁରରୁ ଇଂରାଜୀରେ ପି.ଏଚ.ଡି ଉପାଧି ପାଇବା ପାଇଁ ବିବେଚିତ ହୋଇଛନ୍ତି। ତାଙ୍କର ଗବେଷଣାତ୍ମକ ନିବନ୍ଧର ବିଷୟବସ୍ତୁ ଥିଲା "Pantheism, Mythology and its Relationship with humanity with special reference to Naveen Patnaik's works. ଡକ୍ଟର ରାଜକୁମାର ମେଟ୍ସ (MATs)ବିଶ୍ୱବିଦ୍ୟାଳୟର ଇଂରାଜୀ ବିଭାଗର ପ୍ରଫେସର ରଂଜନା ଦାସ ସରଖେଲଙ୍କ ତତ୍ତ୍ୱାବଧାନରେ ଗବେଷଣା କରୁଥିଲେ। ତାଙ୍କର ସନ୍ଦର୍ଭଟି, ଆମିଟି ବିଶ୍ୱବିଦ୍ୟାଳୟ ରାୟପୁର Asst. Professor Sukarna Karkun ଏବଂ ଓଡ଼ିଶା ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ଭୁବନେଶ୍ୱର ଡକ୍ଟର ସନ୍ଧ୍ୟାରାଣୀ ସାହୁଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଅଛି। ଡଃ. ରାଜକୁମାର ସାନସରାଇପାଲି ଗ୍ରାମର ସ୍ୱର୍ଗତ କୁବେର ବଘେଲ ଏବଂ ମାୟାବତୀ ବଘେଲଙ୍କ ଚତୁର୍ଥ ପୁତ୍ର ଅଟନ୍ତି। ସେ ବର୍ତ୍ତମାନ ଅମ୍ବାଭୋନା ବ୍ଲକ୍ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ବଡଧରା ଠାରେ ପ୍ରଧାନଶିକ୍ଷକ ରୂପେ କାର୍ଯ୍ୟରତ। ଏହି ସଫଳତା ପାଇଁ ସେ ତାଙ୍କ ସ୍ତ୍ରୀ ତଥା ପରିବାରର ସମସ୍ତ ସଦସ୍ୟ, ବନ୍ଧୁବାନ୍ଧବ, ଶୁଭେଚ୍ଛୁ, ବିଧାୟକ ଭଟଲି ତଥା ସର୍ବୋପରି ପରମାତ୍ମାଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ଓଏପିଏଫ୍ କନଷ୍ଟେବଲଙ୍କ ମୃତ୍ୟୁ

**ବେତନଟୀ, ୮ ।୩(ସମିସ):** ପୁରୀଖୁଣ୍ଟା ଗ୍ରାମର ଓଏପିଏଫ୍ କନଷ୍ଟେବଲ ଭାବରେ କାର୍ଯ୍ୟରତ ସାଗରାମ ମୁର୍ମୁଙ୍କର ଆକସ୍ମିକ ମୃତ୍ୟୁ ଘଟିଛି। ସ୍ୱର୍ଗତ ଠକୁରୁ ମୁର୍ମୁଙ୍କ ପୁଅ ସାଗରାମ ବାରିପଦା ଜିଲ୍ଲା ମୁଖ୍ୟାଳୟରେ ଓଏପିଏଫ କନଷ୍ଟେବଲ ଭାବରେ କାର୍ଯ୍ୟରତ ଥିଲେ। ଶରୀର ଅସୁସ୍ଥ ଥିବାରୁ ସେ ଚିକିତ୍ସିତ ହେଉଥିବା ବେଳେ ସ୍ୱାସ୍ଥ୍ୟବସ୍ଥା ଶଙ୍କଟାପନ୍ନ ହେବାରୁ ତାଙ୍କୁ ବେତନଟୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ସାଗରାମଙ୍କ ସ୍ତ୍ରୀ ସବିତା ମୁର୍ମୁଙ୍କ ଏତଲାମୂଳେ ବେତନଟୀଥାନା ଏସଆଇ ଲିଲି ବେହେରା ଏକ ଅପମୃତ୍ୟୁ ମାମଲା ରୁଜୁକରି ଶବବ୍ୟବ ଚ୍ଛେଦ କରାଇଛନ୍ତି।

# ନିଶା ବେପାରୀ ସମେତ ୨ ଗିରଫ

**ବେତନଟୀ/ବୈଶିଙ୍ଗା, ୮ ।୩(ସମିସ):** ବେତନଟୀ ବ୍ଲକ ଅଧୀନ ପଣସିଆ ଗ୍ରାମରେ ନକଲି ତଥା ବିଷାକ୍ତ ବିଦେଶୀମଦ ତିଆରି କରାଯାଉଥିବା ଖବର ପାଇ ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ କରାଯାଇ ନକଲିମଦ ପ୍ରସ୍ତୁତିରେ ବ୍ୟବହୃତ ସ୍ପିରିଟ, ରଙ୍ଗ ମିଶ୍ରିତ ସ୍ପିରିଟ, ଅବକାରୀ ବିଭାଗର ନକଲି ଷ୍ଟିକର, ଜବତ କରିବା ସହିତ ଆନ୍ତଜିଲ୍ଲା ନିଶାବେପାରୀ ସମେତ ଦୁଇଜଣଙ୍କୁ ଗିରଫକରି ଶୁକ୍ରବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ଦୁଇଜଣ ହେଉଛନ୍ତି ପଣସିଆ ଗ୍ରାମର ଉପେନ୍ଦ୍ର ସାହୁ(୬୦) ଏବଂ ରେମୁଣା ଥାନା ଅଧୀନ କଲ୍ୟାଣୀପୁର ଗାଙ୍ଗପୁରା ଗ୍ରାମର ଅଭିରାମ ପ୍ରଧାନର ପୁଅ ପବିତ୍ର ପ୍ରଧାନ(୨୪)।









# ମହାଶିବରାତ୍ରୀରେ ଦେବାଳୟରେ ଭକ୍ତଙ୍କ ଭିଡ଼







**କେନ୍ଦୁଝର,୮।୩(ସମିସ)**

ପବିତ୍ର ମହାଶିବରାତ୍ରୀ ଅବସରରେ କେନ୍ଦୁଝର ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଥିବା ଦେବାଳୟମାନଙ୍କରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି। ଶୁକ୍ରବାର ପ୍ରତ୍ୟୁଷରୁ ବିଭିନ୍ନ ସ୍ଥାନରେ ଥିବା ମନ୍ଦିରର ମହାଦେବଙ୍କ ନିକଟରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଅନୁଷ୍ଠିତ ହେବା ସହ ଷୋଡ଼ଶ ଉପଚାରରେ ପୂଜା କରାଯାଇଥିଲା। ଅନେକ ସ୍ଥାନରେ ସନ୍ଧ୍ୟା ସମୟରେ ମହାଦୀପ ଉଠିବା ସହିତ ଆଉ କେତେକ ସ୍ଥାନରେ ବିଳମ୍ବିତ ରାତ୍ରିରେ ମହାଦୀପ ଉଠିବାର ବ୍ୟବସ୍ଥା କରାଯାଇଥିଲା। ଜିଲ୍ଲାର ପ୍ରାଚୀନ ଶୈବପୀଠ ଗୋନାସିକାର ବ୍ରହ୍ମେଶ୍ୱରଙ୍କର ମନ୍ଦିରରେ ପୂଜାର୍ଚ୍ଚନା ଅନୁଷ୍ଠିତ ହେବା ସହ ଭକ୍ତଙ୍କର ଗହଳି ପରିଲକ୍ଷିତ ହୋଇଥିଲା। ସେହିପରି କେନ୍ଦୁଝର ସହରର ବିଭିନ୍ନ ସ୍ଥାନରେ ଥିବା ଶିବମନ୍ଦିର, ବୋଦାପଲସାର ଚନ୍ଦ୍ରଶେଖର ମହାଦେବ, ସିଦ୍ଧମଠ ଚଉବଟାଠାରେ ଥିବା ପ୍ରଭୁ ଶ୍ରୀଧବଳେଶ୍ୱରଙ୍କ ପୀଠ, ବଡ଼ଶାସନର ବାଲୁଙ୍କେଶ୍ୱର ମହାଦେବ, ସାମନ୍ତରାୟପୁର ଶାସନର ବାଣେଶ୍ୱର ମହାଦେବ, ନରସିଂହପୁରଶାସନର ଦୀନେଶ୍ୱର ମହାଦେବ, ନରଣପୁରଠାରେ ଥିବା ଘଡଘଡି ମହାଦେବ, ଧୃପଦାର ଆଖଣ୍ଡଳମଣୀ ମହାଦେବ, ରାଇସୁଆଁର ବାବା ବାଞ୍ଚେଶ୍ୱର, ପଦ୍ମପୁର ଶିବ ମନ୍ଦିର ସମେତ ଜିଲ୍ଲାର ବିଭିନ୍ନ ସହରରୁ ଗାଁରେ ଶିବାଳୟ ଗୁଡିକରେ ଭକ୍ତଙ୍କ ଭିଡ ପରିଲକ୍ଷିତ ହୋଇଥିଲା। ଏଥିସହ ଗୋନାସିକା ଏବଂ ବୈତରଣୀର ବିଭିନ୍ନ ସ୍ଥାନରେ ବୁଡ଼ ପକାଇବା ପାଇଁ ଭକ୍ତମାନଙ୍କ ସମାଗମ ହୋଇଥିବା ବେଳେ ସହର ଏବଂ ଗ୍ରାମାଞ୍ଚଳର ଶ୍ରଦ୍ଧାଳୁମାନେ ସୂର୍ଯ୍ୟୋଦୟ ପୂର୍ବରୁ ସ୍ନାନାଦି ସାରି ଶିବ ଦର୍ଶନ ଓ ପୂଜାର୍ଚ୍ଚନା କରିଥିଲେ। ଏହାବ୍ୟତୀତ ଆନନ୍ଦପୁର ଅଞ୍ଚଳର ଦେଓଗାଁସ୍ଥିତ କୁଶଳେଶ୍ୱର, ପଙ୍କେଶ୍ୱର, ବିଲେଇପଦା ନିକଟସ୍ଥ ମୃଗାମହାଦେବ, ବାରାହାଟିପୁରା ପ୍ରଭୁ ନୀଳକଣ୍ଠେଶ୍ୱର, ପାଟଣାର ପରମେଶ୍ୱର ମହାଦେବ, ଆନନ୍ଦେଶ୍ୱର ମହାଦେବଙ୍କ ସମେତ ମାଧପୁର ଶିବମନ୍ଦିର ଓ କେନ୍ଦୁଝର ସହର ଉପକଣ୍ଠସ୍ଥ ଘୁଟୁରୁର ମୁକ୍ତେଶ୍ୱର, ଚିଲିଦା ମହାଦେବ ମନ୍ଦିର, ଖିରେଇଟାଙ୍ଗିରୀସ୍ଥିତ ସର୍ବେଶ୍ୱର ମହାଦେବ, ମନ୍ଦୀର, ତୁରୁମୁଙ୍ଗା ଶିବମନ୍ଦିର, ଖୁଦପଶି ଶିବମନ୍ଦୀର, ଉଖୁଣ୍ଡାସ୍ଥିତ ଶିବମନ୍ଦିର ସମେତ ଜିଲାର ଶତାଧିକ ଶୈବପୀଠରେ ଜାଗର ଭକ୍ତି ସହକାରେ ପାଳିତ ହୋଇଛି। ନରଣପୁର ଘଡଘଡି ମନ୍ଦିର ପରିସରରେ ଅର୍ଦ୍ଧନାରୀଶ୍ୱର ମୂର୍ତ୍ତି ଦେଖିବା ପାଇଁ ପ୍ରବଳ ଗହଳି ହୋଇଥିବା ବେଳେ ପୂଜାର୍ଚ୍ଚନା ପାଇଁ ଭକ୍ତଙ୍କ ଭିଡ ପରିଲକ୍ଷିତ ହୋଇଥିଲା। ବିଭିନ୍ନ ମନ୍ଦିର ପ୍ରାଙ୍ଗଣରେ ମହାଦୀପ ଉଠିବା ପର୍ଯ୍ୟନ୍ତ ଭକ୍ତମାନେ ଅପେକ୍ଷା କରିଥିବାର ଦେଖାଯାଇଥିଲା। କେତେକ ସ୍ଥାନରେ ଗହଳିକୁ ଦେଖି ପୁଲିସ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି।

**ଆନନ୍ଦପୁର:** ଆନନ୍ଦପୁରର ଶ୍ରୀଗୁପ୍ତେଶ୍ୱର ମନ୍ଦିର, ଉତ୍ତରେଶ୍ୱର ମନ୍ଦିର, ବଟେଶ୍ୱର ମନ୍ଦିର, ଫକୀରପୁରର ବାଲୁଙ୍କେଶ୍ୱର ମନ୍ଦିର, ଘସିପୁରାର ଝାଡେଶ୍ୱର ମନ୍ଦିର, ଟୁକୁଣାର କୁଣ୍ଡେଶ୍ୱର ମନ୍ଦିର, ଶ୍ରୀଲୋକନାଥେଶ୍ୱର ମନ୍ଦିର, ଶ୍ରୀପାତକେମୋଚନଶ୍ୱରାୟ, ଶ୍ରୀଆନ୍ଦେଶ୍ୱରାୟ, ଦେଓଗାଁର ଶ୍ରୀକୁଶେଳେଶ୍ୱର ମନ୍ଦିର, ଶ୍ରୀସ୍ୱପ୍ନେଶ୍ୱରାୟ, ଶ୍ରୀଜଳେଶ୍ୱରାୟ, ଶ୍ରୀନାଗେଶ୍ୱରାୟ, ଶ୍ରୀରାମେଶ୍ୱରାୟ ପ୍ରଭୃତି ଶୈବପୀଠ ଗୁଡିକରେ ଜାଗର ଅବସରରେ ଶ୍ରଦ୍ଧାଳୁମାନେ ପୂଜାର୍ଚ୍ଚନା କରିଥିଲେ। ସନ୍ଧ୍ୟାରେ ବ୍ରତଧାରୀମାନେ ମହାଦେବଙ୍କ ନିକଟରେ ଦୀପ ଜାଳି ମହାଦୀପ ଉଠିବା ପର୍ଯ୍ୟନ୍ତ ବସିରହିଥିଲେ। ମହାଶିବରାତ୍ରୀ ଉପଲକ୍ଷେ ଦେଓଗାଁ ଶ୍ରୀଶ୍ରୀକୁଶଳେଶ୍ୱରଙ୍କ ପୀଠରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଆନନ୍ଦପୁର ସଂଗୀତ କଳାପରିଷଦ କଳାକାରମାନଙ୍କୁ ନେଇ ଆୟୋଜିତ ଏହି ଭଜନ ସମାରୋହରେ କଣ୍ଠଶିଳ୍ପୀ ମନୋରଞ୍ଜନ ମହାପାତ୍ର, ମଦନ ପାଣି, ଦେବାଶିଷ ତ୍ରିପାଠୀ, କୁମାର ଆର୍‌କେ, ସୁଶ୍ରୀ ଅଭିଲିପ୍ସା, ସୁଶ୍ରୀ ସଶ୍ମିତା ଭଜନ ପରିବେଷଣ କରିଥିଲେ। ଆନନ୍ଦପୁରର ଶ୍ରୀ ଉତ୍ତରେଶ୍ୱର ପୀଠରେ ଉପଦେଷ୍ଟା ରାଧାବଲ୍ଲଭ ମିଶ୍ର, ରାମଚନ୍ଦ୍ର ଜେନା,



ହରିହର ମିଶ୍ର, ସଭାପତି ଦିଲିପ କୁମାର ସିଂ, ଉପସଭାପତି ଅନନ୍ତ କୁମାର ସିଂ, ସମ୍ପାଦକ ରବିନ୍ଦ୍ର ପାତ୍ର, ଯୁଗ୍ମ ସମ୍ପାଦକ ଶ୍ରୀଧର ରଣା, ସଦସ୍ୟ ଦେବରଂଜନ ସାହୁ, ଅକ୍ଷୟ ସାମଲ, ବିଶ୍ୱଜିତ ରାଉତ, ଦୁଃଖବନ୍ଧୁ ମିଶ୍ର, ଜିତେନ୍ଦ୍ର ସିଂ, ରଂଜନ ଜେନା, ଗୌରାଙ୍ଗ ନାୟକ, ଦିନେଶ ପ୍ରମୁଖ ସହଯୋଗ କରିଥିଲେ।

**ପାଟଣା:** ପାଟଣା ଆନନ୍ଦେଶ୍ୱର ମହାଦେବ ମନ୍ଦିରରେ ଜାଗର ମେଳା ଅବସରରେ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ପାଟଣାର ଆନନ୍ଦେଶ୍ୱର ମହାଦେବ ମନ୍ଦିରରେ ପ୍ରଭାତରୁ ବ୍ରତ ଧାରୀ ଓ ଭକ୍ତ ମାନେ ଲମ୍ବା ଧାଡିରେ ଯାଇ ଦେବଙ୍କ ଦର୍ଶନ କରିଥିଲେ। ମନ୍ଦିରରେ ମହାଦୀପ ଉଠିବା ପର୍ଯ୍ୟନ୍ତ ଭକ୍ତ ମାନେ ମହାଦେବଙ୍କ ଧ୍ୟାନରେ ବସିଥିଲେ। ୧୦ ଦିନ ଧରି ଚାଲିବାକୁ ଥିବା ଜାଗର ମେଳାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ସ୍ଥାନୀୟ ପରମେଶ୍ୱର ମହାଦେବ ମନ୍ଦିର, ଏରେଣ୍ଡେଇ ଜଳେଶ୍ୱର ମନ୍ଦିର, ସରାସକୋଲା, ମଲ୍ଲୀପସି, ଟାଙ୍ଗରପଡା, ସିଲିପଦା, ଆଦି ମହାଦେବ ମନ୍ଦିର ମାନଙ୍କରେ ଶ୍ରଦ୍ଧାଳୁଙ୍କ ଭିଡ ଜମିଥିଲା।

**ତୁରୁମୁଙ୍ଗା:** ତୁରୁମୁଙ୍ଗା ଅଞ୍ଚଳର ବିଭିନ୍ନ ଶୈବ୍ୟ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଛିଫ ବୈତରଣୀ ନଦୀ କୂଳରେ ଥିବା ପରମେଶ୍ୱର ଶିବ ମନ୍ଦିର, ସ୍ୱାମଶାସନ ସ୍ଥିତ ସୋମେଶ୍ୱର ମହାଦେବ ମନ୍ଦିର, ସାହାରପଡା ମୁଖ୍ୟାଳୟ ସ୍ଥିତ ସର୍ବେଶ୍ୱର ଶିବମନ୍ଦିର, ତୁରୁମୁଙ୍ଗା ସ୍ଥିତ ଗିରିଜାଶଙ୍କର ଓ ମଲ୍ଲୀପଶି ସ୍ଥିତ ମଲ୍ଲିକେଶ୍ୱର ଶିବ ମନ୍ଦିର, ଗମ୍ଭାରିଆ ସ୍ଥିତ ଖିରେଇଟାଙ୍ଗିରୀ ସ୍ଥିତ ସର୍ବେଶ୍ୱର ଶିବ ମନ୍ଦିର, ଚିଲିଦା ସ୍ଥିତ ଚନ୍ଦ୍ରଚୁଡ ମହାଦେବ ମନ୍ଦିର, ତ୍ରିବିନ୍ଧା ସ୍ଥିତ ଚନ୍ଦ୍ରଶେଖର ଶିବ ମନ୍ଦିର, ଗମ୍ଭାରିଆ ସ୍ଥିତ ବିଘ୍ନେସ୍ୱର ମହାଦେବ ମନ୍ଦିର, ମୁରୁସୁଆଁ ସ୍ଥିତ ଲୋକନାଥ ପଶୁପତି ଶିବ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମି ଥିଲା।

**ହାଟଡିହୀ/ସୋସୋ:** ହାଟଡିହୀ ଅଞ୍ଚଳର ବିଭିନ୍ନ ଶୈବପୀଠରେ ମହାଦେବଙ୍କ ପୂଜାର୍ଚ୍ଚନା ମହାସମାରୋହରେ ପାଳନ କରାଯାଇଛି। ସର୍ବପୁରାତନ ଶୈବପୀଠ ଭାବେ ହାଟଡିହୀ ଗ୍ରାମର ବାବା ହଟକେଶ୍ୱର, ସଢ଼ାସ୍ଥିତ ବାବା ବୈଦ୍ୟନାଥ ଶୈବପୀଠ ସହ ହାବଳେଶ୍ୱରରେ ପ୍ରସିଦ୍ଧ ଜାଗରମେଳା ଆରମ୍ଭ ହେଇଛି। ଏଥିସହ ଜଳକଳଙ୍ଗସ୍ଥିତ ବାବା ଜଳେଶ୍ୱର, ତହସିଲ ପ୍ରାଙ୍ଗଣରେ ବାବା ପଦ୍ମେଶ୍ୱରଙ୍କ ପୂଜାକାର୍ଯ୍ୟ ଚାଲୁଛି। ଜାଗର ମେଳା ପାଇଁ ଛେନାପଦି ସ୍ଥିତ ଶୈବପୀଠ, ହାଟଡିହୀ, ସଢ଼ା, ହଦଗଡ଼, ବଞ୍ଚୋ, ମରେଇଗାଁ, ଶାଳଣିଆଁ, ଜମ୍ଭରା, ସମଣା, ମୁଗୁପୁର, ସୁଲଣ, ଢ଼େଙ୍କା, ସୋସୋ, ବାଲିବରେଇ, ବାଙ୍ଗୋର ଆଦି ଶୈବପୀଠ ଗୁଡ଼ିକ ଚଳଚଞ୍ଚଳ ହୋଇଉଠିଛି। ସଢ଼ାସ୍ଥିତ ବାବା ବୈଦ୍ୟନାଥଙ୍କ ପୀଠରେ ଜାଗର ଜାଳିବା ପାଇଁ ଦୂରଦୂରାନ୍ତରୁ ଶ୍ରଦ୍ଧାଳୁମାନେ ଆସିଛନ୍ତି। ଏହି ମନ୍ଦିରଟି ୧୩୦୫ ସାଲରେ ପ୍ରତିଷ୍ଠା ହୋଇଥିବା କୁହାଯାଏ। ଉକ୍ତ ଶୈବ ପୀଠର ପ୍ରଥମେ ନାମ ଥିଲା ପୀରିଜୀପୁର ଶୈବ ପୀଠ। ୧୩୨୨ ସାଲ୍ ବନ୍ଦୋବସ୍ତରେ ସଢ଼ା ଗ୍ରାମର ନାମାନୁସାରେ ବୈଦ୍ୟନାଥ ମନ୍ଦିର ନାମିତ ହୋଇଥିଲା। ଏହା କେନ୍ଦୁଝର ଗଡ଼ଜାତ ରାଜ୍ୟର ରାଜାଙ୍କ ଦ୍ୱାରା ପରିଚାଳିତ ଥିଲା। ସଢ଼ା ଓ ଜମ୍ଭୀରାରେ ଥିବା ପଣ୍ଡା ସଂପ୍ରଦାୟର ପୂଜକମାନେ ଏହି ମନ୍ଦିରରେ ପୂଜା କରିଥାନ୍ତି। ଆଜି ଭୋର ସାଢ଼େ ୩ଟାରୁ ମନ୍ଦିର ଫାଟକ ଖୋଲାଯାଇ ୪.୧୫ରେ ବାବା ବୈଦ୍ୟନାଥଙ୍କୁ ନୂତନ ବସ୍ତ୍ର ପରିଧାନ କରାଯିବା ପରେ ୪.୩୫ରେ ବାଲ୍ୟଭୋଗ, ସାହାଣ ଦର୍ଶନ, ସୂର୍ଯ୍ୟପୂଜା, ମଙ୍ଗଳଆଳତି ହୋଇଥିଲା। ଶ୍ରଦ୍ଧାଳୁମାନେ ଦିନ ଗୋଟାଏ ପର୍ଯ୍ୟନ୍ତ ଦର୍ଶନ କରି ପୁନଶ୍ଚ ସନ୍ଧ୍ୟା ୭ଟାରୁ ଦୀପ ଜାଳି ଦର୍ଶନ କରିଛନ୍ତି। ରାତ୍ର ୧୧ଟା ବେଳେ ମହାଦୀପ ଉଠିଛି। ସେହିପରି ହାଟଡିହୀ ହଟକେଶ୍ୱରଙ୍କ ଠାରେ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଛି। ବାଲିବରେଇ-ବିଦ୍ୟାଧରପୁର ମୁକ୍ତେଶ୍ୱର ମନ୍ଦିରରେ ଶିବରାତ୍ରି ଓ ଜାଗର ଉତ୍ସବ ପାଳିତ ହୋଇଛି। ସେହିପରି ପଢ଼ିଆରୀପଲ୍ଲୀ ଶିବମନ୍ଦିରରେ ଗ୍ରାମବାସୀଙ୍କ ସହଯୋଗରେ ଜାଗର ଉତ୍ସବ ପାଳିତ ହୋଇଥିଲା।

ହାଟଡ଼ିହି ଡାକ୍ତରଖାନା ପରିସରରେ ଥିବା ଜଳେଶ୍ୱର ମହାଦେବ, ସୋସୋରେ ଲକ୍ଷେଶ୍ୱର ମହାଦେବ, ପନ୍ଦାଢ଼ୋ ଖଇରମରା ସାହିର ସର୍ବେଶ୍ୱର ମହାଦେବ, ଛେନାପଦି ଛକ ବିଶେଶ୍ୱର ମନ୍ଦିର, ଚଣ୍ଡିବିରଞ୍ଚିପୁର ସ୍ୱପ୍ନେଶ୍ୱର ମନ୍ଦିର, ବଞ୍ଚୋରେ ବଟେଶ୍ୱର ମହାଦେବ, ହାଟଡିହୀର ହଟକେଶ୍ୱର ମନ୍ଦିର, କୁଣ୍ଡି ସାହିରେ କପଳେଶ୍ୱର ମନ୍ଦିର, ଡଅଁରର ଖଗେଶ୍ୱର ମହାଦେବ ମନ୍ଦିର, ହାବଳେଶ୍ୱର ଶିବ ମନ୍ଦିର, ଓଏମ୍‌ସି ବାଙ୍ଗୋର, ବଉଳା ଫେକର, ହଦଗଡ଼, ମରୈଗାଁ ଆଦି ଶୈବ ପୀଠରେ ଧୂମଧାମରେ ଶିବରାତ୍ରୀ ଓ ଜାଗର ଉତ୍ସବ ପାଳିତ ହୋଇଯାଇଛି।

## ପ୍ରେସ୍ ବିଜ୍ଞପ୍ତି

### ଜନସାଧାରଣଙ୍କ ଅବଗତି ନିମନ୍ତେ

## KISSର ୧୦ ଏକର ଜଙ୍ଗଲ ଜମିର Forest Land Diversion

- କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ୍ ସାଇନ୍‌ସେସ (KISS) ହେଉଛି ବିଶ୍ୱର ସର୍ବବୃହତ ଜନଜାତି ଅନୁଷ୍ଠାନ।
- KISS ଏକ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ। ଏହା ସମ୍ପୂର୍ଣ୍ଣ ଆବାସିକ ଓ ଦେୟମୁକ୍ତ।
- KISSରେ ୪୦ ହଜାର ଛାତ୍ରଛାତ୍ରୀ ଅଧ୍ୟୟନରତ ଓ ୪୦ ହଜାର ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇ ବିଭିନ୍ନ କ୍ଷେତ୍ରରେ କର୍ମରତ।
- ଦୀର୍ଘ ୩୧ ବର୍ଷ ଧରି KISS ଜରିଆରେ ନିରନ୍ତର ଶିକ୍ଷାଦାନ କରି ଜନଜାତି ପିଲାଙ୍କୁ ଜାଗ୍ରତ କରିବା ସହ ସମାଜରେ ଭଲ ମଣିଷ ଭାବେ ଛିଡ଼ା ହେବାକୁ ସାହସ ଯୋଗାଇଛନ୍ତି ଅଚ୍ୟୁତ ସାମନ୍ତ।
- ଶତାଧିକ ଜନଜାତି ଛାତ୍ରଛାତ୍ରୀ ବିଭିନ୍ନ କ୍ଷେତ୍ରରେ ସଫଳତା ସହ କରୁଛନ୍ତି ପୃଥିବୀ ପରିଭ୍ରମଣ।
- ଭାରତ ସରକାର ଓ ଓଡ଼ିଶା ସରକାରଙ୍କ ପ୍ରଚେଷ୍ଟାରେ KISSର ୧୦ ଏକର ଜଙ୍ଗଲ କିସମ ଜମିର Forest Land Diversion ହୋଇଛି।
- KISSର ଏହି ଜଙ୍ଗଲ କିସମ ଜମିର Forest Land Diversion ପାଇଁ ଏହାର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ୨୦୦୭ ମସିହାରୁ ୨୦୨୪ ପର୍ଯ୍ୟନ୍ତ ଦୀର୍ଘ ୧୭ବର୍ଷ କାଳ ନିରନ୍ତର ପ୍ରୟାସ କରି ସଫଳତା ପାଇଛନ୍ତି।
- ପ୍ରକାରାନ୍ତରେ ଏହା ଜନଜାତି ଛାତ୍ରଛାତ୍ରୀ, ଅଭିଭାବକ ଓ ସମଗ୍ର ଜନଜାତି ସମ୍ପ୍ରଦାୟର ସଫଳତା।
- ଏଥିପାଇଁ ଅଚ୍ୟୁତ ସାମନ୍ତଙ୍କୁ କିଛି ନକାରାତ୍ମକ ଲୋକଙ୍କଠାରୁ ଅନେକ ଦୁଃଖ, କଷ୍ଟ, ଲାଞ୍ଛନା ଓ ଗଞ୍ଜଣା ସହିବାକୁ ପଡ଼ିଛି। କିଛି ନକାରାତ୍ମକ ବ୍ୟକ୍ତି, କିଛି ବିତ୍ତଶାଳୀ ବ୍ୟକ୍ତିଙ୍କ ଅର୍ଥବଳରେ ଅଚ୍ୟୁତ ସାମନ୍ତଙ୍କୁ ୧୦ବର୍ଷ ଧରି ସମଗ୍ର ବିଶ୍ୱରେ ଜମି ମାଫିଆ ଭାବେ ନିନ୍ଦିତ କରିଆସିଛନ୍ତି।
- ଏଥିରେ ଅଚ୍ୟୁତ ସାମନ୍ତ ଭାଙ୍ଗି ପଡ଼ିନାହାନ୍ତି କି ଜନଜାତିଙ୍କ ସେବାରୁ ନିବୃତ୍ତ ହୋଇନାହାନ୍ତି କିମ୍ବା ଏହାକୁ ଭ୍ରୁକ୍ଷେପ କରିନାହାନ୍ତି। ନିଜ ଲକ୍ଷ୍ୟରେ ସେ ଅଗ୍ରସର ହୋଇ KIIT ଓ KISSକୁ ସମଗ୍ର ବିଶ୍ୱରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ସହ KISSର ଏହି ୧୦ ଏକର ଜମିର କିସମ ପରିବର୍ତ୍ତନ କରିବାରେ ସଫଳ ହୋଇଛନ୍ତି।
- ଆଜି ଅଚ୍ୟୁତ ସାମନ୍ତ ନିଜକୁ ଓ KISSକୁ ମିଥ୍ୟା ଅପବାଦରୁ ମୁକ୍ତ କରିଛନ୍ତି।
- ଅଚ୍ୟୁତ ସାମନ୍ତଙ୍କ ନାମରେ କୌଣସି ଜମି କିମ୍ବା ଘର ନଥିବା ବେଳେ ତାଙ୍କୁ କୁଚକ୍ରୀ ଗୋଷ୍ଠୀ ଜମି ମାଫିଆ ଭାବେ ଦେଶ ଓ ଦେଶ ବାହାରେ ପିଟିସନ୍ ପକାଇ ନିନ୍ଦିତ କରିଆସୁଥିଲେ।
- ୨୫ବର୍ଷ ବୟସରୁ ସେ ଜନଜାତି ଓ ସମାଜସେବା ପାଇଁ ନିଜ ଜୀବନକୁ ସମ୍ପୂର୍ଣ୍ଣ ଉତ୍ସର୍ଗ କରିଦେଇଛନ୍ତି। ତାଙ୍କୁ ଯେତେ ଧନ୍ୟବାଦ ଦେଲେ କମ୍ ହେବ।
- ଗତ ୧୭ବର୍ଷ ମଧ୍ୟରେ ପଲ୍ଲୀସଭା/ଗ୍ରାମସଭାଠାରୁ ଆରମ୍ଭ କରି ବିଭିନ୍ନ ଦପ୍ତରକୁ ଦୌଡ଼ି ନିୟମ ଅନୁସାରେ ଏହି କାମଟିକୁ ସଫଳ କରାଇଛନ୍ତି।
- ଏଥିପାଇଁ KISSର ସମସ୍ତ ଛାତ୍ରଛାତ୍ରୀ, ପୁରାତନ ଛାତ୍ରଛାତ୍ରୀ, KISS ଅଭିଭାବକ ସଂଘ, ଓଡ଼ିଶା ଆଦିବାସୀ ଫୋରମ୍, ଓଡ଼ିଶା ଆଦିବାସୀ କଲ୍ୟାଣ ମହାସଂଘ ଓ ପଶ୍ଚିମ ଓଡ଼ିଶା ଆଦିବାସୀ କଲ୍ୟାଣ ମହାସଂଘ ପକ୍ଷରୁ ଜନଜାତିର ଜନନାୟକ ଅଚ୍ୟୁତ ସାମନ୍ତଙ୍କୁ ଧନ୍ୟବାଦ।

| | | | | | |
|---|---|---|---|---|---|
| ଶାନ୍ତି ମୁର୍ମୁ | ଦୁଲା ବାଙ୍କିରା | ରାମ ଶବର | କାଦେ ସୋରେନ୍ | ନିରଞ୍ଜନ ବିଶି | ବାଳକୃଷ୍ଣ ଶବର |
| ସଭାପତି, କିସ୍ ଛାତ୍ରସଂଘ (ପଞ୍ଜୀକୃତ) | ସଭାପତି, କିସ୍ ପୁରାତନ ଛାତ୍ରସଂଘ (ପଞ୍ଜୀକୃତ) | ସଭାପତି, କିସ୍ ଅଭିଭାବକ ସଂଘ (ପଞ୍ଜୀକୃତ) | ସଭାପତି, ଓଡ଼ିଶା ଆଦିବାସୀ ଫୋରମ (ପଞ୍ଜୀକୃତ) | ସଭାପତି, ପଶ୍ଚିମ ଓଡ଼ିଶା ଆଦିବାସୀ କଲ୍ୟାଣ ମହାସଂଘ (ପଞ୍ଜୀକୃତ) | ସଭାପତି,ଓଡ଼ିଶା ଆଦିବାସୀ କଲ୍ୟାଣ ମହାସଂଘ (ପଞ୍ଜୀକୃତ) |



ବିଶ୍ୱର ସବୁଠାରୁ ସୁନ୍ଦର ଓ ଶ୍ରେଷ୍ଠ ସୃଷ୍ଟିକୁ ନା ଦେଖିହୁଏ ନା ଛୁଇଁହୁଏ, କେବଳ ହୃଦୟରେ ଅନୁଭବ କରିହୁଏ।
-ହେଲେନ୍ କେଲେର

ସକାଳ
THE SAKALA

## ନାଗପୁର ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

# ସରକାରଙ୍କୁ ବୈଚାରିକ ବିରୋଧ ଦେଶଦ୍ରୋହ ନୁହେଁ

ଅବଶେଷରେ ଏକ ଦୀର୍ଘକାଳୀନ ବିଚାରର ଅନ୍ତ ଘଟିଛି ଏବଂ ବେଆଇନ କାର୍ଯ୍ୟକଳାପ ନିରାକରଣ ଆଇନ 'ୟୁଏପିଏ'ରେ ୨୦୧୩-୧୪ରେ ମହାରାଷ୍ଟ୍ର ପୁଲିସ୍ ଦ୍ୱାରା ଗିରଫ ହୋଇ କାରାଦଣ୍ଡ ଭୋଗୁଥିବା ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଜଣେ ବାମପନ୍ଥୀ ଆଦର୍ଶବାଦୀ ପୂର୍ବତନ ପ୍ରଫେସର ଜିଏନ୍ ସାଇବାବା ଏବଂ ତାଙ୍କର ପାଞ୍ଚଜଣ ସହଯୋଗୀଙ୍କୁ ବମ୍ବେ ହାଇକୋର୍ଟର ନାଗପୁର ବେଞ୍ଚ ଖଲାସ କରିଛନ୍ତି। ୨୦୧୭ରେ ଏମାନେ ବେଆଇନ କାର୍ଯ୍ୟକଳାପରେ ଲିପ୍ତଥିବା ଅଭିଯୋଗରେ ଏକ ନିମ୍ନ ଅଦାଲତରେ ଦୋଷୀ ସାବ୍ୟସ୍ତ ହୋଇଥିଲେ। ହାଇକୋର୍ଟରୁ ତଳକୋର୍ଟ ଦଣ୍ଡ ବିରୋଧରେ ରାୟ ପାଇବା ପାଇଁ ୧୦ ବର୍ଷରୁ ଅଧିକ ସମୟ ଲାଗିଗଲା। ଆମ ନ୍ୟାୟିକ ବ୍ୟବସ୍ଥା ଯାହା ସେଥିରେ ପ୍ରଫେସର ସାଇବାବା ଓ ତାଙ୍କ ସହଯୋଗୀ ଯେ ପୂରା ମୁକ୍ତ ହୋଇଗଲେ ତାହା କୁହାଯାଇ ନ ପାରେ। ଏହି ରାୟ ବିରୋଧରେ ପୁଲିସ ସୁପ୍ରିମକୋର୍ଟକୁ ଯାଇପାରେ ଏବଂ ଯେଉଁ ୟୁଏପିଏ ଆଇନ ବଳରେ ସେ ଗିରଫ ହୋଇଛନ୍ତି ତାହାର ଦଫା ସବୁ ଏତେ ଜଟିଳ ଯେ ସେଥିରୁ ଖସିବା ବଡ଼ ମୁସ୍କିଲ। କାରଣ ଏଥିରେ ଦେଶର ଜାତୀୟ ଏକତା ଓ ସଂହତି ଉପରେ ଆକ୍ରମଣ ପ୍ରସଙ୍ଗ ଜଡ଼ିତ। ତେଣୁ ଏହି ଆଇନ ବଳରେ ଗିରଫ ହେବା ଅର୍ଥ ଦେଶ ବିରୋଧୀ କାର୍ଯ୍ୟକଳାପରେ ସମ୍ପୃକ୍ତ ହେବା।

ବିଚାରାଳୟ ଆଇନର ଗଣ୍ଡି ଭିତରେ ତଥ୍ୟ ପ୍ରମାଣକୁ ଦେଖି ଦୋଷୀ ନିର୍ଦ୍ଦୋଷ ସ୍ଥିର କରେ। ଆମ ଶାସନ ଓ ପୁଲିସ୍ ବ୍ୟବସ୍ଥାର ଚରିତ୍ର ଯାହା ସେଥିରେ ଆଇନର ଦୁରୁପଯୋଗ କରି ଭିନ୍ନ ମତ ବା ଆଦର୍ଶର ଲୋକଙ୍କୁ ଜେଲ୍‌ରେ ଠୁଙ୍କିବାକୁ ନାନା ପ୍ରକାର ମନଗଢ଼ା ଅଭିଯୋଗ ଓ ପ୍ରମାଣ ଯୋଗାଡ଼ କରି ଅଭିଯୁକ୍ତଙ୍କ ଖସିବାର ଆଇନଗତ ବାଟ ବନ୍ଦ କରି ଦେଇଥାଏ। ପ୍ରଫେସର ସାଇବାବା ଓ ତାଙ୍କ ସହଯୋଗୀ ନିଷିଦ୍ଧ ଘୋଷିତ ସିପିଆଇ ମାଓବାଦୀ ଗୋଷ୍ଠୀ ଆର୍‌ଡିଏଫ୍ (ରିଭଲ୍ୟୁସନାରୀ ଡେମୋକ୍ରାଟିକ୍ ଫ୍ରଣ୍ଟ)ର ସଦସ୍ୟ ଥିଲେ। ସେମାନଙ୍କ ପାଖରୁ କିଛି ମାଓବାଦୀ ପୁସ୍ତକ ଓ ଲେଖା ଜବତ ହୋଇଥିଲା। ଯେତେବେଳେ ଏହି ଦୁଇ ଅନୁଷ୍ଠାନ ବେଆଇନ ଘୋଷିତ ହେଲା ପ୍ରଫେସର ସାଇବାବା ଓ ତାଙ୍କ ସହଯୋଗୀଙ୍କୁ ପୁଲିସ୍ ଗିରଫ କଲା। ତେବେ ଏମାନଙ୍କ ସଂଗଠନ ସହିତ ଆଦର୍ଶଗତ ସମ୍ପର୍କ ବିନା ଅନ୍ୟ କିଛି ସମ୍ବନ୍ଧ ନଥିଲା। ସେମାନେ କୌଣସି ହିଂସାତ୍ମକ କାର୍ଯ୍ୟ ବା ଦେଶବିରୋଧୀ କାର୍ଯ୍ୟକଳାପରେ ଲିପ୍ତ ନଥିଲେ। ପୁଲିସ୍ ନାନା ଦଫା ଲଗାଇଥିଲେ ମଧ୍ୟ ଏମାନଙ୍କ ବିରୋଧରେ ଦେଶ ବିରୋଧୀ କାର୍ଯ୍ୟକଳାପ ସମ୍ପୃକ୍ତ ଥିବାର ଆବଶ୍ୟକୀୟ ପ୍ରମାଣ ଦେଇ ପାରିନଥିଲା।

ଏହାସତ୍ତ୍ୱେ ସେମାନଙ୍କୁ ଜେଲ୍ ଭୋଗିବାକୁ ପଡ଼ିଲା, କାରଣ ଆମ ପୁଲିସ୍ ନିରପେକ୍ଷ ନୁହେଁ ଏବଂ ଏହା ରାଜନୈତିକ ଚାପରେ କାମ କରେ। ତେଣୁ ସେମାନଙ୍କ ବିରୋଧରେ ଗୁରୁତର ଦଫା ଲାଗୁ ହୋଇଥିଲା। ପ୍ରଫେସର ସାଇବାବା ଏହି ମାମଲାରେ ନିର୍ଦ୍ଦୋଷ ଥିଲେ ଏବଂ ସେତେବେଳେ ବହୁ ବୁଦ୍ଧିଜୀବୀ ଓ ଆଇନ ବିଶାରଦ ତାଙ୍କ ଗିରଫଦାରୀଙ୍କୁ ଉଦ୍ଦେଶ୍ୟମୂଳକ ଓ ବେଆଇନ ବୋଲି କହି ତୀବ୍ର ବିରୋଧ କରିଥିଲେ। ତଥାପି ଅଂଶିକ ପକ୍ଷାଘାତଗ୍ରସ୍ତ ଏହି ପ୍ରଫେସରଙ୍କୁ ଅକଥନୀୟ ଦଣ୍ଡ ଭୋଗିବାକୁ ପଡ଼ିଲା କେବଳ ଆଦର୍ଶ ଓ ବୈଚାରିକଗତ ବିରୋଧ ପାଇଁ। ଏକ ବହୁଦଳବାଦୀ ଗଣତାନ୍ତ୍ରିକ ବ୍ୟବସ୍ଥାରେ ସମସ୍ତେ ସରକାରଙ୍କ ନୀତି ଓ ଆଦର୍ଶ ସହିତ ଏକମତ ହେବା ଆବଶ୍ୟକ ନୁହେଁ କିମ୍ବା ସମସ୍ତଙ୍କର ବିଚାର ଏକ ହେବ ନାହିଁ। ତାହାର ଅର୍ଥ ନୁହେଁ ଯେ ସରକାରୀ ନୀତି ଓ ଆଦର୍ଶକୁ ବିରୋଧ କରୁଥିବା ବ୍ୟକ୍ତିଙ୍କୁ ପୁଲିସ ଲଗାଇ ଦେଶଦ୍ରୋହ ଭଳି ଜନବିରୋଧୀ ଆଇନ ବଳରେ ଗିରଫ କରି ହରକତ କରିବା। କୌଣସି ଶାସ୍ତ୍ର ପଢ଼ିଦେଲେ ବା କିଛି ଆଦର୍ଶରେ ବିଶ୍ୱାସ କଲେ ମଣିଷର ଆଚରଣ ଓ ଉଚ୍ଚାରଣ ଯେ ବଦଳିଯିବ ଏବଂ ସେ ଦୁଷ୍ଟ, ସଇତାନ ଓ ଦେଶବିରୋଧୀ ହୋଇଯିବ ତାହା କହିବା ହାସ୍ୟାସ୍ପଦ। ଯେଉଁମାନେ ଆତଙ୍କବାଦ, ମାଓବାଦୀ କାର୍ଯ୍ୟକଳାପ ଓ ବିଚ୍ଛିନ୍ନତାବାଦୀ ଆତଙ୍କ ଭିଆଉଛନ୍ତି, ସେମାନେ ଏସବୁ ଆଦର୍ଶର ପାଠ ପଢ଼ିନାହାନ୍ତି। ସେମାନେ ଅପରାଧୀ ହେବା ପଛରେ ଅନେକ କାରଣ ରହିଛି। ତେଣୁ ବିରୋଧାତ୍ମକ ନଥିପତ୍ର, ଲେଖା ପୁସ୍ତକ ଜଣକ ପାଖରୁ ଜବତ ହେଲେ ସେ ଯେ ଦେଶ ବିରୋଧୀ ଓ ଆତଙ୍କବାଦୀ, ତାହା କୁହାଯାଇ ନ ପାରେ। ଏହି ପ୍ରସଙ୍ଗରେ ପ୍ରଖ୍ୟାତ ଚିନ୍ତକ ଆଲବର୍ଟ ଆଇନଷ୍ଟାଇନଙ୍କର ଗୋଟିଏ ଉକ୍ତି ମନେପଡ଼େ। ସେ କହିଥିଲେ 'ଆଇନ ମଧ୍ୟ ସ୍ୱାଧୀନ ମତପ୍ରକାଶର ଅଧିକାରକୁ ସୁନିଶ୍ଚିତ କରିପାରିବ ନାହିଁ। କାରଣ ନିଜର ସ୍ୱାଧୀନ ମତ ପ୍ରକାଶ ପାଇଁ ପ୍ରତ୍ୟେକ ବ୍ୟକ୍ତି ଚାହିଁବ ଯେ ତା' ପାଇଁ ଦଣ୍ଡ ମୁକ୍ତ ବ୍ୟବସ୍ଥା ସୁନିଶ୍ଚିତ ହେଉ। ତେଣୁ ସମସ୍ତଙ୍କୁ ସ୍ୱାଧୀନ ମତ ପୋଷଣର ଅଧିକାର ଦେବାକୁ ହେଲେ ସମଗ୍ର ରାଷ୍ଟ୍ର, ସମାଜ ଓ ବ୍ୟବସ୍ଥାରେ ସହନଶୀଳତାର ଏକ ଚେତନା ରହିବା ଉଚିତ।'

ପରିତାପର ବିଷୟ ହେଉଛି ସରକାର ନିଜକୁ ବଞ୍ଚାଇବାକୁ ଓ ବିରୋଧୀଙ୍କୁ ଦମନ କରିବାକୁ ଯାଇ ଦେଶଦ୍ରୋହ ଭଳି କଠୋର ଆଇନର ଦୁରୁପଯୋଗ କରୁଛନ୍ତି। ସେଠି ପୁଲିସ ନିରପେକ୍ଷ ହେବାର ଅବକାଶ ନାହିଁ। ଏହା ଶାସନକଳର ବୋଲକରା ସାଜିବାକୁ ବାଧ୍ୟ ହେଉଛି। ପୁଲିସ ପ୍ରଶାସନ ମଧ୍ୟ କେବଳ ବିଶୃଙ୍ଖଳା ଓ ଅବ୍ୟବସ୍ଥା ସୃଷ୍ଟି କରୁନାହାନ୍ତି, ଏହାକୁ ମଧ୍ୟ ନିଜର ଓ ସରକାରଙ୍କ ସୁରକ୍ଷା ପାଇଁ ବ୍ୟବହାର କରୁଛନ୍ତି। ଏହା ଅତ୍ୟନ୍ତ ନିନ୍ଦନୀୟ ଓ ଆଦର୍ଶ ଗଣତନ୍ତ୍ରର ପରିପନ୍ଥୀ।

ନାଗରିକଙ୍କୁ ସମ୍ବିଧାନ ଯେଉଁ ଅଧିକାର ଓ ସୁରକ୍ଷା ପ୍ରଦାନ କରିଛି ସରକାର ସେଥିରେ ହସ୍ତକ୍ଷେପ କରିବା ଅନୁଚିତ। ଅତି ଉତ୍ସାହୀ କର୍ତ୍ତୃପକ୍ଷ, ପୁଲିସ୍ ଓ ପ୍ରଶାସନ ଏ କ୍ଷେତ୍ରରେ ସଂଯମ ଆଚରଣ କରିବା ଆବଶ୍ୟକ। ଆଇନର ଦୁରୁପଯୋଗ ମଧ୍ୟ କରାଯିବା ଅନୁଚିତ। ବିଚାର ବ୍ୟବସ୍ଥା ଓ ନାଗରିକ ସମାଜ ସକ୍ରିୟ ରହିଲେ ଦେଶର ନାଗରିକଙ୍କ ସାମ୍ବିଧାନିକ ଅଧିକାର ସୁରକ୍ଷିତ ରହିପାରିବ। ଟ୍ରାଏଲ-କୋର୍ଟଗୁଡ଼ିକର ଏ କ୍ଷେତ୍ରରେ ଯେତିକି ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି, ବିଚାରପତିମାନଙ୍କର ମଧ୍ୟ ସମାନ ଦାୟିତ୍ୱବୋଧ ଅଛି। ସେମାନେ ସତର୍କ ଏବଂ ତତ୍ପର ରହିଲେ ପୁଲିସ୍, ପ୍ରଶାସନ ଓ ସରକାର ଭିନ୍ନ ମତାବଲମ୍ବୀ ନାଗରିକଙ୍କ ଉପରେ ଅତ୍ୟାଚାର କରିପାରିବେ ନାହିଁ।

ସୁଖରକଥା ଆମ ସମାଜ କ୍ରମଶଃ ବଦଳୁଛି। ଦେଶଦ୍ରୋହ ଭଳି ଦମନମୂଳକ ଆଇନ ବିରୋଧରେ ଲୋକେ ସ୍ୱର ଉତ୍ତୋଳନ କରିବା ଫଳରେ ଏହାର ପ୍ରୟୋଗ ବିଶେଷ ଏବେ ହେଉନାହିଁ। ଏହାସତ୍ତ୍ୱେ ସରକାର ଓ କର୍ତ୍ତୃପକ୍ଷ ପ୍ରତିପକ୍ଷ ବା ବିରୋଧୀଙ୍କୁ ଦମନ କରିବାକୁ ସବୁବେଳେ ନିଜ ପାଖରେ ବାଟ ରଖିବାକୁ ଆଗ୍ରହୀ ହେବ। ତେବେ ପୁଲିସ୍‌କୁ ରାଜନୈତିକ ପ୍ରଭାବରୁ ମୁକ୍ତ ରଖାଗଲେ ଓ ଅନୁସନ୍ଧାନ କାର୍ଯ୍ୟ ସ୍ୱାଧୀନ ସଂସ୍ଥା ଦ୍ୱାରା ହେଲେ ସରକାରୀ ଉତ୍ପୀଡ଼ନକୁ ପ୍ରତିହତ କରିହେବ। ସାଇବାବାଙ୍କ ଭଳି ପ୍ରଫେସରଙ୍କୁ ଦୁର୍ବଳ ତଥ୍ୟ ପ୍ରମାଣ ସତ୍ତ୍ୱେ ଯେପରି ଦୀର୍ଘ କାଳ କାରାଗାରରେ ରଖାଗଲା, ତାହା ଦୁର୍ଭାଗ୍ୟଜନକ। ଏହାର ପୁନରାବୃତ୍ତି ଭାରତରେ ଆଉ ନ ଘଟୁ।

# ଭାରତର ନୂତନ ନ୍ୟାୟ ସଂହିତା



ଗଦାଧର ବଳ
ଭଦ୍ରକ, ମୋ: ୯୪୩୭୧୨୮୮୪୧

ଆସନ୍ତା ଜୁଲାଇ, ୧ ତାରିଖରୁ ଆମ ଦେଶରେ ନୂଆ ନ୍ୟାୟ ସଂହିତା କାର୍ଯ୍ୟକାରୀ ହେବାକୁ ଯାଉଛି। ବ୍ରିଟିଶ ସରକାରଙ୍କ ଦ୍ୱାରା ୧୮୬୦ ମସିହାରେ ପ୍ରଣୀତ ଭାରତୀୟ ପିଙ୍ଗଳ କୋଡ(ଆଇପିସି)କୁ 'ଭାରତୀୟ ନ୍ୟାୟ ସଂହିତା', ୧୮୮୯ ମସିହାରେ ପ୍ରଣୀତ ଓ ୧୯୭୨ ମସିହାରେ ସଂଶୋଧିତ ଫୌଜଦାରୀ କାର୍ଯ୍ୟବିଧି ଆଇନ(ସିଆରପିସି)କୁ 'ଭାରତୀୟ ନାଗରିକ ସୁରକ୍ଷା ସଂହିତା' ଏବଂ ଭାରତୀୟ ସାକ୍ଷ୍ୟ ବିଧି ଆଇନ (ଇଣ୍ଡିଆନ ଏଭିଡେନ୍ସ ଆକ୍ଟ)କୁ 'ଭାରତୀୟ ସାକ୍ଷ୍ୟ ଅଧିନିୟମ'ରେ ପରିବର୍ତ୍ତନ କରାଯାଇଛି। ପ୍ରଚଳିତ ଆଇନରେ ବ୍ରିଟିଶ ଶାସକମାନଙ୍କ ଔପନିବେଶିକ ମାନସିକତା ପ୍ରତିଫଳିତ ହେଉଥିବାରୁ ଏହାକୁ ଉଚ୍ଛେଦ କରିବା ପାଇଁ ଦୀର୍ଘଦିନରୁ ଦାବି ହୋଇ ଆସୁଥିଲା। ଏହି କାରଣରୁ ନ୍ୟାୟିକ ସଂହିତା ପ୍ରଣୟନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ସଂସଦରେ ପାରିତ ହେବା ପରେ ଗତ ବର୍ଷ ଡିସେମ୍ବର ୨୫ ତାରିଖରେ ରାଷ୍ଟ୍ରପତିଙ୍କ ସ୍ୱୀକୃତି ପାଇ ଏହା ଆଇନରେ ପରିଣତ ହୋଇଛି। ମାତ୍ର ଏହାକୁ ଆସନ୍ତା ଜୁଲାଇ ମାସ ୧ ତାରିଖରେ କାର୍ଯ୍ୟକାରୀ କରାଯିବାକୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହା କାର୍ଯ୍ୟକାରୀ ହେଲେ ତଦନ୍ତକାରୀ ସଂସ୍ଥା ଯଥା ପୁଲିସ, ଓକିଲ ଓ ବିଚାରପତିମାନଙ୍କ ପାଇଁ ପ୍ରାଥମିକସ୍ତରରେ କିଛିଟା ଅସୁବିଧା ହୋଇପାରେ। ତେଣୁ ବିଶାଳ ତିୱାରି ନାମକ ଜନୈକ ଆଇନଜୀବୀ ଏହି ଆଇନକୁ କାର୍ଯ୍ୟକାରୀ କରିବା ଆଗରୁ ଦେଶର ପ୍ରମୁଖ ସମ୍ବିଧାନ ବିଶାରଦମାନଙ୍କ ଦ୍ୱାରା ତର୍ଜମା କରିବା ପାଇଁ ସର୍ବୋଚ୍ଚ ଅଦାଲତରେ ଆବେଦନ କରିଛନ୍ତି। ପୁରୁଣା ଆଇନର ଦଫାକୁ କେବଳ ପରିବର୍ତ୍ତନ କରାଯାଇଛି ବୋଲି ବିରୋଧୀମାନେ ଅଭିଯୋଗ କରି ଆସୁଛନ୍ତି। ମାତ୍ର ସରକାରଙ୍କ ତରଫରୁ କୁହାଯାଉଛି ଯେ ବିଚାର ପ୍ରକ୍ରିୟା ସର୍ବାଧିକ ୩ ବର୍ଷ ଭିତରେ ଶେଷ ହେଉଥିବାରୁ 'ତାରିଖ' ଯୁଗର ଅବସାନ ହେବ ବୋଲି ଆଶା କରାଯାଉଛି।

ନୂଆ ଆଇନରେ ମୋଟ ୩୧୩ଟି ଧାରା ସଂଯୋଗକରାଯାଇଛି। ମହିଳା ଓ ନାବାଳିକାମାନଙ୍କ ସୁରକ୍ଷା ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି। ସେହିପରି ନାବାଳିକା ଯୌନ ନିର୍ଯାତନା ପାଇଁ ସର୍ବାଧିକ ଦଣ୍ଡବିଧାନ ଫାଶୀ କିମ୍ବା ଆଜୀବନ କାରାଦଣ୍ଡ ବ୍ୟବସ୍ଥା କରାଯାଇଛି। ଫୌଜଦାରୀ କାର୍ଯ୍ୟବିଧି ଆଇନ (ସିଆରପିସିରେ ପୂର୍ବରୁ ୪୮୪ ଟି ଧାରା ଥିବା ବେଳେ ନୂଆ 'ଭାରତୀୟ ନାଗରିକ ସୁରକ୍ଷା ସଂହିତା' ରେ ମୋଟ ୫୩୧ଟି ଧାରା ରହିଛି ଓ ୧୬୦ଟି ଧାରାକୁ ପରିବର୍ତ୍ତନ କରାଯାଇ ୯ଟି ନୂଆ ଧାରା ଯୋଗ କରାଯାଇଛି। ଭାରତୀୟ ପିଙ୍ଗଳ କୋଡ(ଆଇପିସିରେ ମୋଟ ୫୧୧ ଗୋଟି ଦଫା ରହିଥିବା ବେଳେ ନୂଆ 'ଭାରତୀୟ ନ୍ୟାୟ ସଂହିତା'ରେ ମୋଟ ୩୫୮ ଗୋଟି ଧାରା ରହିଛି ଓ ୮ଗୋଟି ନୂଆ ଧାରା ଯୋଗ କରାଯାଇଛି। ସେହିପରି ଭାରତୀୟ ସାକ୍ଷ୍ୟ ବିଧି ଆଇନ(ଇଣ୍ଡିଆନ ଏଭିଡେନ୍ସ ଆକ୍ଟ) ବା 'ଭାରତୀୟ ସାକ୍ଷ୍ୟ ଅଧିନିୟମ'ରେ ମୋଟ ୧୬୭ ଧାରା ଥିବା ବେଳେ ତାହାକୁ ୧୭୦କୁ ବୃଦ୍ଧି କରାଯାଇଛି, ଯେଉଁଥିରେ ୨୩ ଗୋଟି ଧାରାର ପରିବର୍ତ୍ତନ କରାଯାଇଛି। ପିଙ୍ଗଳ କୋଡର ଦଫା ୩୦୭ କୁ ୧୦୮, ଦଫା ୩୭୫, ୩୭୬ କୁ ୬୩, ଦଫା ୬୯ ଓ ଦଫା ୩୦୨କୁ ୧୦୧, ଗଣ ବଳାତ୍କାର ଅପରାଧ ପାଇଁ ଉଦ୍ଦିଷ୍ଟ ଦଫା ୩୭୬କୁ ୭୦, ବଧୂହତ୍ୟା ଦଫା ୩୦୪(ଖ)କୁ ୮୦, ମାନହାନି ପାଇଁ ଦଫା ୪୯୯, ୫୦୦ କୁ ୩୫୬, ରାଜଦ୍ରୋହ ଦଫା ୧୨୪(କ) କୁ ୧୫୨, ଦେଶ ବିରୋଧୀ କାର୍ଯ୍ୟକଳାପ ପାଇଁ ଉଦ୍ଦିଷ୍ଟ ଅପରାଧର ଦଫା ୧୨୧(କ)କୁ ରାଜଦ୍ରୋହ ଅପରାଧ ଭାବେ ନାମିତ କରାଯାଇ ଦଫା ୧୪୮, ଦେଶ ବିରୋଧୀ ଷଡ଼ଯନ୍ତ୍ର ପାଇଁ ଉଦ୍ଦିଷ୍ଟ ଦଫା ୧୨୧ କୁ ଦଫା ୧୪୭, ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଇବା ଜନିତ ଅପରାଧ ପାଇଁ ଉଦ୍ଦିଷ୍ଟ ଦଫା ୩୦୬ କୁ ୧୦୮ରେ ପରିବର୍ତ୍ତନ କରାଯାଇଛି। ସେହିପରି ପ୍ରତାରଣା ପାଇଁ ଥିବା ଦଫା ୪୨୦ ନୂଆ ଆଇନରେ ଦଫା ୩୧୮ ହୋଇଛି। ଘୃଣ୍ୟ ଭାଷଣ ପାଇଁ ଦଣ୍ଡ ବିଧାନ ବ୍ୟବସ୍ଥା ରହିଛି। ଗଣବଳାତ୍କାର ଅପରାଧ ପାଇଁ ୨୦ ବର୍ଷ ସଶ୍ରମ କାରାଦଣ୍ଡ, ଦୁର୍ଘଟଣା ଘଟାଇ ଥିବା ଚାଳକ ଯଦି ଆଘାତପ୍ରାପ୍ତ ବ୍ୟକ୍ତିକୁ ଡାକ୍ତରଙ୍କ ପାଖକୁ ନେଇ ଗଲା, ଅଭିଯୁକ୍ତର ଦଣ୍ଡ କୋହଳ ବ୍ୟବସ୍ଥା ହୋଇଛି। ପୂର୍ବରୁ ମୁଣ୍ଡକୁ ଆଘାତ କଲେ ସାଧାରଣ ଦଫା ଲାଗୁ ଥିବା ବେଳେ ନୂଆ ଆଇନରେ ଆଘାତ କାରଣରୁ ଯଦି ବ୍ରେନ ଡେଡ ହୋଇଗଲା, ତେବେ ଦଶ ବର୍ଷ ସଶ୍ରମ କାରାଦଣ୍ଡ ବ୍ୟବସ୍ଥା ରହିଛି। ଅଭିଯୁକ୍ତ ବ୍ୟକ୍ତିକୁ ଗିରଫ କରିବା ବେଳେ ବା ପରେ ତା'ର ପରିବାରକୁ ପୁଲିସ ଅବଗତ କରିବା ନୂଆ ଆଇନରେ ବାଧ୍ୟତାମୂଳକ କରାଯାଇଥିବା ବେଳେ ଅଭିଯୋଗକାରୀକୁ ୯୦ ଦିନ ଭିତରେ ତା' ମାମଲାଟିର ସ୍ଥିତି ବିଷୟରେ ଅବଗତ କରାଯିବ। ୯୦ ଦିନ ଭିତରେ ଯଦି ଅଭିଯୁକ୍ତ ଗିରଫ ବା ଆତ୍ମସମର୍ପଣ ନ କଲା, ମାମଲାଟିକୁ କୋର୍ଟ ଏକ ତରଫା ଭାବରେ ବିଚାର କରି ରାୟକୁ ସଂରକ୍ଷିତ କରି ରଖିବେ। ଗମ୍ଭୀର ଅପରାଧରେ ଦଣ୍ଡିତ ବ୍ୟକ୍ତି ମୋଟ ଦଣ୍ଡର ଅଧା ଭୋଗ କରି ସାରିଥିଲେ ବ୍ୟାବହାରିକ ପରିବର୍ତ୍ତନକୁ ବିଚାରକୁ ନେଇ ତା'କୁ ମୁକ୍ତ କରାଯାଇ ପାରିବ। ରାୟ ସଂରକ୍ଷଣ ବାହାନାରେ କୋର୍ଟ ରାୟକୁ ୪୩ ଦିନରୁ ଅଧିକ ସମୟ ରଖି ପାରିବେ ନାହିଁ। କ୍ଷମା ଯାଚିକା କେବଳ ଅପରାଧୀ ନିଜେ ହିଁ କରି ପାରିବେ। ଏବେ ସେ ନିଜେ କିମ୍ବା ତାଙ୍କ ତରଫରୁ ସ୍ୱେଚ୍ଛାସେବୀ ସଂଗଠନ ମଧ୍ୟ ଏହି ଆବେଦନ କରି ପାରୁଛନ୍ତି।




ଗୃହମନ୍ତ୍ରୀଙ୍କ କହିବା ମୁତାବକ ସେ ଏହି ଆଇନକୁ ତର୍ଜମା କରିବା ବେଳେ ୧୮ଟି ରାଜ୍ୟ ସରକାର, ୬ଟି କେନ୍ଦ୍ର ଶାସିତ ଅଞ୍ଚଳ, ଦେଶର ସର୍ବୋଚ୍ଚ ନ୍ୟାୟାଳୟ, ୨୨ଟି ରାଜ୍ୟର ଉଚ୍ଚ ନ୍ୟାୟାଳୟ, ଅନେକ ନ୍ୟାୟାଳୟର ବିଚାରପତି, ୪୨ ଜଣ ସାଂସଦ, ୨୭୦ ଜଣ ବିଧାୟକଙ୍କ ସହ ମୋଟ ୧୫୮ଟି ବୈଠକ ଡକାଇ ସେମାନଙ୍କ ସହ ଆଲୋଚନା କରି ଏହି ନୂଆ ଆଇନ ଆଣିଛନ୍ତି।

ଭାରତୀୟ ନ୍ୟାୟ ସଂହିତାର ଦଫା ୧୦୬ (୨) ଯାହାକି 'ହିଟ ଆଣ୍ଡ ରନ' ବା ଗାଡ଼ି ଚଳାଇ ଯାଉଥିବା ବେଳେ ଦୁର୍ଘଟଣା ଘଟାଇ ଅଭିଯୁକ୍ତ ଫେରାର ହୋଇ ଗଲେ ୧୦ ବର୍ଷ ସଶ୍ରମ କାରାଦଣ୍ଡ ସହ ୧୦ ଲକ୍ଷ ଟଙ୍କା ଜୋରିମାନା ବ୍ୟବସ୍ଥାକୁ ଭାରତୀୟ ମୋଟର ଚାଳକ ସଂଘ ବିରୋଧ କରିବାରୁ ତାହାକୁ କାର୍ଯ୍ୟକାରୀ କରା ନଯାଇ ସ୍ଥଗିତ ରଖା ଯାଇଛି। ବ୍ରିଟିଶ ଶାସନକାଳରେ ପ୍ରଣୀତ 'ରାଜଦ୍ରୋହ' ଅପରାଧକୁ 'ଦେଶଦ୍ରୋହ' ବୋଲି ଆଖ୍ୟାୟିତ କରାଯାଇଛି।

ଜୁଲାଇ ୧ ତାରିଖରୁ ନୂଆ ଆଇନ ଜାତୀୟସ୍ତରରେ ଲାଗୁ ହେବାକୁ ଥିବା ବେଳେ ପୁରୁଣା ମାମଲାଗୁଡ଼ିକ ପୁରୁଣା ଆଇନ ଅନୁଯାୟୀ ବିଚାର ହେବ ବୋଲି ବିଜ୍ଞପ୍ତିରେ କୁହାଯାଇଛି। ତେଣୁ ଉଭୟ ଆଇନକୁ ଏକାସଙ୍ଗରେ ତର୍ଜମା କରି ବିଚାର କରିବା ଆଇନଜୀବୀ ଓ ବିଚାରପତିମାନଙ୍କୁ ନିଶ୍ଚିତ ଅସୁବିଧାରେ ପକାଇବ। ତଦନ୍ତକାରୀ ସଂସ୍ଥାର ଅଧିକାରୀ, ଆଇନଜୀବୀ ଓ ବିଚାରପତିମାନଙ୍କୁ ଉପଯୁକ୍ତ ତାଲିମ ଦିଆଯାଇ ଏହା କାର୍ଯ୍ୟକାରୀ ହୋଇଥିଲେ ନୂଆ ଆଇନ କାର୍ଯ୍ୟକାରିତାର ସୁଫଳ ଉପଲବ୍ଧି ହେବାରେ କୌଣସି ଅସୁବିଧା ହୋଇ ନ ଥା'ନ୍ତା ବୋଲି ମନେ ହୁଏ।

# ଗଳ୍ପ ଆମ ସ୍ୱଳ୍ପ ଜୀବନର



ବିଜୟ କୁମାର ପାଢ଼ୀ
ଭୁବନେଶ୍ୱର, ମୋ: ୭୮ ୯୪୧୫୩୫୭୮

ଜୀବନକୁ ନେଇ ଅନେକ ତତ୍ତ୍ୱ, ତଥ୍ୟ, ବ୍ୟାଖ୍ୟା ଓ ସଂଜ୍ଞା ରହିଛି। କବି, ଲେଖକ, ଭାବୁକ କେବେ ଜୀବନକୁ ଏକ ନଦୀ, ଝରଣା, ଗଛ ସହିତ ତୁଳନା କଲେଣି ତ କେବେ ଜୀବନକୁ ଏକ ପ୍ରତିଯୋଗିତାମୂଳକ ଖେଳ କିମ୍ବା ନାଟକ କିମ୍ବା ଗଳ୍ପ ସହିତ ତୁଳନା କଲେଣି। କେହି କେହି ତ ଜୀବନକୁ ଏକ ଅଛିଣ୍ଡା ଗଣିତ ବୋଲି କହିବାକୁ ପଛାଇ ନାହାନ୍ତି। ଉଇଲିୟମ୍ ଟର୍ନରଙ୍କ ଭାଷାରେ - 'ଆମେମାନେ ଜାଣିଛୁ ପୃଥିବୀ ଅଣୁ, ପରମାଣୁରେ ତିଆରି, କିନ୍ତୁ ବାସ୍ତବିକ୍ ଏହା ଏକ ନିରୁତା ଗଳ୍ପରେ ହିଁ ପ୍ରସ୍ତୁତ ହୋଇଛି।' ଅର୍ଥାତ୍ କାହାଣୀ ଭଳି ଆମେ ବଞ୍ଚିଥାଉ, କାହାଣୀରେ ଆମେ ବଞ୍ଚିଥାଉ କାହାଣୀ ସୃଷ୍ଟି ପାଇଁ ଆମେ ବଞ୍ଚିଥାଉ। ସତ କହିବାକୁ ଗଲେ ପ୍ରତ୍ୟେକ ଜୀବନ ତ ଏକ ରୋମାଞ୍ଚକର କାହାଣୀ।

ସାହିତ୍ୟରେ ଗଳ୍ପର ପରିକଳ୍ପନା ଆକସ୍ମିକ ନୁହେଁ। ଏହା ମାନବ ସମାଜର ଅଭ୍ୟୁଦୟ କାଳରୁ ଆରମ୍ଭ ହୋଇ କାଳକ୍ରମେ ବିଭିନ୍ନ ଭାବରେ ବିକାଶ ଲାଭ କରିଛି। ଗଦ୍ୟ ସାହିତ୍ୟରେ ସର୍ବାଦୃତ ମାଧ୍ୟମଟି ହେଲା ଗପ, କଥା ବା କାହାଣୀ। କାହାଣୀକୁ ଯେତିକି ଆଗ୍ରହରେ ପଢ଼ିହୁଏ, ସେତିକି ଆଗ୍ରହରେ କହି ହୁଏ। ମଣିଷର ଅବଚେତନ ମନରେ ହିଁ ଏକ କାହାଣୀ ଲୁଚି ରହିଛି। ଅତଏବ ଜୀବନକୁ ବୁଝେଇବାକୁ ହେଉ କିମ୍ବା ବୁଝିବାକୁ ହେଉ କାହାଣୀକୁ ବ୍ୟବହାର କରାଯାଏ। କାହାଣୀର ସ୍ୱରୂପ ପ୍ରତିପାଦନ କରିବାକୁ ଯାଇ ଭାରତୀୟ ଅଳଙ୍କାରିକ ଲେଖିଥିଲେ -

'ମିଥ୍ୟାଗ୍ରନ୍ଥ ପ୍ରବନ୍ଧେନ ମନୋ ହରତି ଯାଦୃଶଂ / ନାନା କୌତୁକ ହାସ୍ୟାଦ୍ୟୈଃ ସା କଥେତ୍ୟଭି ଧୀୟତେ।'

ଅର୍ଥାତ୍ ନାନା କୌତୁକ ହାସ୍ୟାଦି ଦ୍ୱାରା ମନୋହରଣ କରୁଥିବା ବିଷୟ ରଚନା 'କଥା' ନାମରେ ଅଭିହିତ। ପ୍ରଖ୍ୟାତ ଗାଳ୍ପିକ ସୋମରସେଟ୍‌ସଙ୍କ ମତରେ - ଗଳ୍ପ ଏକ ସୂକ୍ଷ୍ମ କଳା, ଯାହାର ଆରମ୍ଭ ମଧ୍ୟଭାଗ ଓ ଶେଷ କଥନ ଚିତ୍ତାକର୍ଷକ ହୋଇଥିବା ଉଚିତ୍।

ମଣିଷ ଜୀବନ ମଧ୍ୟ ଏକ ଗଳ୍ପ ସଦୃଶ। ଗଳ୍ପ ଗଢ଼ିବାର ସମସ୍ତ ଉପାଦାନ ମଣିଷ ଜୀବନରେ ଭରି ରହିଛି। ଗଳ୍ପର ଗଠନ ଶୈଳୀ - ପ୍ରାରମ୍ଭ, ପ୍ରବାହ, ଶୀର୍ଷବିନ୍ଦୁ, ଗ୍ରନ୍ଥିତମୋଚନ ଓ ଉପସଂହାର - ମଣିଷ ଜୀବନର ଗୋଟିଏ ଗୋଟିଏ ଅବସ୍ଥାକୁ ପ୍ରତିପାଦନ କରେ। ଜୀବନର ଶୈଶବ, ତରୁଣ, ପୌଢ଼ ଓ ବାର୍ଦ୍ଧକ୍ୟ ଅବସ୍ଥା ଠିକ୍ ଗଳ୍ପର ପ୍ରାରମ୍ଭଠାରୁ ଆରମ୍ଭ କରି ଉପସଂହାର ପର୍ଯ୍ୟନ୍ତ ମଣିଷର ଉତ୍ଥାନ, ପତନକୁ ସୂଚେଇ ଦିଏ। ପରିଶେଷରେ ଜୀବନର ଯବନିକା ଆମେ ମୃତ୍ୟୁରେ। ଇଂରାଜୀ ନାଟ୍ୟକାର ସେକ୍ସପିୟର ଜୀବନ ଏକ ଗଳ୍ପ ବୋଲି କହିଛନ୍ତି ତାଙ୍କ ବିୟୋଗାନ୍ତକ ନାଟକ 'ହାମ୍‌ଲେଟ୍'ରେ। ତାଙ୍କ ମତରେ - ଜୀବନ ଏକ ଚଳନ୍ତି ଛାୟା ସଦୃଶ। ଗୋଟିଏ ସ୍ୱଳ୍ପାୟୁଷ ନେଇ ଜଳୁଥିବା ମହମବତୀ। ଜୀବନ ଏକ ଗଳ୍ପ, ଯାହାକୁ ଏକ ନିର୍ବୋଧ ହିଁ ବର୍ଣ୍ଣନା କରିଛି। ଜୀବନ ଏକ ସୁଖ-ଦୁଃଖର ସମାହାର, କିନ୍ତୁ ତାତ୍ପର୍ଯ୍ୟହୀନ। ମୃତ୍ୟୁ ଅନିବାର୍ଯ୍ୟ। ସମସ୍ତ ଅନିର୍ଦ୍ଦିଷ୍ଟତା ମଧ୍ୟରେ ଗୋଟିଏ ନିର୍ଦ୍ଦିଷ୍ଟ କଥା ହେଉଛି - ମୃତ୍ୟୁ। ଠିକ୍ ନାଟକର ଶେଷ ଦୃଶ୍ୟ କିମ୍ବା ଗଳ୍ପର ଉପସଂହାର ଭଳି। ଜୀବନକୁ କିଏ ଜଣେ 'ପାଣି ଫୋଟକା' ବୋଲି କହିଥିଲେ। କହିବାର ତାତ୍ପର୍ଯ୍ୟ ହେଲା ପାଣିଫୋଟକା ଯେପରି ନିମିଷେକ ମଧ୍ୟରେ ଉଭେଇ ଯାଏ, ଠିକ୍ ସେହିଭଳି ଜୀବନରେ ବେଳେବେଳେ ସକାଳ କିମ୍ବା ମଧ୍ୟାହ୍ନରେ ସୂର୍ଯ୍ୟାସ୍ତ ହେବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନପାରେ। ଯଦି ମଣିଷ ଜୀବନର କରୁଣ ପରିଣତି ମୃତ୍ୟୁରେ ଶେଷ, ତା'ହାଲେ ଏତେ ଅହଂକାର, ଔଦ୍ଧତ୍ୟ ଓ ଆସ୍ଫାଳନ କାହିଁକି?

ଗପ ଜୀବନର ଏକ ନିଛକ ପ୍ରତିଫଳନ। ହୋଇପାରେ ଗଳ୍ପ ଲେଖିବା ବେଳେ ଗାଳ୍ପିକମାନେ ବେଳେବେଳେ କଳ୍ପନାର ପୁଟ ଦେଇ ଘଟଣାବଳୀକୁ ଅତିରଞ୍ଜିତ କରିଦିଅନ୍ତି, କିନ୍ତୁ ଗଳ୍ପ ମିଛ ମାଧ୍ୟମରେ ସତ କଥାକୁ ପ୍ରକାଶ କରେ। ଐତିହାସିକ ଗଳ୍ପ, ସାମାଜିକ ଗଳ୍ପ, ବୈଜ୍ଞାନିକ ଗଳ୍ପ, ମାନବତାବାଦୀ ଗଳ୍ପ, ଉଦ୍ଭଟ ଗଳ୍ପ କିମ୍ବା ପ୍ରତୀକବାଦୀ ଗଳ୍ପ - ଏ ସବୁ ଗଳ୍ପର ଚରିତ୍ରମାନେ ଆମ ଚାରିପାଖରେ ଘୂରି ବୁଲନ୍ତି। ଫକୀରମୋହନଙ୍କ ଡାକମୁନ୍‌ସୀ, ଭଗିଆ, ଶାରିଆ, ଗୋବିନ୍ଦା, ରାଣ୍ଡିପୁଅ ଅନନ୍ତା ଓ ରେବତୀ ମଣିଷ ଚିତ୍ରର ଏକ ନିଛକ ପ୍ରତିଫଳନ।

ଇତିହାସର ଚରିତ୍ର ଯଥା - ଦିଗ୍‌ବିଜୟୀ ଆଲେକ୍‌ଜାଣ୍ଡର, ମଗଧ ସମ୍ରାଟ ଅଶୋକ କିମ୍ବା ରୋମ୍ ସାମ୍ରାଜ୍ୟର ଶାସକ ଜୁଲିୟମ୍ ସିଜାର - ଏମାନେ ସମସ୍ତେ କାଳର କରାଳ ଗତିରେ ଲୀନ ହୋଇଯାଇଛନ୍ତି। ସମୟ ଭାଙ୍ଗି ଦେଇଛି ତାଙ୍କ ଅହଂକାର ଓ ଦାମ୍ଭିକତା। ଜୀବନର ଅନ୍ତିମ ପର୍ଯ୍ୟାୟରେ ବୁଝି ପାରିଛନ୍ତି ମାନବିକତାର ସ୍ୱରକୁ। ରୁଷୀୟ ସାହିତ୍ୟିକ ଟଲ୍‌ଷ୍ଟୟଙ୍କ ଗଳ୍ପରେ ପାହୋମ ଚରିତ୍ର କିମ୍ବା ଆର୍.କେ. ନାରାୟଣଙ୍କ ଗଳ୍ପର ସୁବାୟା ଚରିତ୍ର ଆଦୌ କାଳ୍ପନିକ ଲାଗେ ନାହିଁ। ଦୁଇଗୋଟି ଚରିତ୍ରକୁ ବିଶ୍ଳେଷଣ କଲେ ମଣିଷ ବୁଝିପାରିବ ଯେ ଲୋଭର ଭୟଙ୍କର ପରିଣାମ ହିଁ ମୃତ୍ୟୁ। ମଣିଷ ଜୀବନ ରୂପକ ଗଳ୍ପରେ ଏକ ସରଳ, ନିଷ୍କପଟ ଓ ଦରଦୀ, ସର୍ବୋପରି ହୃଦୟବାନ ଚରିତ୍ରଟିଏ ହେବାର ଅସୁବିଧା କେଉଁଠି ରହିଲା? ସେକ୍ସପିୟର୍ ବି ନିଜେ ମଣିଷର ସାମର୍ଥ୍ୟ ଉପରେ ଆସ୍ଥାବାନ ଥିଲେ। ତାଙ୍କ ମତରେ - ଚରିତ୍ର ହିଁ ଭାଗ୍ୟ। ମଣିଷ ନିଜେ ନିଜର ଭାଗ୍ୟ ତିଆରି କରେ। ତାଙ୍କର ବିୟୋଗାନ୍ତକ ନାଟକର ଚରିତ୍ର ଯଥା- ହାମଲେଟ୍, ମାକ୍‌ବେଥ, କିଙ୍ଗ୍‌ଲିୟର ଓ ଓଥେଲୋ, - 'କଳ୍ପନା'ପ୍ରସୂତ ହୋଇପାରନ୍ତି, ମାତ୍ର ଆମ ସମାଜର ଗୋଟିଏ ଗୋଟିଏ ଚରିତ୍ର। ସେମାନଙ୍କ ଚରିତ୍ରର ଦୋଷ, ଦୁର୍ବଳତା, ଯାହା ଚାରିଶହ ବର୍ଷ ପୂର୍ବରୁ ନାଟ୍ୟକାର ସେକ୍ସପିୟର ଆକଳନ କରିପାରିଥିଲେ, ତାହା ଆଜିର ସମାଜରେ ମଧ୍ୟ ପରିଲକ୍ଷିତ।

ଏହି ଚରିତ୍ରଗୁଡ଼ିକ ସାର୍ବଜନୀନ। ଆମ ଚାରିପାଖରେ ଘୂରି ବୁଲୁଥିବା ଚରିତ୍ରମାନେ, ମାକ୍‌ବେଥ ଚରିତ୍ରର ଉଚ୍ଚାଭିଳାଷ, ହାମ୍‌ଲେଟ୍‌ଙ୍କର ଦୀର୍ଘସୂତ୍ରୀକରଣ, କିଙ୍ଗଲିୟରଙ୍କର ଭୁଲବୁଝାମଣା ଏବଂ ଓଥେଲୋଙ୍କର ସରଳ ବିଶ୍ୱାସ ଆମ ସମାଜର ଏକ ଅଂଶବିଶେଷ। ଏହି ସମସ୍ତ ଚରିତ୍ର ନିଜ ନିଜର ଦୋଷଦୁର୍ବଳତା ପାଇଁ ଏକ ଏକ ଭୟଙ୍କର ମୃତ୍ୟୁର ଶିକାର ହୋଇଛନ୍ତି।

ମଣିଷର ଇତିହାସ, ଧର୍ମ, ଦର୍ଶନ, ଆଧ୍ୟାତ୍ମିକତା ଓ ବିବର୍ତ୍ତନ ଆଦି ଗୋଟିଏ ଗୋଟିଏ ଗଳ୍ପ। ବ୍ୟକ୍ତି ଜୀବନର ସଂଘର୍ଷ, ସଂଘାତ, ଦ୍ୱନ୍ଦ୍ୱ, ହର୍ଷ, ବିଷାଦ, ଉପଲବ୍ଧି, ଅବସାଦ, ପ୍ରତିହିଂସା, ପ୍ରେମ, ପ୍ରତାରଣା ଓ ମୂଲ୍ୟବୋଧକୁ ଗଳ୍ପ ହିଁ ଚିତ୍ରିତ କରିଥାଏ। ସେ ଜୀବନ ଗଳ୍ପରେ ବ୍ୟକ୍ତିଟିଏ ଏପରି ଏକ ଚରିତ୍ର ବାଛିବେ, ଯାହା ତା'ର ଅବର୍ତ୍ତମାନରେ ମଧ୍ୟ ଜନମାନସରେ ଅଭୁଲା ହୋଇ ରହିବ। ନିଜ ଜୀବନ ଗଳ୍ପରେ ନିଜେ ନାୟକ କିମ୍ବା ନାୟିକା ସାଜି ସାମାଜିକ ଜୀବନକୁ ସାମାଜିକ ମୂଲ୍ୟବୋଧ ଯଥା ଦୟା, ପ୍ରେମ, କରୁଣା ଓ ସହନଶୀଳତାର ବାର୍ତ୍ତା ଦେଇ ଗଢ଼ିଲେ ସମାଜର କଲ୍ୟାଣ ସାଧନ ହେବ। ସେ ଗଳ୍ପ ଆମ ସ୍ୱଳ୍ପ ଜୀବନର ଏକ କାଳଜୟୀ ଗଳ୍ପ ହୋଇରହିବ।

## ଲୋକମତ

### ନିର୍ବାଚନ ମଣ୍ଡଳୀ ସଂଖ୍ୟା ବଢୁ

ବର୍ତ୍ତମାନର ଭାରତ ୧୪୨ କୋଟି ଜନସଂଖ୍ୟା ବିଶିଷ୍ଟ। କିନ୍ତୁ ସେଇ ହାରରେ ଲୋକସଭା, ରାଜ୍ୟସଭା ଓ ରାଜ୍ୟମାନଙ୍କର ବିଧାନସଭା ଆସନ ବୃଦ୍ଧି ପାଇଁ ପଦକ୍ଷେପ ଗ୍ରହଣ କରାନଯିବା ଦୁର୍ଭାଗ୍ୟଜନକ। ୭ଟି ବିଧାନସଭା ନିର୍ବାଚନ ମଣ୍ଡଳୀକୁ ନେଇ ଗୋଟିଏ ଲୋକସଭା ଆସନ ସୃଷ୍ଟି ହେବାର ନିୟମ ହେତୁ ସମ୍ପ୍ରତି ଲୋକସଭା ସଦସ୍ୟଙ୍କ ପକ୍ଷରେ ନିଜ ନିଜର ନିର୍ବାଚନ ମଣ୍ଡଳୀକୁ ଗସ୍ତ କରିବାରେ ବିଳମ୍ବ ସହିତ ଅନେକ ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି। ଫଳରେ ସାଧାରଣ ଜନତାଙ୍କ ଦୁଃଖଦୁର୍ଦ୍ଦଶା ଦୂର ହୋଇପାରୁନାହିଁ। ସାମ୍ପ୍ରତିକ ଭାରତର ରାଜନୈତିକ ସ୍ଥିତିରେ ଗଣତନ୍ତ୍ରକୁ ସୁରକ୍ଷିତ ଓ ସୁଦୃଢ଼ କରିବା ନିମିତ୍ତ ଲୋକସଭା ତଥା ବିଧାନସଭାରେ ଆସନ ସଂଖ୍ୟା ବୃଦ୍ଧି କରାଯାଇ ପାରିଲେ ନିର୍ବାଚିତ ଜନପ୍ରତିନିଧିମାନଙ୍କ ଦ୍ୱାରା ନିଜ ନିଜର ନିର୍ବାଚନ ମଣ୍ଡଳୀର ବିଭିନ୍ନ ଜନହିତକର କାର୍ଯ୍ୟର ବିକାଶ ଏବଂ ଯୋଜନାର କାର୍ଯ୍ୟକାରିତା ସୁଚାରୁ ରୂପେ ସମ୍ପାଦନ ହୋଇପାରିବ। ଏଥିସହିତ ଲୋକସମ୍ପର୍କ ମଧ୍ୟ ବୃଦ୍ଧି ପାଇବ ଏବଂ ଲୋକଙ୍କ ସ୍ୱର ସରକାରଙ୍କ ନିକଟରେ ସହଜରେ ପହଞ୍ଚି ପାରିବ।

**ଅଶୋକ କୁମାର ଆଢ଼୍ୟ, ପୁରୀ, ମୋ: ୯୦୪୦୨ ୯୪୫୬୮**

### ହୋର୍ଡିଂ ପାଇଁ ସୁରକ୍ଷା ମାର୍ଗଦର୍ଶିକା

ବର୍ତ୍ତମାନ ନିର୍ବାଚନ ଆସନ୍ନ। ଏଥିପାଇଁ ସମସ୍ତ ରାଜନୈତିକ ଦଳ ସେମାନଙ୍କର ଦଳ ତଥା ପ୍ରାର୍ଥୀମାନଙ୍କ ସପକ୍ଷରେ ବିଭିନ୍ନ ଜାଗାରେ ହୋର୍ଡିଂ ବାନ୍ଧିବା ଆରମ୍ଭ କଲେଣି। ପ୍ରଶ୍ନ ଉଠୁଛି ଉକ୍ତ ହୋର୍ଡିଂଗୁଡ଼ିକ ଲଗାଇବା ବେଳେ ଯଥେଷ୍ଟ ସତର୍କତା ଅବଲମ୍ବନ କରାଯାଉଛି ତ? ଅନ୍ୟପକ୍ଷରେ ଖରା ଦିନରେ 'ଲୁ' ପବନ ଏକ ସାଧାରଣ କଥା। ଯଦି ହୋର୍ଡିଂ ଲଗାଇବା ସମୟରେ ଯଥେଷ୍ଟ ସତର୍କତା ଅବଲମ୍ବନ କରା ନ ଯାଏ, ତା' ହେଲେ ପବନରେ ହୋର୍ଡିଂଗୁଡ଼ିକ ଉଡ଼ିଯାଇ ଲୋକଙ୍କୁ କ୍ଷତାକ୍ତ କରିବାର ଆଶଙ୍କା ରହିଛି। କିଛିସ୍ଥାନରେ ହୋର୍ଡିଂଗୁଡ଼ିକୁ ବିଦ୍ୟୁତ୍ ସଂଯୋଗ କରାଯାଇଥାଏ, ଯେଉଁଥିରୁ ଦୁର୍ଘଟଣା ଘଟିବାର ଆଶଙ୍କା ଥାଏ। ତେଣୁ ହୋର୍ଡିଂ ଲଗାଇବା ବେଳେ ସୁରକ୍ଷା ଦୃଷ୍ଟିକୋଣ ପ୍ରତି ପ୍ରତ୍ୟେକ ରାଜନୈତିକ ଦଳ ତଥା ବିଜ୍ଞାପନ ସଂସ୍ଥାଗୁଡ଼ିକ ଯତ୍ନବାନ ହେବା ଆବଶ୍ୟକ।

**ଡ. ସୀତାକାନ୍ତ ତ୍ରିପାଠୀ, ଅର୍ଣ୍ଣପାଳ, ଭଦ୍ରକ**

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342
ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

## ସଇତପୁରରେ ଗୋଠଛଡ଼ା ହାତୀର ଉପଦ୍ରବ

ବେତନଟୀ, ୮ ।୩(ସମିସ): ବେତନଟୀ ବ୍ଲକ ଅଧୀନ ସଇତପୁର ଗ୍ରାମରେ ହାତୀ ଉପଦ୍ରବ ଦେଖାଦେଇଛି । ଗ୍ରାମର ଜୟନ୍ତୀ ମହାନ୍ତ ଏବଂ ବଳରାମ ମହାନ୍ତ ନାତିନାତୁଣୀଙ୍କୁ ଧରି ଶୋଇଥିବା ବେଳେ ବୁଧବାର ବିଳମ୍ବିତ ରାତିରେ ଏକ ଏକ ଗୋଠଛଡା ବଣୁଆ ଦନ୍ତାହାତୀ ବଳରାମଙ୍କ ଘର ଉପରେ ଆକ୍ରମଣ କରିଥିଲା । ଘରକାନ୍ଥ ଭାଙ୍ଗି ଭିତରକୁ ଆସିବା ସହିତ ବ୍ୟାପକ ଆସବାବପତ୍ର ନଷ୍ଟ କରିଥିଲା । ପରେ ସେଠାରେ ଥିବା ପାଚିଲାଧାନ ଏବଂ ଚାଉଳ ବସ୍ତା ବାହାରକୁ ଘୋଷାରି ଆଣିଥିଲା । ଖବରପାଇ ଗୁରୁବାର ସକାଳେ ପ୍ରାକ୍ତନ ସରପଞ୍ଚ ରବୀନ୍ଦ୍ର କିସ୍କୁ ପହଞ୍ଚି କ୍ଷୟକ୍ଷତି ଦେଖିବାପରେ ସରକାରୀ ସହାୟତା ପାଇଁ ବନବିଭାଗ ଏବଂ ରାଜସ୍ୱ ବିଭାଗ ସହିତ ଆଲୋଚନା କରିଛନ୍ତି । ଉଭୟ ପରିବାରକୁ ସହାୟତା ଦାବି ହେଉଛି ।

## ବାଇକ ଧକ୍କାରେ ଯୁବକଙ୍କ ମୃତ୍ୟୁ ଘଟଣା; ଚାଳକ କୋର୍ଟଚାଲାଣ

ବୈଶିଙ୍ଗା, ୮ ।୩(ସମିସ): ବେତନଟୀ ବ୍ଲକ ଅଧୀନ ଅଁଳା ଫ୍ଲାଏଆଶ ଫ୍ୟାକ୍ଟ୍ରି ଛକ ନିକଟରେ ଫେବୃଆରୀ ୨୨ ତାରିଖରେ ଏକ ବାଇକ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟଣାରେ ପୁଲିସ ବାଇକ ଚାଳକକୁ ଗିରଫକରି ଗୁରୁବାର କୋର୍ଟଚାଲାଣ କରିଛି । ଗିରଫ ଚାଳକ ଜଣକ ହେଉଛନ୍ତି ପଣସିଆ ଉପକଣ୍ଠ ଖୁଣ୍ଟାପୁର ଗ୍ରାମର ମିଟୁ ସିଂଙ୍କ ପୁଅ ଜିତେନ୍ଦ୍ର ସିଂ ।

### କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନରଙ୍କ ମୟୂରଭଞ୍ଜ ଗସ୍ତ

# ସାଧାରଣ ନିର୍ବାଚନ ଓ ରାଜସ୍ୱ ପରିଚାଳନା ପାଇଁ ପରାମର୍ଶ



ବାରିପଦା, ୮ ।୩(ସମିସ): କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନର ରଞ୍ଜନ କୁମାର ଦାସ ଗୁରୁବାର ମୟୂରଭଞ୍ଜ ଜିଲ୍ଲା ଗସ୍ତ କରି ଆସନ୍ନ ସାଧାରଣ ନିର୍ବାଚନ ପ୍ରସ୍ତୁତି ଓ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ସରକାରୀ କାର୍ଯ୍ୟ ପାଇଁ ଆସିଥିବା ଟଙ୍କା ଖର୍ଚ୍ଚନେଇ ଆଲୋଚନା କରିଥିଲେ । ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବିଭୂତି ଭୂଷଣ ନାୟକ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନେତ୍ରାନନ୍ଦ ମଲ୍ଲିକ ଏବଂ ଅତିରିକ୍ତ ଜିଲ୍ଲାପାଳ (ରାଇରଙ୍ଗପୁର) ଦୌଲତ ଚନ୍ଦ୍ରକାର, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ରଜନୀକାନ୍ତ ସ୍ୱାଇଁ ପ୍ରମୁଖ ବୈଠକରେ ଯୋଗଦେଇ ସମସ୍ତ ଲାଇନ ବିଭାଗର ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ । ପ୍ରକାଶ ଥାଉକି, ସମୀକ୍ଷା ବୈଠକରେ ରାଜସ୍ୱ କମିଶନର, ସମସ୍ତ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ତହସିଲ ଅଫିସର ସମସ୍ତ ରାଜସ୍ୱ ସମ୍ବନ୍ଧୀୟ ତଥ୍ୟ ପଚାରି ବୁଝିଥିଲେ । ନିର୍ବାଚନ ପାଇଁ ସମସ୍ତ ରାଜସ୍ୱର ଠିକ ବିନିଯୋଗ ଏବଂ ତତସହିତ କିଭଳି ସାଧାରଣ ନିର୍ବାଚନରେ ମହିଳାଙ୍କ ଭୂମିକାକୁ ତ୍ୱରାନ୍ୱିତ କରାଯିବ ସେ ବିଷୟରେ ଅଧିକାରୀଙ୍କ ଆଲୋଚନା କରିଥିଲେ । ଏହି ପରିପ୍ରେକ୍ଷୀରେ ଶ୍ରୀ ଦାସ ସମସ୍ତ ବିଭାଗୀୟ କାର୍ଯ୍ୟର ତଦାରଖ କରିବା ସହିତ ସମସ୍ତ ରାଜସ୍ୱର ଠିକ୍ ପରିଚାଳନା କାର୍ଯ୍ୟ ବିଷୟରେ ସମସ୍ତ ଅଧିକାରୀଙ୍କଠାରୁ ସୂଚନା ନେଇଥିଲେ । ତତ୍‌ସହିତ ରାଜସ୍ୱର ସଠିକ୍ ଭାବେ ବିନିଯୋଗ କରିବା ପାଇଁ ସମସ୍ତ ସରକାରୀ କର୍ମକର୍ତ୍ତାଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବୈଠକରେ କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନର ଜିଲ୍ଲାର ସମସ୍ତ ଉପଜିଲ୍ଲାପାଳ ଏବଂ ସମସ୍ତ ଅଧିକାରୀ, କର୍ମଚାରୀ, ଜଳସେଚନ ବିଭାଗୀୟ ଯନ୍ତ୍ରୀ, ରାସ୍ତା ଏବଂ ଗୃହ ନିର୍ମାଣ ବିଭାଗ ଯନ୍ତ୍ରୀ ଏବଂ ବିଭିନ୍ନ ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ସହିତ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ସମସ୍ତ ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ । ସମସ୍ତ କାର୍ଯ୍ୟ ଗୁଡିକ ଆଗାମୀ ସାଧାରଣ ନିର୍ବାଚନ ପୂର୍ବରୁ କିପରି ଶେଷ ହେବ ସେ ନେଇ ତଦାରଖ କରି ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ ।

## ୬ ଯୋଡ଼ା ଦିବ୍ୟାଙ୍ଗ ଦମ୍ପତିଙ୍କୁ ବିବାହ ପ୍ରୋତ୍ସାହନ ରାଶି ପ୍ରଦାନ

ବାରିପଦା, ୮ ।୩(ସମିସ): ମୟୂରଭଞ୍ଜ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେ ଗୁରୁବାର ୬ଯୋଡ଼ା ଦିବ୍ୟାଙ୍ଗ ଦମ୍ପତିଙ୍କୁ ଅଢେଇ ଲକ୍ଷ ଟଙ୍କା ଲେଖାଏଁ ବିବାହ ପ୍ରୋତ୍ସାହନ ରାଶି ପ୍ରଦାନ କରିଥିଲେ । ସେମାନେ ହେଲେ ବିକାଶ ରଞ୍ଜନ ପରିଡ଼ା-ରଶ୍ମିତାଦାସ, ଦାମୟନ୍ତୀ ନାଥ - କମଳେନ୍ଦୁ ବେରା, ପ୍ରକାଶ ରଞ୍ଜନ ପରିଡ଼ା କୁଞ୍ଜଲତା ମହାନ୍ତି, ଜ୍ୟୋତି ମୋହନ ହାଁସଦା - କନକଲତା ମାରାଣ୍ଡି, ଭାସ୍କର ବାରିକ- ଲିପିକା ବାରିକ୍, ଭବେଶ କୁମାର ଦ୍ୱିବେଦୀ-ଦେବସ୍ମିତା ମହାପାତ୍ର । ଏହି ଅବସରରେ ଜିଲ୍ଲାପାଳ ଶ୍ରୀ ସିନ୍ଦେ ସମସ୍ତ ଦିବ୍ୟାଙ୍ଗ ଦମ୍ପତିଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରି ସେମାନଙ୍କୁ ଶୁଭେଚ୍ଛା ଜ୍ଞାପନ କରିଥିଲେ । ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ନାରାୟଣ ବେହେରା କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ ।

## ଜେଏମ୍ଏଫ୍‌ସି କୋର୍ଟରେ ଆନ୍ତର୍ଜାତିକ ମହିଳା ଦିବସ ପାଳିତ

ବେତନଟୀ, ୮ ।୩(ସମିସ): ବେତନଟୀ ଜେଏମଏଫସି କୋର୍ଟ ପରିସରରେ ଆନ୍ତର୍ଜାତିକ ମହିଳା ଦିବସ ପାଳିତ ହୋଇଛି । ଏଥିରେ ମୁଖ୍ୟଅତିଥି ଭାବେ ଜେଏମଏଫସି କୋର୍ଟର ବିଚାରପତି ଏ. ଅବିନାଶ ନାଇଡୁ ଭାବରେ ଯୋଗଦେଇଥିଲେ । ବାର ଆସୋସିଏସନର ସମ୍ପାଦକ ପ୍ରବୀର କୁମାର ବାରିକଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ବାର ଆସୋସିଏସନ ସଭାପତି ଦେବବ୍ରତ ପିରଡା, ବରିଷ୍ଠ ଆଇନଜୀବୀ ତଥା ପ୍ରାକ୍ତନ ସମ୍ପାଦକ ସଞ୍ଜୟ କୁମାର ରାଉତ, ମହିଳା ଆଇନଜୀବୀ ରୂପଶ୍ରୀ ବାରିକ ପ୍ରମୁଖ ଯୋଗଦେଇ ମହିଳା ଦିବସ ଉପରେ ବକ୍ତବ୍ୟ ରଖିଥିଲେ । କାର୍ଯ୍ୟକ୍ରମରେ ପଦ୍ମମାଳୀ ମହିଳା ସଂଗଠନ ପକ୍ଷରୁ ସାଧାରଣ ସମ୍ପାଦିକା ପ୍ରଭାତୀ ମହାନ୍ତି, ଗୀତାଞ୍ଜଳି ଭୂୟାଁ, ପାମେଲା ଜେନା, ସୋନା ଖାତୁନ, ବିନୋଦିନୀ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ ।

## ଦେବଗାଁରେ ମହାଦେବ ମନ୍ଦିର ପ୍ରତିଷ୍ଠା

କୁଆମରା, ୮ ।୩(ସମିସ): ଗୋପବନ୍ଧୁ ନଗର ବ୍ଲକ ବରଡିହି ପଞ୍ଚାୟତ ଦେବଗାଁର ବାବା କଖୁରେଶ୍ୱରଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ହୋଇଯାଇଛି । ଏଥିସହିତ ବୃନ୍ଦାବତୀ, ବୃଷଭ ଓ ନାଗଦେବଙ୍କ ମଧ୍ୟ ପ୍ରତିଷ୍ଠା କାର୍ଯ୍ୟ ସମ୍ପନ୍ନ ହୋଇଛି । ମଙ୍ଗଳବାର ପୂର୍ବାହ୍ନରେ ଭକ୍ତଙ୍କ ଦ୍ୱାରା ୧୦୮ କଳସ ଶୋଭାଯାତ୍ରା ବାହାରି ଗ୍ରାମ ପରିକ୍ରମା କରିବା ପରେ ମନ୍ଦିର ପୂଜା ସ୍ଥଳରେ ପହଞ୍ଚିଥିଲା । ପରେ ସୂର୍ଯ୍ୟ ପୂଜା, ଚଣ୍ଡୀପାଠ, ନାମ ଯଜ୍ଞ, ଅଷ୍ଟପ୍ରହରୀ, ଗୀତା ଯଜ୍ଞ ଆଦି ବ୍ରାହ୍ମଣମାନଙ୍କ ଦ୍ୱାରା ସମାପନ ହୋଇଛି । ମନ୍ଦିର ପୂଜକ ଲକ୍ଷ୍ମୀନାରାୟଣ ପତିଙ୍କ ତତ୍ତ୍ୱାବଧାନରେ ମୁଖ୍ୟ ପୁରୋହିତ ଭାବେ ରବୀନ୍ଦ୍ରନାଥ ମିଶ୍ର, କିଶୋର ସୁବୁଦ୍ଧି, ସିଦ୍ଧେଶ୍ୱର ଦ୍ୱିବେଦୀ ପ୍ରମୁଖ ୯ ଜଣ ବ୍ରାହ୍ମଣ ପ୍ରତିଷ୍ଠା କାର୍ଯ୍ୟ ସମ୍ପନ୍ନ କରିଥିଲେ । ସତ୍ୟବ୍ରତ ମହାପାତ୍ର ଚଣ୍ଡୀପାଠ କରିଥିଲେ । କର୍ତ୍ତାଭାବେ ସନାତନ ନାୟକ, ଗୟାଧର ପୃଷ୍ଟି, ଚିନ୍ତାମଣି ବିଶ୍ୱାଳ, ଜୟନ୍ତ ବିଶ୍ୱାଳ ତଥା ଧର୍ମ ପତ୍ନୀ କାର୍ଯ୍ୟ ତୁଲାଇଥିଲେ । ଗୁରୁବାର ଅପରାହ୍ନରେ ପୂର୍ଣ୍ଣାହୂତି ହେବା ପରେ ଭକ୍ତମାନେ ପ୍ରସାଦ ସେବନ କରିଥିଲେ । ବସନ୍ତ ନାୟକ, କମଳାକାନ୍ତ ଦାସ, କୃଷ୍ଣ ମଣି ଦାସ, ସୁଧାକର ନାୟକ, ପ୍ରଶାନ୍ତ କୁମାର ଦାସ, ହେମନ୍ତ କୁମାର ନାୟକ, ସୁଶାନ୍ତ କୁମାର କର ପ୍ରମୁଖ କାର୍ଯ୍ୟ ପରିଚାଳନା କରିଥିଲେ । ଅତିଥି ଭାବେ ପୂର୍ବତନ ବିଧାୟକ ଶ୍ରୀନାଥ ସରେନ, ବିଜେଡି ମହିଳା କାର୍ଯ୍ୟକାରୀ ସଭାପତି ସବିତା ହାଁସଦା, ବିଜେଡି ଜିଲ୍ଲା ସମ୍ପାଦକ ମାନସ ରଞ୍ଜନ ମହାରଣା, ବିଜେଡି ବ୍ଲକ ସଭାପତି ସତ୍ୟବାନ ଉପାଧ୍ୟାୟ, ବ୍ଲକ ଉପାଧକ୍ଷା ରଶ୍ମିତା ଚୌଧୁରୀ, ସରପଞ୍ଚ ମାନିନୀ ବିଶ୍ୱାଳ, ପ୍ରବୀର ଚନ୍ଦ୍ର ସାଏ ପ୍ରମୁଖ ଯୋଗଦେଇଥିଲେ ।



## ତୋଟାପଡ଼ା ଆଶ୍ରମ ସ୍କୁଲର ବାର୍ଷିକ ଉତ୍ସବ



ରାସଗୋବିନ୍ଦପୁର, ୮ ।୩(ସମିସ): ତୋଟାପଡ଼ା ଆଶ୍ରମ ବିଦ୍ୟାଳୟର ଗତ ୬ ତାରିଖରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ଦେବେନ୍ଦ୍ର କୁମାର ପଣ୍ଡାଙ୍କ ଆହୂତ କ୍ରମେ ଜିଲ୍ଲା ଶିକ୍ଷା ନିରୀକ୍ଷକ ମାନସ ରଞ୍ଜନ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଜିଲ୍ଲା ମଙ୍ଗଳ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ । ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଆରକ୍ଷୀ ଅଧୀକ୍ଷକ ସନ୍ତୋଷ କୁମାର ନାୟକ ନିଜର ଅଭିଜ୍ଞତା ସମ୍ପର୍କରେ ସୂଚନା ଦେଇଥିଲେ । ସମ୍ମାନିତ ଅତିଥି ଭାବେ ବ୍ଲକର ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଦୀପକ କୁମାର ମାର୍ଣ୍ଡି ଅନ୍ତେବାସୀଙ୍କ ଶିକ୍ଷା ଓ ସ୍ୱାସ୍ଥ୍ୟ ପ୍ରତି ଅଧିକ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ବାସିପିଠା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦୀପ୍ତିକାନ୍ତ ଜେନା, କଲ୍ୟାଣ ଶିକ୍ଷକ ସଂଘ ସଭାପତି ଚିତ୍ତରଞ୍ଜନ ପ୍ରତିହାରୀ, ଦେବଳା ଆଶ୍ରମ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦୀପକ କୁମାର ଦଣ୍ଡପାଟ, ବାଗୁଲି ଆଶ୍ରମ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଶ୍ୱନାଥ ସାହୁ, ଉତ୍ତରପାଳ ଆଶ୍ରମ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଗିରିଶ୍ଚନ୍ଦ୍ର ପଣ୍ଡା, ଚନ୍ଦନପୁର ଆଶ୍ରମ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଦୀପ ଭୂୟାଁ, ବ୍ରାହ୍ମଣଗାଁ ଆଶ୍ରମ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଜୟ କୁମାର ନାୟକ, ବିଦ୍ୟାଳୟର ପରିଚାଳନା କମିଟି ସଭାପତି ଅଜୟ କୁମାର ପତି ପ୍ରମୁଖ ଯୋଗ ଦେଇ ଶିକ୍ଷା ପ୍ରତି ଅନୁରୋକ୍ତି ରଖିବାକୁ ଅଭିଭାବକୁ ପରାମର୍ଶ ଦେଇଥିଲେ । ଶେଷରେ ପ୍ରଧାନ ଶିକ୍ଷକ ଶ୍ରୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ୧୭୮ ଜଣଙ୍କୁ ବିଏସକେୱାଇ ନବୀନ କାର୍ଡ ବଣ୍ଟନ

ବାଙ୍ଗିରିପୋଷି, ୮ ।୩(ସମିସ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଏସକେୱାଇ ନବୀନ କାର୍ଡର ଶୁଭାରମ୍ଭ କରିଛନ୍ତି । ଏହି ପରିପ୍ରେକ୍ଷୀରେ ବାଙ୍ଗିରିପୋଷି ବ୍ଲକରେ ପ୍ରଥମ ପର୍ଯ୍ୟାୟରେ ୧୭୮ ଜଣଙ୍କୁ ଏହି କାର୍ଡ ବଣ୍ଟନ ହୋଇଛି । ନିୟମିତ ସରକାରୀ କର୍ମଚାରୀ ଓ ଆୟକର ଦେଉଥିବା ଲୋକଙ୍କୁ ଛାଡି ଗାଁ ସବୁ ଲୋକ ଏହି ସୁବିଧା ପାଇବେ । ମେ' ପହିଲାରୁ ହିତାଧିକାରୀମାନେ ଏହାର ସୁବିଧା ପାଇବେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧକ୍ଷା ଗୀତାଞ୍ଜଳୀ ହେମ୍ବ୍ରମ, ବିଡିଓ ମାନସ କୁମାର ଦଣ୍ଡପାଟ, ସ୍ୱାସ୍ଥ୍ୟ ଅଧିକାରିଣୀ ଲକ୍ଷ୍ମୀପ୍ରିୟା ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟା ପାର୍ବତୀ ସିଂ, ପୂର୍ବତନ ବ୍ଲକ ଅଧକ୍ଷ ସୁବୋଧ ମାର୍ଣ୍ଡି, ସମିତି ସଭ୍ୟ ସୁନ୍ଦରମୋହନ ମାର୍ଣ୍ଡି ଉପସ୍ଥିତ ରହି କାର୍ଡ ବଣ୍ଟନ କରିଥିଲେ ।



## କରଞ୍ଜିଆରେ ବିଜୁ ସ୍ୱାସ୍ଥ୍ୟକାର୍ଡ ବଣ୍ଟନ

କରଞ୍ଜିଆ, ୮ ।୩(ସମିସ): କରଞ୍ଜିଆ ବ୍ଲକର ୧୫ ପଞ୍ଚାୟତର ୧୮୦ ଜଣ ହିତାଧିକାରୀଙ୍କୁ ଗୁରୁବାର ବିଜୁ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରାଯାଇଛି । ଏଥିରେ ମହିଳା ଶିଶୁ ବିକାଶ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ପରେ ବିଡ଼ିଓ ସୁଶାନ୍ତ କୁମାର ସୂତାରଙ୍କ ଅଧ୍ୟକ୍ଷତାରେ ଏହି କାର୍ଡ ବଣ୍ଟନ ହୋଇଥିଲା । ମୁଖ୍ୟ ଅତିଥିଭାବେ ବ୍ଲକ ଅଧକ୍ଷ ସୁଭଦ୍ରା ମାରାଣ୍ଡି, ସମ୍ମାନିତ ଅତିଥିଭାବେ ଉପାଧକ୍ଷ ଛତିଶ ଚନ୍ଦ୍ର ମହନ୍ତ ପ୍ରମୁଖ ଯୋଗ ଦେଇ ହିତାଧିକାରୀଙ୍କୁ କାର୍ଡ ବଣ୍ଟନ କରିଥିଲେ ।



## ଆଦିବାସୀ ସେଙ୍ଗେଲ ଅଭିଯାନ ପକ୍ଷରୁ ଶୋକସଭା

ରାଇରଙ୍ଗପୁର/ଉପରବେଡା, ୮ ।୩ (ସମିସ): ଆଦିବାସୀ ସେଙ୍ଗେଲ ଅଭିଯାନର ପୂର୍ବତନ କୁସୁମୀ ବ୍ଲକ ସେଙ୍ଗେଲ ସଭାପତି ତଥା ଅଲ ଇଣ୍ଡିଆ ସାନ୍ତାଳି ଏଜୁକେସନ୍ କାଉନସିଲର ବ୍ଲକ କୋର୍ଡିନେଟର ଭାବେ କାର୍ଯ୍ୟ କରିଆସୁଥିବା ସ୍ୱର୍ଗତ ଉଦୟ ମାର୍ଣ୍ଡିଙ୍କ ଏକାଦଶାହରେ ଏକ ଶୋକସଭା ଚୁଆପାଣି ପଞ୍ଚାୟତ ସ୍ଥିତ ଚୁଲିଭଙ୍ଗାରେ ଅନୁଷ୍ଠିତ ହୋଇଯାଇଛି । ଆଦିବାସୀ ସେଙ୍ଗେଲ ଅଭିଯାନର ରାଷ୍ଟ୍ରୀୟ ଅଧକ୍ଷ ତଥା ପୂର୍ବତନ ସାଂସଦ ସାଲଖାନ ମୁର୍ମୁଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ସଂଗଠନରେ ବହୁ ବର୍ଷ ଧରି ବିଭିନ୍ନ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କରି ଚୁଆପାଣି ପଞ୍ଚାୟତ ତଥା କୁସୁମୀ ବ୍ଲକରେ ସମାଜସେବୀ ଭାବରେ ସେ ପରିଚତ ଥିଲେ । ତାଙ୍କର ଏକାଦଶାହରେ ଆଦିବାସୀ ସେଙ୍ଗେଲ ଅଭିଯାନର କୁସୁମୀ ବ୍ଲକ ସେଙ୍ଗେଲ ସଭାପତି ଦେବ କୁମାର ସୋରେନ, ଆଦିବାସୀ ମହିଳାମୋର୍ଚ୍ଚା ସଭାନେତ୍ରୀ ମାଲହ ମାର୍ଣ୍ଡି ଏଆଇଏସ୍ଇସି ଏଡିମିନିଷ୍ଟ୍ରେଟର କିସୁନ ହାଁସଦା ସହିତ ବହୁ କର୍ମୀ ଅଂଶଗ୍ରହଣ କରି ତାଙ୍କର ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇବା ସହିତ ଆର୍ଥିକ ସହାୟତା ଯୋଗାଇଥିଲେ । ଶେଷରେ ତାଙ୍କର ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି କର୍ମକର୍ତ୍ତାମାନେ ତାଙ୍କର ଅମର ଆତ୍ମାର ସଦଗତି ପାଇଁ ପ୍ରାର୍ଥନା କରିଥିଲେ ।

## ଯଶିପୁର ବ୍ଲକରେ ନବୀନ କାର୍ଡ ବଣ୍ଟନ



ଯଶିପୁର, ୮ ।୩(ସମିସ): ଯଶିପୁର ବ୍ଲକ ପରିସରରେ ଗୁରୁବାର ନବୀନ କାର୍ଡ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟବାସୀଙ୍କୁ ଉତ୍ତମ ଓ ଉନ୍ନତ ମାନର ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ସରକାରଙ୍କ ପ୍ରାଥମିକତା ରହିଛି । ବିପିଏମ୍ ମୋତିଲାଲ ସାହୁ ଏହି ଯୋଜନାରେ ନିୟମିତ ସରକାରୀ କର୍ମଚାରୀ ଓ ଆୟକର ଦେଉଥିବା ଲୋକଙ୍କୁ ଛାଡି ଗାଁର ସବୁ ଲୋକ ଏହି ସୁବିଧା ପାଇପାରିବେ ବୋଲି କହିଥିଲେ । ବିଡ଼ିଓ ସତ୍ୟାନନ୍ଦ ଦାଶ ରାଜ୍ୟର ପ୍ରତ୍ୟେକ ଲୋକଙ୍କ ପାଇଁ ସ୍ୱାସ୍ଥ୍ୟ ସୁରକ୍ଷା ଯୋଗାଇଦେବା ମୁଖ୍ୟମନ୍ତ୍ରୀଙ୍କ ଲକ୍ଷ୍ୟ ବୋଲି କହିଥିଲେ । ବ୍ଲକ ଅଧକ୍ଷା କୁମୁଦିନୀ ଦଳେଇ, ଉପାଧକ୍ଷା କନକଲତା ଦାସ, ଜିଲ୍ଲା ପରିଷଦ ସଭ୍ୟା ସୁଜାତା ହୋ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଚକ୍ରଧର ହେମ୍ବ୍ରମ ପ୍ରମୁଖ ହିତାଧିକାରୀଙ୍କୁ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରିଥିଲେ । ପ୍ରଥମ ପର୍ଯ୍ୟାୟରେ ୨୦୭ ହିତାଧିକାରୀଙ୍କୁ ଏହି କାର୍ଡ ପ୍ରଦାନ କରାଯାଇଥିଲା ।

## ଷ୍ଟେଟ୍ ବ୍ୟାଙ୍କ ପକ୍ଷରୁ ମହିଳାଙ୍କୁ ଉପହାର



ଶୁକୁଳି, ୮ ।୩(ସମିସ): ମୟୂରଭଞ୍ଜ ଜିଲ୍ଲା ଖୁଣ୍ଟି ଷ୍ଟେଟ ବ୍ୟାଙ୍କ ପକ୍ଷରୁ ମହିଳା ଦିବସରେ ମହିଳାଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଦୁଇଟି ଅତ୍ୟାଧୁନିକ ସିଲେଇ ମେସିନ ପ୍ରଦାନ କରାଯାଇଛି । ଅନାମି ନାୟକ ଓ ଆରତୀ ଧଳଙ୍କୁ ଏହି ମେସିନ ପ୍ରଦାନ କରାଯାଇଛି । ଶାଖା ପରିଚାଳକ ମାଳତୀ ମୁର୍ମୁ ମହିଳାମାନେ କିଭଳି ଆଗକୁ ବଢ଼ିବେ ଏବଂ ସ୍ୱାବଲମ୍ବୀ ହେବେ ସେ ବିଷୟରେ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମରେ ଫିଲ୍ଡ ଅଫିସର୍ ତାରିଣୀ ପ୍ରସାଦ ବେହେରା, କ୍ୟାସିୟର ଯଶୋଦା ମୁର୍ମୁ, ଗୁରୁଚରଣ ପିଙ୍ଗୁଆ, ନିତୁ ସିଂ ମୁଣ୍ଡାରୀ, କରୁଣାକର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

## ହରିଲାବେଡ଼ା ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଜାମଦା, ୮ ।୩(ସମିସ): ଜାମଦା ବ୍ଲକ ଅନ୍ତର୍ଗତ ହରିଲାବେଡା ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ମୋରଣ୍ଡା ଆଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭବତୋଷ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଶୁଭାଶିଷ ଦାସ, ମୁଖ୍ୟ ବକ୍ତା ଭାବେ ହେସେଲପଟା ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦିଲ୍ଲୀପ ମହାପାତ୍ର, ସ୍ୱତନ୍ତ୍ର ଅତିଥି ଭାବେ ଜାମଦା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗୌରୀ ଶଙ୍କର ସା, ସମ୍ମାନିତ ଅତିଥି ଭାବେ ବଡକୁଲେଇବିରା ଆଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସଦାଶିବ ମହାନ୍ତ, ବିଦ୍ୟାଳୟ ପରିଚାଳନା କମିଟିର ଚେୟାରମ୍ୟାନ ଜୟରମ ସୋରେନ, ଗ୍ରାମର ମାଝୀ ବାବା ବାସେଡ ହାଁସଦା, ହରିଲାବେଡା ଗ୍ରାମର ବରିଷ୍ଠ ବ୍ୟକ୍ତି କାନ୍ଦ୍ରା ପିଙ୍ଗୁଅ, ନରନ୍ ସୋରେନ, ଜାମଦା ସାଧନା କେନ୍ଦ୍ରର ସଂଯୋଜକ ଶିବଙ୍କର ମହାନ୍ତ, ଗହିରା ସାଧନା କେନ୍ଦ୍ରର ସଂଯୋଜକ ବଙ୍କି ଜଗବନ୍ଧୁ ପାଲ, ଦେଓକୁଣ୍ଡି ଆଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅନନ୍ତ ଚରଣ ହାଁସଦା, ରାଇରଙ୍ଗପୁର ବାଳିକା ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ହରମୋହନ ମହାନ୍ତ ଏବଂ ଗୁରୁ ପ୍ରସାଦ ମହାକୁଡ ପ୍ରମୁଖ ଛାତ୍ରଛାତ୍ରୀଙ୍କୁ ମାର୍ଗ ଦର୍ଶକ କରିଥିଲେ । ବିଦ୍ୟାଳୟର ଭାରପ୍ରପ୍ତ ପ୍ରଧାନ ଶିକ୍ଷକ ବାବୁଲୁ କୁମାର ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ । ଶିକ୍ଷକ ସୁରେନ୍ଦ୍ର ନାଥ କଣ୍ଡଙ୍କେଲ, ଶିକ୍ଷୟିତ୍ରୀ ପାର୍ବତୀ ସିଂ, ସୁଲଚନା ମଣ୍ଡଳ ମଞ୍ଚ ପରିଚାଳନା କରିବା ସହ ଅତିଥି ପରିଚୟ ଦେଇଥିଲେ । ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା ।

## ମୋ ସ୍କୁଲ ଅଭିଯାନ ବୈଠକ

ବହସାହି, ୮ ।୩(ସମିସ): ବଡସାହି ବ୍ଲକ ଦେଉଳିଆ ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ 'ମୋ ସ୍କୁଲ ଅଭିଯାନ'ର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଣବ କୁମାର ପ୍ରଧାନ ସଭାପତିତ୍ୱ କରିଥିଲେ । ବୈଠକରେ ପୁରାତନ ଛାତ୍ରଛାତ୍ରୀ ଯୋଗଦେଇ ଆଲୋଚନାରେ ଭାଗ ନେବା ସହିତ ନିଜ ନିଜର ସୁଚିନ୍ତିତ ମତାମତ ଦେଇଥିଲେ । ପ୍ରଧାନଶିକ୍ଷକ ଶ୍ରୀ ପ୍ରଧାନ ସେମାନଙ୍କୁ ସ୍ୱାଗତ କରିବା ସହିତ ବିଦ୍ୟାଳୟରେ ନୂତନ ଭାବେ ସରକାରଙ୍କ ଦ୍ୱାରା ହୋଇଥିବା ସ୍ମାର୍ଟ ବୋର୍ଡ, ଇ-ଲାଇବ୍ରେରୀ, ଲାବରେଟୋରୀ, ସ୍ୱଚ୍ଛ ପାନୀୟ ଜଳର ବ୍ୟବସ୍ଥା, ଛାତ୍ରଛାତ୍ରୀଙ୍କ ପାଇଁ ଶୌଚାଳୟର ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରିଥିଲେ । ଏହି ଅବସରରେ ସମସ୍ତ ଅଲୁମିନି ସଦସ୍ୟ/ସଦସ୍ୟାଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ବିଦ୍ୟାଳୟକୁ ମିଳିଥିବା ପ୍ରଶଂସାପତ୍ର ପ୍ରଦାନ କରାଯାଇଥିବା ବେଳେ ସେମାନେ ଇ-ଲାଇବ୍ରେରୀ ଓ ଲାବରେଟୋରୀ ବୁଲି ଦେଖିଥିଲେ । ବିଦ୍ୟାଳୟ ଉନ୍ନତି ପାଇଁ ମୋ ସ୍କୁଲ ଯୋଜନାକୁ ବ୍ୟାପକ କରିବା ପାଇଁ ସମସ୍ତ ଅଲୁମିନି ସଦସ୍ୟ/ସଦସ୍ୟାଙ୍କ ଠାରୁ ସାହାର୍ଯ୍ୟ ସହଯୋଗ ଲୋଡିଥିଲେ । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଓ କର୍ମଚାରୀ ସହଯୋଗ କରିଥିଲେ ।

## ହୃଦ୍‌ଘାତରେ ପିଇଓଙ୍କ ଅକାଳ ବିୟୋଗ

ମୋରଡ଼ା, ୮ ।୩(ସମିସ): ମୋରଡ଼ା ଥାନା ତଥା ଚିତ୍ରଡା ଫାଣ୍ଡି ଅଧୀନ ହଳଦୀପାଳ ଗ୍ରାମରେ ଜଣେ ପିଇଓଙ୍କ ଆକାଳ ବିୟୋଗ ଯୋଗୁଁ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ମୃତକ ଜଣକ ହେଲେ ହଳଦୀପାଳ ଗ୍ରାମର ଅଜୟ କୁମାର ବେହେରା । ସୂଚନାଯୋଗ୍ୟ ଯେ ଅଜୟ ବହଳଦା ବ୍ଲକରେ ପିଇଓ ଭାବରେ କାର୍ଯ୍ୟରତ ଥିବା ବେଳେ ତାଙ୍କର ଦେହ ଅସୁସ୍ଥ ହେବାରୁ ସେ ବେତନଟୀ ବ୍ଲକକୁ ବଦଳି ହୋଇ ଆସିଥିଲେ । ତେବେ ଗତ ମଙ୍ଗଳବାର ରାତିରେ ସେ ଘରେ ଶୋଇଥିବା ସମୟରେ ହଠାତ ପ୍ରବଳ କାଶ ହେବା ସହିତ ଛାତିରେ ପ୍ରବଳ ଯନ୍ତ୍ରଣା ହୋଇଥିଲା । ଫଳରେ ତାଙ୍କୁ ପ୍ରଥମେ କିଷାନତାଣ୍ଡି ପରେ ପିଆରଏମ ମେଡିକାଲ କଲେଜ ଏଣ୍ଡ ହସ୍ପିଟାଲକୁ ସ୍ଥାନାନ୍ତରିତ କରାଯାଇଥିଲା । ହେଲେ ଡାକ୍ତର ମୃତ ଘୋଷଣା କରିଥିଲେ । ତାଙ୍କର ସ୍ତ୍ରୀ ଏବଂ ଗୋଟିଏ ଝିଅ ଅଛନ୍ତି । ତେବେ ତାଙ୍କ ଝିଅ ବାପାଙ୍କ ଆଖି ଦାନ କରିଦେଇଥିଲେ । ଶବ ବ୍ୟବଚ୍ଛେଦ ହୋଇ ଗାଁକୁ ଫେରିଲା ପରେ ବୁଧବାର ତାଙ୍କ ଝିଅ ମୁଖାଗ୍ନି ଦେଇଥିଲେ ।

## ସାଇ ଆଦର୍ଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନାମଲେଖା ପାଇଁ ପ୍ରବେଶିକ ପରୀକ୍ଷା

ବାରିପଦା, ୮ ।୩(ସମିସ): ସ୍ଥାନୀୟ ରଘୁନାଥପୁରରେ ଥିବା ସାଇ ଆଦର୍ଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆସନ୍ତା ୨୦୨୪-୨୫ ଶିକ୍ଷାବର୍ଷ +୨ ପ୍ରଥମ ବର୍ଷ ବିଜ୍ଞାନ ଓ କଳାରେ ନାମ ଲେଖାଇବା ନିମନ୍ତେ ଗୁରୁବାର ପ୍ରଥମ ପର୍ଯ୍ୟାୟ ପ୍ରବେଶିକ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି । ଉକ୍ତ ପ୍ରବେଶିକା ପରୀକ୍ଷାରେ ୩୩୯ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଛନ୍ତି । ପ୍ରବେଶିକା ପରୀକ୍ଷା ଅବସରରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଅଭିଭାବକ ଓ ପରୀକ୍ଷାର୍ଥୀଙ୍କୁ ନେଇ ଏକ ସଭା ଆୟୋଜନ କରାଯାଇଥିଲା । ଏଥିରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ରଞ୍ଜନ କୁମାର ମହାନ୍ତି ସଭାପତିତ୍ୱ କରିଥିଲେ । ଅତିଥିମାନଙ୍କ ମଧ୍ୟରେ ପୂର୍ବତନ ମୟୂରଭଞ୍ଜ ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜଗନ୍ନାଥ ସାହୁ, ବିଦ୍ୟାଳୟର ମୁଖ୍ୟ ଉପଦେଷ୍ଟା ପୂର୍ଣ୍ଣଚନ୍ଦ୍ର ସାହୁ, ମୁଖ୍ୟ ପରିଚାଳନା ନିର୍ଦ୍ଦେଶିକା ମୀନାରାଣୀ ସାହୁ, ପୂର୍ବତନ ମୟୂରଭଞ୍ଜ ଜିଲ୍ଲା ସଭପତି ଓଷ୍ଟା ନିରୋଦ ଚନ୍ଦ୍ର ମହାନ୍ତ, ସାଇ ଆଦର୍ଶ ଡିଗ୍ରୀ ମହାବିଦ୍ୟାଳୟର ଅଧକ୍ଷ ଜିତେନ୍ଦ୍ର ପାଲ, ଅବସରପ୍ରାପ୍ତ ପ୍ରାଧାପକ ଆଶିଷ କୁମାର ଦେ ଓ ସାଇ ଆଦର୍ଶ ବିଦ୍ୟାମନ୍ଦିରର ପ୍ରଧାନ ଶିକ୍ଷକ କମଳଲୋଚନ ସାହୁ ପ୍ରମୁଖ ବିଦ୍ୟାଳୟର ଶିକ୍ଷାଦାନ, ନୀତିନିୟମ ତଥା ଛାତ୍ରଛାତ୍ରୀଙ୍କ ସଫଳତା ସମ୍ପର୍କରେ ସୂଚନା ଦେଇଥିଲେ । ଉପଦେଷ୍ଟା ଅଧ୍ୟାପକ ପ୍ରଦୀପ କୁମାର ସାହୁ ଧନ୍ୟବାଦ୍ ଅର୍ପଣ କରିଥିଲେ ।




## ବିବାହ ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିବା ମାମଲାରେ ଯନ୍ତ୍ରୀ ନିର୍ଦ୍ଦୋଷରେ ଖଲାସ

ବେତନଟୀ/ଚିତ୍ରଡା, ୮ ।୩(ସମିସ): ଗତ ୨୦୧୮ ମସିହାରେ ବେତନଟୀ ପୁଲିସ ଉପଖଣ୍ଡ ଅଧୀନ ବଡମୁଣ୍ଡାବଣି ଗ୍ରାମରେ ବିବାହର ମିଥ୍ୟା ପ୍ରତିଶୃତି ଦେଇ ଶାରୀରିକ ସମ୍ପର୍କ ରଖିବା ସମ୍ପର୍କିତ ଏକ ମାମଲାର ଶୁଣାଣିକରି ବାରିପଦା ଆଡହକ ଆଡିସିନାଲ ସେସନସ ଜଜ୍ (ଫାଷ୍ଟଟ୍ରାକ) ସ୍ପେଶାଲ କୋର୍ଟ ଗୁରୁବାର ରାୟ ପ୍ରକାଶ କରିଛନ୍ତି । ମୁଦାଲା ଯନ୍ତ୍ରୀ ପଦ୍ମଲୋଚନ ସି (୩୬)ଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି । ସୂଚନା ମୁତାବକ ବିବାହର ପ୍ରତିଶ୍ରୁତିଦେଇ ଶାରିରୀକ ସମ୍ପର୍କ ରଖି ପ୍ରତାରଣା କରିଥିବା ନେଇ ପୀଡିତାଙ୍କ ଏତଲାକ୍ରମେ ମୋରଡା ପୁଲିସ ୨୦୧୮ ମସିହା ଜାନୁଆରୀ ୨୮ ତାରିଖରେ ବିଭିନ୍ନ ଦଫାରେ ମାମଲା ରୁଜୁ କରିଥିଲା । ପୁଲିସ ଇଂ. ପଦ୍ମଲୋଚନ ସିଙ୍କୁ ଗିରଫକରି କୋର୍ଟଚାଲାଣ କରିଥିଲା । ୨୦୧୮ ମସିହାରେ ମୁଦାଲା ପଦ୍ମଲୋଚନ ଯଶିପୁର ବ୍ଲକରେ କନିଷ୍ଠଯନ୍ତ୍ରୀ ଭାବରେ କାର୍ଯ୍ୟରତ ଥିବାବେଳେ ବର୍ତ୍ତମାନ ସମ୍ବଲପୁର ଜିଲ୍ଲାରେ ଯନ୍ତ୍ରୀ ଭାବରେ କାର୍ଯ୍ୟ କରୁଛନ୍ତି । ତେବେ ବିଚାରାଧୀନ ମାମଲା ସହିତ ଜଡିତ ମୋଟ ୧୪ଜଣ ସାକ୍ଷୀଙ୍କ ବୟାନ ଏବଂ ଅନ୍ୟାନ୍ୟ ଦସ୍ତାବିଜକୁ ଆଧାରକରି ଆଡହକ ଆଡିସିନାଲ ସେସନଜଜ୍ (ଫାଷ୍ଟଟ୍ରାକ) ସ୍ପେଶାଲକୋର୍ଟ ଗୁରୁବାର ରାୟ ପ୍ରକାଶ କରିବା ସହିତ ମୁଦାଲା ଯନ୍ତ୍ରୀ ପଦ୍ମଲୋଚନ ସି(୩୬)ଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି ।

# କଳାହାଣ୍ଡି ଜିଲ୍ଲା

## ଜୁନାଗଡ଼ ବ୍ଲକ୍

ବ୍ଲକ୍ ସଂଯୋଗ — ରୁଟ୍ କୋଡ୍: କେଏଲ୍ ୦୧୮ | ନନ୍-ଏସି — ଜୁନାଗଡ ⇄ ଗୌଡ ଛେଣିଆ

ବ୍ଲକ୍ ସଂଯୋଗ — ରୁଟ୍ କୋଡ୍: କେଏଲ୍ ୦୧୮ | ନନ୍-ଏସି — ଗୌଡ ଛେଣିଆ ⇄ ଜୁନାଗଡ

ବ୍ଲକ୍ ସଂଯୋଗ — ଜୁନାଗଡ ⇄ ଡକମଲା

ବ୍ଲକ୍ ସଂଯୋଗ — ଡକମଲା ⇄ ଜୁନାଗଡ

ବ୍ଲକ୍ ସଂଯୋଗ — ଜୁନାଗଡ ⇄ କେନ୍ଦୁପାଟି ଓ ନନ୍ଦୋଲ

ବ୍ଲକ୍ ସଂଯୋଗ — ଜୁନାଗଡ ⇄ ଦେଦର

ବ୍ଲକ୍ ସଂଯୋଗ — କେନ୍ଦୁପାଟି ଓ ନନ୍ଦୋଲ ⇄ ଜୁନାଗଡ

ବ୍ଲକ୍ ସଂଯୋଗ — ଦେଦର ⇄ ଜୁନାଗଡ

ବ୍ଲକ୍ ସଂଯୋଗ — ଜୁନାଗଡ ⇄ ଡଙ୍ଗରିଗାଁ

ବ୍ଲକ୍ ସଂଯୋଗ — ଡଙ୍ଗରିଗାଁ ⇄ ଜୁନାଗଡ

## କୋକସରା ବ୍ଲକ୍

ବ୍ଲକ୍ ସଂଯୋଗ — ରୁଟ୍ କୋଡ୍: କେଏଲ୍ ୦୩୧ | ନନ୍-ଏସି — କୋକସରା ⇄ ଗମ୍ଭାରୀଗୁଡା

ବ୍ଲକ୍ ସଂଯୋଗ — ରୁଟ୍ କୋଡ୍: କେଏଲ୍ ୦୩୧ | ନନ୍-ଏସି — ଗମ୍ଭାରୀଗୁଡା ⇄ କୋକସରା

ବ୍ଲକ୍ ସଂଯୋଗ — କୋକସରା ⇄ ବଡ଼ପୋଡ଼ାଗୁଡ଼ା

ବ୍ଲକ୍ ସଂଯୋଗ — ବଡ଼ପୋଡ଼ାଗୁଡ଼ା ⇄ କୋକସରା

ବ୍ଲକ୍ ସଂଯୋଗ — କୋକସରା ⇄ ମାଝୀଗୁଡ଼ା

ବ୍ଲକ୍ ସଂଯୋଗ — ମାଝୀଗୁଡ଼ା ⇄ କୋକସରା

ବ୍ଲକ୍ ସଂଯୋଗ — କୋକସରା ⇄ ମୋହେରେ

ବ୍ଲକ୍ ସଂଯୋଗ — ମୋହେରେ ⇄ କୋକସରା

ଜିଲ୍ଲା ସଂଯୋଗ — କୋକସରା ⇄ ଭବାନୀପାଟଣା

ଜିଲ୍ଲା ସଂଯୋଗ — ଭବାନୀପାଟଣା ⇄ କୋକସରା



# 'ଲକ୍ଷ୍ମୀ' ବସ୍‌ରେ 'ୟୁପିଆଇ କ୍ୟୁଆର କୋଡ୍'

ବସରେ ଯାତାୟତ ବେଳେ କ୍ୟାସଲେସ୍ ପେମେଣ୍ଟକୁ ପ୍ରୋତ୍ସାହନ ଦିଆଯାଉଛି। ଯାତ୍ରୀମାନେ ନଗଦ ଟଙ୍କା ନ ଦେଇ ୟୁପିଆଇ ମାଧ୍ୟମରେ କ୍ୟୁଆର୍ କୋଡ୍ ବ୍ୟବହାର କରି ଭଡ଼ା ଅର୍ଥ ଦେଇ ଏହି ବସ୍‌ରେ ଯାତ୍ରା କରିବାର ସୁବିଧା ପାଉଛନ୍ତି। ପ୍ରଥମେ 'ମୋ ବସ୍'ରେ ଏହି ସୁବିଧା ଆରମ୍ଭ ହୋଇଥିବା ବେଳେ ଗତ ଡିସେମ୍ବର ମାସଠାରୁ ଲକ୍ଷ୍ମୀ ବସ୍‌ରେ ମଧ୍ୟ ଯାତ୍ରୀଙ୍କୁ ଉନ୍ନତ ସେବା ଯୋଗାଇଦେବା ଉଦ୍ଦେଶ୍ୟରେ ବାଣିଜ୍ୟ ଓ ପରିବହନ ବିଭାଗ ଏବଂ ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ ପକ୍ଷରୁ 'ୟୁପିଆଇ କ୍ୟୁଆର କୋଡ୍' ବ୍ୟବସ୍ଥା କରାଯାଇଛି। ଏହାଦ୍ୱାରା ଯାତ୍ରୀମାନେ ସୁବିଧାରେ କ୍ୟୁଆର କୋଡ୍ ସ୍କାନ କରି ଟଙ୍କା ଦେଇ ଯାତ୍ରା କରୁଛନ୍ତି। ଜନସାଧାରଣଙ୍କୁ ସହଜ ଯାତ୍ରା ଅନୁଭୂତି ପାଇଁ ଡିଜିଟାଲ୍ ସମାଧାନ ପଦ୍ଧତି ଗ୍ରହଣ ସହ ଏହା ଓଡ଼ିଶା ସରକାରଙ୍କ '୫-ଟି' ରୂପାନ୍ତରଣ ଉପକ୍ରମ ସହିତ ସମ୍ପୂର୍ଣ୍ଣ ଭାବେ ଯୋଡି ହୋଇଛି। ଲକ୍ଷ୍ମୀ କ୍ୟୁଆର କୋଡ୍ ସାହାଯ୍ୟରେ ଲୋକମାନଙ୍କ ପାଇଁ ପେମେଣ୍ଟ ପ୍ରକ୍ରିୟାକୁ ସହଜ କରାଯାଇଛି ଏବଂ ଏହାଦ୍ୱାରା ଯାତାୟତ ଆହୁରି ସରଳ ହେବ ବୋଲି ବିଭାଗ ଲକ୍ଷ୍ୟ ରଖିଛି। ପ୍ରକାଶ ଥାଉକି ସହଜ ବ୍ୟବହାର ଯୋଗ୍ୟ(ୟୁଜର ଫ୍ରେଣ୍ଡଲି) 'ଲକ୍ଷ୍ମୀ' କ୍ୟୁଆର୍ କୋଡ୍ ଉପଭୋକ୍ତାମାନଙ୍କ ପାଇଁ ଏକ ସୁରକ୍ଷିତ ଏବଂ ଦକ୍ଷ ଦେୟ ବିକଳ୍ପ ହୋଇଥିବା ବେଳେ ଏହା ସମୟ ହ୍ରାସ ସହ ଯାତ୍ରୀଙ୍କ ନିରାପତ୍ତା ବୃଦ୍ଧି କରିବ ବୋଲି ରାଜ୍ୟ ସରକାର ଆଶା ରଖିଛନ୍ତି।



## କଳମ୍ପୁର ବ୍ଲକ୍

ବ୍ଲକ୍ ସଂଯୋଗ — କଳମ୍ପୁର ⇄ ବଣ୍ଡକଣା

ବ୍ଲକ୍ ସଂଯୋଗ — ବଣ୍ଡକଣା ⇄ କଳମ୍ପୁର

ବ୍ଲକ୍ ସଂଯୋଗ — କଳମ୍ପୁର ⇄ କଳମ୍ପୁର

ଜିଲ୍ଲା ସଂଯୋଗ — କଳମ୍ପୁର ⇄ ଭବାନୀପାଟଣା

ଜିଲ୍ଲା ସଂଯୋଗ — ଭବାନୀପାଟଣା ⇄ କଳମ୍ପୁର

## କେସିଙ୍ଗା ବ୍ଲକ୍

ବ୍ଲକ୍ ସଂଯୋଗ — କେସିଙ୍ଗା ⇄ ଗାଈଗାଁ

ବ୍ଲକ୍ ସଂଯୋଗ — ଗାଈଗାଁ ⇄ କେସିଙ୍ଗା

ବ୍ଲକ୍ ସଂଯୋଗ — କେସିଙ୍ଗା ⇄ ନାର୍ଲା

ବ୍ଲକ୍ ସଂଯୋଗ — ନାର୍ଲା ⇄ କେସିଙ୍ଗା

ଜିଲ୍ଲା ସଂଯୋଗ — କେସିଙ୍ଗା ⇄ ଭବାନୀପାଟଣା

ଜିଲ୍ଲା ସଂଯୋଗ — ଭବାନୀପାଟଣା ⇄ କେସିଙ୍ଗା

ବ୍ଲକ୍ ସଂଯୋଗ — କେସିଙ୍ଗା ⇄ ହାତୀଖୋଜ

ବ୍ଲକ୍ ସଂଯୋଗ — ହାତୀଖୋଜ ⇄ କେସିଙ୍ଗା

## କର୍ଲାମୁଣ୍ଡା ବ୍ଲକ୍

ବ୍ଲକ୍ ସଂଯୋଗ — କର୍ଲାମୁଣ୍ଡା ⇄ କର୍ଲାମୁଣ୍ଡା

ଜିଲ୍ଲା ସଂଯୋଗ — କର୍ଲାମୁଣ୍ଡା ⇄ ଭବାନୀପାଟଣା

ଜିଲ୍ଲା ସଂଯୋଗ — ଭବାନୀପାଟଣା ⇄ କର୍ଲାମୁଣ୍ଡା

ବ୍ଲକ୍ ସଂଯୋଗ — କର୍ଲାମୁଣ୍ଡା ⇄ ରାଜପୁର

ବ୍ଲକ୍ ସଂଯୋଗ — ରାଜପୁର ⇄ କର୍ଲାମୁଣ୍ଡା

## ଥୁଆମୂଳ ରାମପୁର ବ୍ଲକ୍

ବ୍ଲକ୍ ସଂଯୋଗ — ଥୁଆମୂଳ ରାମପୁର ⇄ କଣାସୁକୁଲି

ବ୍ଲକ୍ ସଂଯୋଗ — କଣାସୁକୁଲି ⇄ ଥୁଆମୂଳ ରାମପୁର

ବ୍ଲକ୍ ସଂଯୋଗ — ଥୁଆମୂଳ ରାମପୁର ⇄ କେରପାଇ

ବ୍ଲକ୍ ସଂଯୋଗ — କେରପାଇ ⇄ ଥୁଆମୂଳ ରାମପୁର

ବ୍ଲକ୍ ସଂଯୋଗ — ଥୁଆମୂଳ ରାମପୁର ⇄ ପାଦେପଦର

ବ୍ଲକ୍ ସଂଯୋଗ — ପାଦେପଦର ⇄ ଥୁଆମୂଳ ରାମପୁର

ବ୍ଲକ୍ ସଂଯୋଗ — ଥୁଆମୂଳ ରାମପୁର ⇄ ଜିଆପଦର

ବ୍ଲକ୍ ସଂଯୋଗ — ଜିଆପଦର ⇄ ଥୁଆମୂଳ ରାମପୁର

ଜିଲ୍ଲା ସଂଯୋଗ — ଥୁଆମୂଳ ରାମପୁର ⇄ ଭବାନୀପାଟଣା

ଜିଲ୍ଲା ସଂଯୋଗ — ଭବାନୀପାଟଣା ⇄ ଥୁଆମୂଳ ରାମପୁର



## ପିଏମ ସୂର୍ଯ୍ୟଘର ବିଜୁଳି ଯୋଜନା

# ପଞ୍ଜୀକରଣ ଆରମ୍ଭକଲା ଡାକ ବିଭାଗ

**ନୂଆଦିଲ୍ଲୀ,୮।୩(ଏଜେନ୍ସି):** ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର: ମାଗଣା ବିଜୁଳି ଯୋଜନାରେ ଉପଭୋକ୍ତା ଓ ଘର ପଞ୍ଜୀକରଣ ଆରମ୍ଭ ହୋଇଛି। ଭାରତୀୟ ଡାକ ବିଭାଗ ଏହି ପଞ୍ଜୀକରଣ ଦାୟିତ୍ୱ ବହନ କରିଛି। ଯେଉଁ ଘରର ମାଲିକ ତାଙ୍କ ଛାତ ଉପରେ ସୌର ଫଳକ(ସୋଲାର ପ୍ୟାନେଲ) ଖଞ୍ଜି ଶକ୍ତି ସ୍ୱାବଲମ୍ବୀ ହେବାକୁ ଚାହିଁବେ ସେ ନିକଟସ୍ଥ ଡାକଘରକୁ ଯାଇ ସ୍ଥାନୀୟ ପୋଷ୍ଟମାଷ୍ଟର ଏପରିକି ପୋଷ୍ଟମ୍ୟାନଙ୍କ ସହଯୋଗ ନେଇ ନିଜକୁ ତଥା ଘରକୁ ଏହି ଯୋଜନାରେ ପଞ୍ଜିକୃତ କରାଇପାରିବେ। ଯେଉଁମାନେ ଏହି ଯୋଜନାର ଉପଭୋକ୍ତା ଭାବେ ପଞ୍ଜିକୃତ ହେବାକୁ ଚାହିଁବେ, ସେ http://pmsuryaghar.gov.in/ ପୋର୍ଟାଲକୁ ଯାଇ ରାଜ୍ୟର ନାମ, ବିଦ୍ୟୁତ ବିତରଣ କମ୍ପାନୀର ନାମ, ନିଜ ନାମ ଓ ଘର ଠିକଣା, ବିଦ୍ୟୁତ ଗ୍ରାହକ ନମ୍ବର, ମୋବାଇଲ ନମ୍ବର, ଇ-ମେଲ ଆଡ୍ରେସ, ଛାତର କ୍ଷେତ୍ରଫଳ, କେତେ କିଲୋୱାଟ କ୍ଷମତାର ସୌର ବିଜୁଳି ସିଷ୍ଟମ୍ ଚାହୁଁଛନ୍ତି ଆଦି ତଥ୍ୟ ବା ପ୍ଲାନ୍ ଡିଟେଲସ ରୁଫଟପ୍ ସୋଲାର ଫର୍ମରେ ଭରି ଆବେଦନ(ସବମିଟ୍) କରିବାକୁ କରିବାକୁ ହେବ। ଉପଭୋକ୍ତା ଭାବେ ସରକାରଙ୍କ ଦ୍ୱାରା ଚିହ୍ନଟ ହେବା (ଆପ୍ରୁଭାଲ ପାଇବା) ପରେ ବିଦ୍ୟୁତ ବିତରଣ କମ୍ପାନୀର ପଞ୍ଜିକୃତ ଭେଣ୍ଡର ସେହି ଉପଭୋକ୍ତାଙ୍କ ଘରଛାତ ଉପରେ ଦରକାର/ମଞ୍ଜୁରୀ ମୁତାବକ ସୌର ଫଳକ ଓ ଅନ୍ୟ ଆନୁସଙ୍ଗିକ ସିଷ୍ଟମ ସ୍ଥାପନ କରିବେ। ତା'ପରେ ଉପଭୋକ୍ତା ନେଟ୍ ମିଟର ପାଇଁ ଆବେଦନ ସବମିଟ୍ କଲେ ପୋର୍ଟାଲରେ କମିସନିଂ ସାର୍ଟିଫିକେଟ୍ ଜେନେରେଟ୍ ହେବ। ଉପଭୋକ୍ତା ତା'ପରେ ତାଙ୍କ ବ୍ୟାଙ୍କ ଆକାଉଣ୍ଟ ଡିଟେଲସ ଅପଲୋଡ୍ କରିବା ସହ ପୋର୍ଟାଲ ଜରିଆରେ ଏକ କ୍ୟାନସଲଡ୍ ଚେକ୍ ଦେଲେ ୩୦ ଦିନ ମଧ୍ୟରେ ତାଙ୍କ ଆକାଉଣ୍ଟରେ ସବସିଡି ଟଙ୍କା ଜମା ହୋଇଯିବ।ସମଗ୍ର ଦେଶରେ ୧କୋଟି ଘରଛାତ ଉପରେ ସୌର ଫଳକ ଖଞ୍ଜାଯାଇ ପ୍ରତି ଘରଛାତରୁ ମାସକୁ ହାରାହାରି ୩୦୦ ୟୁନିଟ୍ ସୌର ବିଦ୍ୟୁତ ଉତ୍ପାଦନ ପାଇଁ ଏହି ଯୋଜନାରେ ଲକ୍ଷ୍ୟ ରଖାଯାଇଛି।

## ଅବଶିଷ୍ଟାଂଶ...

### ଶ୍ରୀଲଙ୍କା ଯିବ...

ସରକାର କୌଣସି ପରିହନ କମ୍ପାନୀ ସହ ରାଜୀନାମା ସ୍ୱାକ୍ଷର କରିଛନ୍ତି। ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏସ୍ଏସ୍ଏମ୍ଇ) ଉତ୍ପାଦର ରପ୍ତାନୀ ଏହି ପଦକ୍ଷେପର ମୂଳ ଉଦ୍ଦେଶ୍ୟ। ପ୍ରଥମ ଥର ପାରାଦୀପରୁ ଶ୍ରୀଲଙ୍କା ପର୍ଯ୍ୟନ୍ତ ରପ୍ତାନୀ ଆରମ୍ଭ ହେବ। ପାରାଦୀପ ବନ୍ଦରରେ ପଣ୍ୟ କାରବାର ୧୦୦ ନିୟୁତ ମେଟ୍ରିକ୍ ଟନ୍‌ରେ ପହଞ୍ଚି ସାରିଥିବା ବେଳେ ଓଡ଼ିଶାର ଉତ୍ପାଦ ବିଦେଶ ମାଟିରେ ପହଞ୍ଚାଇବା ଲାଗି ରାଜ୍ୟ ସରକାର ନେଇଥିବା ପଦେକ୍ଷପ ସ୍ୱରୂପ ଏହି ପରିମାଣ ଆଗକୁ ଆହୁରି ବଢ଼ିବା ସମ୍ଭାବନା ଅଛି। ପରିବହନ ପାଇଁ କମ୍ପାନୀମାନଙ୍କୁ ୬୫% ରିହାତି ପ୍ରଦାନ କରାଯିବ। ୨୦୨୧-୨୨ ଆର୍ଥିକ ବର୍ଷରେ ରାଜ୍ୟରେ ୧୨୭,୦୦୦ କୋଟି ଟଙ୍କାର ଏମ୍ଏସ୍ଏମ୍ଇ ଉତ୍ପାଦ କାରବାର ହୋଇଥିଲା। ରାଜ୍ୟ ସରକାରଙ୍କର ଏହି ପଦକ୍ଷେପ ଏମ୍ଏସ୍ଏମ୍ଇ କ୍ଷେତ୍ରକୁ ଆଗକୁ ନେବ ବୋଲି କୁହାଯାଉଛି।

### ଏଥର ବି...

ଦଳକୁ ଏକ ସାମାଜିକ ଆନ୍ଦୋଳନରେ ପରିବର୍ତ୍ତିତ କରିଛି। ଗାଁରେ ରହୁଥିବା ସାଧାରଣ ମହିଳାଟିଏ ଆଜି ନିଜ ପାଇଁ ପରିଚୟ ସୃଷ୍ଟି କରିଛି।

ନିଜେ ନିଷ୍ପତ୍ତି ନେଇ ପାରୁଛି। ଜିଲ୍ଲା ପରିଷଦ ଅଧ୍ୟକ୍ଷ ଓ ଉପାଧ୍ୟକ୍ଷ ପଦରେ ମହିଳାଙ୍କ ପାଇଁ ସଂରକ୍ଷଣ ୫୦% ମଧ୍ୟରେ ରଖାଯାଇ ପାରିଥାନ୍ତା; କିନ୍ତୁ ମୁଖ୍ୟମନ୍ତ୍ରୀ ୭୦% ଜିଲ୍ଲା ପରିଷଦ ଅଧ୍ୟକ୍ଷ ଭାବେ ମା' ମାନଙ୍କୁ ଦେଖିବାକୁ ଚାହୁଁଛି ବୋଲି କହିଲେ ଓ ତାହା ହିଁ କାର୍ଯ୍ୟରେ ପରିଣତ କରି ଦେଖାଇଲେ। ସାରା ଦେଶ ପାଇଁ ଏକ ନୂଆ ଉଦାହରଣ ସୃଷ୍ଟି ହେଲା। ଏହି ପ୍ରସଙ୍ଗକୁ ବିରୋଧ କରୁଥିବା ଲୋକଙ୍କୁ ମୁଖ୍ୟମନ୍ତ୍ରୀ ସ୍ପଷ୍ଟ ଭାବରେ ମହିଳା ସଶକ୍ତିକରଣର ପରିଭାଷା ବୁଝାଇ ଦେଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ମା' ମାନଙ୍କୁ ଦାୟିତ୍ୱ ଦେଲେ ସେମାନେ ବହୁତ ଭଲ ଭାବେ ତାହା ତୁଲାଇପାରିବେ। ମା' ମାନେ ସଶକ୍ତ ହେଲେ ସେମାନେ ସଶକ୍ତି ପିଢ଼ି ସୃଷ୍ଟି କରିପାରିବେ। ଆଜି ଯେଉଁ ଦେଶ, ଯେଉଁ ରାଜ୍ୟ ବିକାଶ କରିଛି ସେଠି ମା' ମାନେ ସଶକ୍ତ ହୋଇଛନ୍ତି। ଆପଣମାନେ ଯେଉଁ ପଦବୀରେ ଅଛନ୍ତି ତାହାର ଗାରିମା ବଜାୟ ରଖି ନିଜେ ନିଷ୍ପତ୍ତି ନେଲେ, ପ୍ରକୃତରେ ସଶକ୍ତ ହୋଇ ପାରିବେ ବୋଲି ମୁଖ୍ୟମନ୍ତ୍ରୀ ମହିଳା ନେତୃତ୍ୱମାନଙ୍କୁ ବିଭିନ୍ନ ସମୟରେ ପରାମର୍ଶ ଦେଇଛନ୍ତି ବୋଲି ଶ୍ରୀ ପାଣ୍ଡିଆନ କହିଛନ୍ତି।

୨୦୦୦ ମସିହାରେ ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିବା ସମୟରେ ଓଡ଼ିଶା କ'ଣ ଥିଲା ଆଉ ଆଜି କେଉଁଠି ପହଞ୍ଚିଛି ତାହା ଉଲ୍ଲେଖ ଅନାବଶ୍ୟକ। ମୁଖ୍ୟମନ୍ତ୍ରୀ ଚାହାଁନ୍ତି ଓଡ଼ିଶା ବିକାଶର ଶୀର୍ଷ ସୋପାନରେ ପହଞ୍ଚୁ, ପ୍ରତି ପରିବାର ରୂପାନ୍ତରଣ ବାର୍ତ୍ତା ଦେଉ। ମହିଳାମାନଙ୍କ ସଶକ୍ତିକରଣ ପାଇଁ ମୁଖ୍ୟମନ୍ତ୍ରୀ ଯେଉଁ ଉଲ୍ଲେଖନୀୟ ପଦକ୍ଷେପ ନେଇଛନ୍ତି ତାହାର ଅନୁସରଣ କରନ୍ତୁ, ରାଜ୍ୟର ମହିଳାମାନଙ୍କ ବିକାଶରେ ଆପଣମାନେ ନିଜକୁ ଉତ୍ସର୍ଗ କରନ୍ତୁ ବୋଲି ଶ୍ରୀ ପାଣ୍ଡିଆନ୍ ମହିଳା ବିଜେଡିର ନେତୃମଣ୍ଡଳୀଙ୍କୁ ପରାମର୍ଶ ଦେଇଛନ୍ତି। ସେ ପୁଣି କହିଛନ୍ତି ଯେ ଓଡ଼ିଶାରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନେ ବର୍ଷକୁ ମାତ୍ର ୨/୩ ହଜାର କୋଟି ଋଣ ନେଉଥିଲେ। ଆଜି ୭୦ ଲକ୍ଷ ଏସ୍ଏଚ୍‌ଜି ମହିଳା କିଛି ବର୍ଷ ହେଲା ୧୦ ହଜାର କୋଟି ଋଣ ନେଉଛନ୍ତି। ଏବର୍ଷ ଋଣ ପରିମାଣ ୧୫ ହଜାର କୋଟି ଏବଂ ଦୁଇ ବର୍ଷ ଭିତରେ ୨୦ ହଜାର କୋଟିରେ ପହଞ୍ଚିବ। ୯୬% ଏସ୍ଏଚ୍‌ଜି ସେମାନଙ୍କ ଋଣ ପରିଶୋଧ କରୁଛନ୍ତି। ସେମାନଙ୍କୁ ଋଣ ଦେବା ଲାଗି ବ୍ୟାଙ୍କ ମାନଙ୍କ ମଧ୍ୟରେ ପ୍ରତିଯୋଗିତା ଚାଲିଛି। ଅମ୍ବାନୀ, ଆଦାନୀ, ଟାଟାଙ୍କ ଠାରୁ ଆମ ମା' ମାନେ ଅଧିକ ଋଣ ନେଉଛନ୍ତି। ଆମର ମା'ମାନେ ପାସପୋର୍ଟ ଧରି ବିଦେଶ ଗଲେଣି। ୨୦୧୨ ମସିହାରେ ଜଣେ ମହିଳା ଆଇଏଏସ୍ ଅଧିକାରୀଙ୍କ ପ୍ରସବକାଳୀନ ଛୁଟି ପାଇଁ କରିଥିବା ଆବେଦନକୁ ଦେଖି ମୁଖ୍ୟମନ୍ତ୍ରୀ ଗରିବ ମହିଳା ମାନଙ୍କ କଥା ଚିନ୍ତା କରିଥିଲେ। ଗର୍ଭାବସ୍ଥାରେ ସେମାନଙ୍କୁ କିଛି ଆର୍ଥିକ ସହାୟତା ମିଳିଲେ ସେମାନେ ଏପରି ଅବସ୍ଥାରେ କଠିନ ପରିଶ୍ରମ କରିବାରୁ ରକ୍ଷା ପାଆନ୍ତେ। ଏହା ପରେ ଆମ ପରାମର୍ଶ ଅନୁସାରେ ମୁଖ୍ୟମନ୍ତ୍ରୀ ମମତା ଯୋଜନାର ଶୁଭାରମ୍ଭ କରିଥିଲେ। ଏଥିରେ ମିଳୁଥିବା ପ୍ରୋତ୍ସାହନ ରାଶିକୁ ଏବେ ମୁଖ୍ୟମନ୍ତ୍ରୀ ୫ ହଜାରରୁ ୧୦ ହଜାର ଟଙ୍କାକୁ ବୃଦ୍ଧି କରିଛନ୍ତି। ଆମର ମମତା ଯୋଜନାକୁ ଦେଖି ଦେଢ଼ ବର୍ଷ ପରେ ଭାରତ ସରକାର ସମଗ୍ର ଦେଶ ପାଇଁ ଅନୁରୂପ ଯୋଜନା ଆରମ୍ଭ କରିଥିଲେ। ମହିଳାମାନଙ୍କ ପାଇଁ ୫୦% ଆସନ ସଂରକ୍ଷଣ, ସୁଧ ବିହୀନ ଋଣ ହେଉ ଅବା ମିଶନ୍ ଶକ୍ତି ଏବଂ ମମତା ଯୋଜନା, ମା' ମାନଙ୍କ ପାଇଁ ମୁଖ୍ୟମନ୍ତ୍ରୀ ଯେଉଁ ଯୋଜନା ଆରମ୍ଭ କରିଛନ୍ତି ତାହା ଅନ୍ୟ ରାଜ୍ୟମାନେ ଅନୁସରଣ କରୁଛନ୍ତି। ବିଏସ୍‌କେୱାଇରେ ପୁରୁଷମାନଙ୍କୁ ୫ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟ ବୀମା ମିଳୁଥିବା ବେଳେ ମହିଳାମାନଙ୍କ ପାଇଁ ୧୦ ଲକ୍ଷ ଟଙ୍କା ଦିଆଯାଉଛି। ମା' ମାନଙ୍କୁ ଅଧିକ ଟଙ୍କାର ଚିକିତ୍ସା ସୁବିଧା ଦେବାର କାରଣ ହେଉଛି ଚିକିତ୍ସା କ୍ଷେତ୍ରରେ ପୁରୁଷମାନେ ଆଗରେ ରହୁଥିଲେ। ମହିଳାମାନଙ୍କ ସ୍ୱାସ୍ଥ୍ୟ ଅଣଦେଖା ହେଉଥିଲା। ସେଥିପାଇଁ ପୂରା ପରିବାରକୁ ୫ ଲକ୍ଷ ଏବଂ ମହିଳା ସଦସ୍ୟଙ୍କ ପାଇଁ ୧୦ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟବୀମା ଦିଆଯାଇଛି। ଲକ୍ଷ୍ମୀ ବସ୍‌ରେ ମା' ମାନଙ୍କ ପାଇଁ ୫ ଟଙ୍କାରେ ଯାତ୍ରା ସୁବିଧା ମିଳିଛି। ସବୁ ଯୋଜନାରେ ମା' ମାନଙ୍କୁ ଆଗରେ ରଖି ଚିନ୍ତା କରୁଥିବା ଲୋକ ହେଉଛନ୍ତି ନବୀନ ପଟ୍ଟନାୟକ। ସାମାଜିକ, ଅର୍ଥନୈତିକ ସବୁ କ୍ଷେତ୍ରରେ ମହିଳାମାନେ ଆଗରେ ରହିବେ ବୋଲି ଶ୍ରୀ ପାଣ୍ଡିଆନ କହିଛନ୍ତି। ବିଜୁ ମହିଳା ଜନତାଦଳ ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ବିଜେଡି ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଓ ମହିଳା ବିଜେଡ଼ିର ରାଜ୍ୟ ଓ ଜିଲ୍ଲାସ୍ତରୀୟ ନେତୃବୃନ୍ଦ ଉପସ୍ଥିତ ଥିଲେ।

### କାମିଆ ଜାନୀଙ୍କୁ...

ପ୍ରଦର୍ଶନ କରିଛନ୍ତି। କିଛିମାସ ତଳେ ସେ ପୁରୀ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ମଧ୍ୟ ଏକ ଭିଡ଼ିଓ ପ୍ରସ୍ତୁତ କରିଥିଲେ। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଆରମ୍ଭର ଅନୁପ୍ରେରଣା, ପ୍ରକଳ୍ପର କାର୍ଯ୍ୟାନ୍ୱୟନ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପଦକ୍ଷେପ, '୫-ଟି' ଅଧ୍ୟକ୍ଷଙ୍କ ନିରନ୍ତର ଅନୁଧ୍ୟାନ ଓ ପ୍ରକଳ୍ପକୁ ଧାର୍ଯ୍ୟ ଅବଧି ମଧ୍ୟରେ ଶେଷ କରିବାକୁ ପଦକ୍ଷେପ ସଂକ୍ରାନ୍ତରେ ବିସ୍ତୃତ ତଥ୍ୟ ଉପସ୍ଥାପନ କରିଥିଲେ। କେବଳ ଶ୍ରୀମନ୍ଦିର ନୁହେଁ, ସେ ଦେଶର ବହୁ ପ୍ରସିଦ୍ଧ ମନ୍ଦିର ଓ ଐତିହ୍ୟସ୍ଥଳୀର ପ୍ରଚାରପ୍ରସାର କରିଛନ୍ତି। ତାଙ୍କର 'ଧରୋହର ଭାରତ କି' ଶୀର୍ଷକ ଡକ୍ୟୁମେଣ୍ଟାରୀରେ ସେ ଭାରତର ଏକାଧିକ ମନ୍ଦିର ଓ ଐତିହ୍ୟସ୍ଥଳ ପରିଦର୍ଶନ କରିବା ସହ ସେଠାକାର କାହାଣୀ ଓ ଭିତ୍ତିଭୂମି ବିକାଶର ବାର୍ତ୍ତା ଲୋକଙ୍କ ନିକଟରେ ପହଞ୍ଚାଇଥିଲେ। ଏହାକୁ ଦେଶର ପ୍ରମୁଖ ବ୍ୟକ୍ତି ବିଶେଷ ପ୍ରଶଂସା କରିବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ କାମିଆଙ୍କ ଏ ଡକ୍ୟୁମେଣ୍ଟାରୀ ଭିଡିଓକୁ ନିଜ ସୋସିଆଲ ମିଡିଆ ଆକାଉଣ୍ଟରେ ପୋଷ୍ଟ କରିଥିଲେ। ଏମିତି କି କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ ପକ୍ଷରୁ ତାଙ୍କୁ 'ସାଂସ୍କୃତିକ ବ୍ରାଣ୍ଡ ଆମ୍ବାସଡର' ପୁରସ୍କାର ପ୍ରଦାନ କରିଥିଲା। କାମିଆଙ୍କ ସହ ଜୟା କିଶୋରୀ, ରଣବୀର ଆହ୍ଲାବାଦିଆ, ଅଙ୍କିତା ଭାନୁପ୍ରିୟା, ନମନ ଦେଶମୁଖ, ଜାହ୍ନବୀ ସିଂହ, ମୈଥିଳି ଠାକୁର, କାର୍ତ୍ତିକା ଗୋବିନ୍ଦସାମୀ, ଅମନ ଗୁପ୍ତା ଆଦିଙ୍କୁ ମଧ୍ୟ ନେସନାଲ କ୍ରିଏଟର୍ସ ଆୱାର୍ଡ଼ ପ୍ରଦାନ କରାଯାଇଛି।


## ନୋଟିସ୍

ଆମ୍ଭେ ତ୍ରିଲୋଚନ ସ୍ୱାଇଁ ପିତା ଦ୍ୱିଜବର ସ୍ୱାଇଁ, ଗ୍ରାମ: କେଶପୁର ମୌଜା: କହେଁଇପୁର ରକବାରେ ଥିବା ଖାତା ୯୮ ସ୍ଥିତିବାନ ସତ୍ୱ ବାବଦ ଖସଡ଼ା ୭୦୫ନମ୍ବର ଜମିବିକ୍ରି କରିବାକୁ ସ୍ଥିର କରିଛୁ ଏଥିରେ କାହାର ଆପତ୍ତି ଥିଲେ ନିମ୍ନଠିକଣାରେ ୨୧ମାର୍ଚ୍ଚ ୨୦୨୪ ମଧ୍ୟରେ ଜଣାଇବେ

**ତ୍ରିଲୋଚନ ସ୍ୱାଇଁ, କେଶପୁର,**
**ଥାନା: ସିଆରଆରଆଇ, କଟକ**
**ମୋ: ୯୪୩୭୯୬୯୬୪୯**

## OFFICE OF THE NOTIFIED AREA COUNCIL, KANTABANJI

No. 389 / Date 01.03.2024 C-3260

**E-Procurement Notice**

Bid Documents consisting of Work, Estimated Cost, Cost of Tender Paper, EMD, Time of Completion, Class of contractors and the set of terms and conditions of contract and other necessary documents can be seen in Govt. website i.e www.tendersorissa.gov.in.

| | |
|---|---|
| 1.Bid identification No | : NAC-KBJ-004/2023-24 |
| 2. Name of the Work | : Civil Construction works as mentioned in DTCN |
| 3.No of Works | : 22 Nos |
| 4. Estimated Cost | : Rs.0.5 Lakhs to Rs- 7.55 Lakhs |
| 5.Period of Completion | : 60 Days |
| 6.Start Date & Time of Bidding | : From 02.03.2024,11:00 AM |
| 7.Last Date & Time for receipt of Bids in the Portal | : Dt: 07.03.2024, up to 05:00 PM |
| 8. Opening of Bids Online | : On Dt. 11.03.2024, at 11:00 AM |
| 9.Name and address of the Officer invited Bid | : Executive Officer, Kantabanji NAC |

Further details can be seen from the procurement portal i.e.https://www.tendersorissa.gov.in

Executive Officer
Kantabanji NAC

OIPR-13111/11/0014/2324

## SAMBALPUR MUNICIPAL CORPORATION

Notice No. 2742 /SMC Date. 06.03.2024 C-3271

Sealed quotations are invi ted from bidders for : **SUPPLY AND INSTALLATION OF AC With STABILIZER, LED LAMPS, CEILLING FANS, LED BATTEN LIGHT, WALL MOUNTED FANS AND PROVIDING AND FIXING DOWN ROD AT OFFICE BUILDING OF SAMBALPUR MUNICIPAL CORPORATION IN VIEW OF HEAT WAVE IN THE UPCOMING SUMMER SEASON.**

The tender documents should be received through Registered /Speed Post/Courier only in address to the Commissioner, Sambalpur Municipal Corporation, Durgapali, Sambalpur, Pin-768006 on or before 16.03.2024 by 5.00pm. The tender document along the items list can be downloaded from SMC official website www.smcsambalpur.nic.in.

The Authority reserves the right to cancel any or all the Bids without assigning any reason thereof.

**Sd/ - Municipal Commissioner**
**Sambalpur Municipal Corporation**

OIPR-13122/11/0088/2324

XXIV-55

## ଓଡିଶା ସରକାର
## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଯାଜପୁର

*********

**ଅଧିସୂଚନା**

File No.COL/JAJ/VIIL-38/2022/516 /LA/(Civil) dated.11.01.2024

ଯେହେତୁ ଓଡିଶା ସରକାରଙ୍କ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯାଜପୁର ଜିଲ୍ଲାରେ ବୈତରଣୀ ନଦୀ ଉପରେ ନୂଆପାଟଣା ଠାରେ ଉଚ୍ଚସେତୁ ନିର୍ମାଣ ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ମୌଜା- ଷୋଳପାଟ, ଥାନା- ମଙ୍ଗଳପୁର ନଂ ୮୨, ତହସିଲ- ଦଶରଥପୁର, ଜିଲ୍ଲା- ଯାଜପୁର ରେ ନିମ୍ନ ତଫସିଲ ମତେ ପ୍ରାୟ ଏ.୩.୦୩୫୦ଡି. ଭୂମି ଅର୍ଜନ ଆବଶ୍ୟକ ହେଉଅଛି;

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act,2013) ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୂଚିରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଇଅଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ୧୧(୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚୀତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟରେ ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ- ଯାଜପୁର ଜିଲ୍ଲାରେ ବୈତରଣୀ ନଦୀ ଉପରେ ନୂଆପାଟଣା ଠାରେ ଉଚ୍ଚସେତୁ ନିର୍ମାଣ ନିମନ୍ତେ ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ- ଅଧିକ୍ଷଣ ଯନ୍ତ୍ରୀ, ପାଣିକୋଇଲି (ରାସ୍ତା ଓ କୋଠାବାଡି) ବିଭାଜନ, ପାଣିକୋଇଲି।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ- ଯାଜପୁର ଜିଲ୍ଲାରେ ବୈତରଣୀ ନଦୀ ଉପରେ ନୂଆପାଟଣା ଠାରେ ଉଚ୍ଚସେତୁ ନିର୍ମାଣ ନିମନ୍ତେ।
୪.ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ- ଓଡିଶା ସରକାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଘୋଷଣା ନାମା ଚିଠି ସଂଖ୍ୟା ୪୪୪୯୩/୧୯.୧୨.୨୦୨୩ ପ୍ରକାରେ ଭୂମି ଅଧିଗ୍ରହଣ ନିମନ୍ତେ ୮(୨) ଧାରା ରେ ଅନୁମୋଦନ ହୋଇଅଛି।
୫.ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ- ଉପ-ଜିଲ୍ଲାପାଳ, ଯାଜପୁର।
୬.ଜମିର ବିବରଣୀ-

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତର ନାମ |
|---|---|---|---|---|---|---|---|---|
| ଯାଜପୁର | ଦଶରଥପୁର | ଷୋଳପାଟ | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ.୧୧.୨୬ଡି | ଏ.୩.୦୩୫୦ଡି | ଏଥି ସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ତହସିଲଦାର ତଥା ଭୂ-ଅର୍ଜନ ଅଧିକାରୀ,ଦଶରଥପୁର, ତହସିଲଦାର ଦଶରଥପୁରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି ଯାଜପୁର ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**ସ୍ୱା/- ଜିଲ୍ଲାପାଳ, ଯାଜପୁର**

**ଭୂମି ଅନୁସୂଚି**

**ପ୍ରକଳ୍ପର ନାମ: ବୈତରଣୀ ନଦୀ ଉପରେ ନୂଆପାଟଣା ଠାରୁ ଉଚ୍ଚ ସେତୁ ନିର୍ମାଣ ନିମନ୍ତେ**
**ମୌଜାର ନାମ : ଷୋଳପାଟ ,ତହସିଲ -ଦଶରଥପୁର ,ଥାନା ନଂ -୮୨ ,ଜିଲ୍ଲା -ଯାଜପୁର**

| କ୍ର. ନଂ | ଖାତା ନଂ | ପ୍ଲଟ ନଂ | କିସମ ନଂ | ମୋଟ ରକବା | ଅଧିଗ୍ରହଣ ରକବା (ଏକର) | ପ୍ରଜାଙ୍କ ନାମ |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୧ | ୮୯ | ୩୬୧୪ | ପାଳ | ୦.୦୨୫ | ୦.୦୦୫ | ଉମାକାନ୍ତ ବିଶ୍ୱାଳ ,ଉଦେକର ବିଶ୍ୱାଳ ,କପିଳ ଚରଣ ବିଶ୍ୱାଳ , ପି : ନାରାୟଣ ବିଶ୍ୱାଳ ଜା : ମହଲାୟକ ବା : ନିଜଗାଁ |
| ୨ | ୧୦୦୩ /୧୩୦ | ୬୧୪/୪୫୨ | ପାଳ | ୦.୦୨୫ | ୦.୦୦୫ | ସଦାନନ୍ଦ ବାରିକ ପି : ଗୋବିନ୍ଦ ବାରିକ ଜା: ଗୋପାଳ ବା: ଦୋହରା ପାଟଣା , ଥା - ଧୂସୁରି ,ଜି -ଭଦ୍ରକ |
| ୩ | ୩୮୭ | ୩୬୩୯ | ଶାରଦ ଅଣ ଜଳସେଚିତ -୩ | ୧.୧୩ | ୦.୬୮ | ନବ କିଶୋର ନାୟକ ,ବୃନ୍ଦାବନ ନାୟକ ପି : ପିତାମ୍ବର ନାୟକ ,ବିଦ୍ୟାଧର ନାୟକ ପି: ଅନିରୁଦ୍ଧ ନାୟକ ଜା: ମହଲାୟକ ବା: ଦୋହରା ପାଟଣା ଜିଲ୍ଲା :ଭଦ୍ରକ |
| ୪ | ୪୩୫ | ୩୬୫୧ | ଶାରଦ ଅଣ ଜଳସେଚିତ -୨ | ୦.୧୨ | ୦.୦୯ | ନିରାଶି ପରିଡା ,ପିତେଇ ପରିଡା ପି: ଶଙ୍କର ପରିଡା ,ଗୌରୀ ଶ୍ୟାମ ପରିଡା ପି : ଲୋକନାଥ ପରିଡା ,ବଟକୃଷ୍ଣ ପରିଡା ,ପୂର୍ଣ୍ଣାନନ୍ଦ ପରିଡା ,ଧନୀ ପରିଡା ,ଦାମୋଦର ପରିଡା ପି: ଶୁକଦେବ ପରିଡା ,ଦୁଲି ପରିଡା ସ୍ୱା : ଦଶରଥ ପରିଡା ଜା: ଗୋପାଳ ବା: ଦୋହରା ପାଟଣା ଜିଲ୍ଲା - ଭଦ୍ରକ |
| ୫ | ୨୦୬ | ୩୬୫୦ | ଶାରଦ ଅଣ ଜଳସେଚିତ -୩ | ୦.୨୪ | ୦.୧୩ | ଗୌରୀ ଶ୍ୟାମ ପରିଡା ପି: ଲୋକନାଥ ପରିଡା ଜା: ଗୋପାଳ ବା : ଦୋହରାପାଟଣା ଜିଲ୍ଲା -ଭଦ୍ରକ |
| ୬ | ୧୭୨ | ୩୬୪୨ | ଶାରଦ ଅଣ ଜଳସେଚିତ -୩ | ୦.୦୯ | ୦.୦୧ | ଗଦାଧର ବେହେରା ପି: ଗୋଖେଇ ବେହେରା ଜା: ଗୋପାଳ ବା: ନିଜଗାଁ ସାମିଲ ନୂଆପାଟଣା |
| ୭ | ୭୦୧ | ୩୬୬୨ | ଶାରଦ ଅଣ ଜଳସେଚିତ -୩ | ୦.୪୨ | ୦.୨୨ | ଭିକାରି ବେହେରା , ଶଙ୍କର୍ଷଣ ବେହେରା ପି: ସର୍ବେଶ୍ୱର ବେହେରା ,ବାବାଜୀ ବେହେରା ପି: ଧ୍ରୁବ ବେହେରା ଜା: ଗୋପାଳ ବା: ଦୋହରାପାଟଣା ଜିଲ୍ଲା - ଭଦ୍ରକ |
| ୮ | ୭୬୭ | ୩୬୬୩ | ଶାରଦ ଅଣ ଜଳସେଚିତ -୩ | ୦.୫୬ | ୦.୧୨ | ମୁରଲି ଧର ବେହେରା ପି: ବାଳକୃଷ୍ଣ ବେହେରା ଜା: ଗୋପାଳ ବା: ନିଜଗାଁ ସାମିଲ ନୂଆପାଟଣା |
| ୯ | ୭୬୭ | ୩୬୬୪ | ଶାରଦ ଅଣ ଜଳସେଚିତ -୩ | ୦.୪୨ | ୦.୦୭୫ | ମୁରଲି ଧର ବେହେରା ପି: ବାଳକୃଷ୍ଣ ବେହେରା ଜା: ଗୋପାଳ ବା: ନିଜଗାଁ ସାମିଲ ନୂଆପାଟଣା |
| ୧୦ | ୭୭୬ | ୩୬୭୯ | ଶାରଦ ଅଣ ଜଳସେଚିତ -୨ | ୦.୧୦ | ୦.୦୩୫ | ପରୀକ୍ଷିତ ମହ କୁ ଦ ପି: ଦଇତାରି ମହ କୁ ଦ ଜା : ଗୋପାଳ ବା: ନିଜ ଗାଁ |
| ୧୧ | ୩୪୯ | ୩୬୮୦ | ଶାରଦ ଅଣ ଜଳସେଚିତ -୩ | ୧.୨୬ | ୦.୧୮୫ | ଧନେଶ୍ୱର ଦାସ ପି :କାଳି ଦାସ ଜା: ଗୋପାଳ ବା: ନିଜଗାଁ |
| ୧୨ | ୩୪୯ | ୩୬୭୭ | ଶାରଦ ଅଣ ଜଳସେଚିତ -୩ | ୦.୪୬ | ୦.୧୧୫ | ଧନେଶ୍ୱର ଦାସ ପି :କାଳି ଦାସ ଜା: ଗୋପାଳ ବା: ନିଜଗାଁ |
| ୧୩ | ରୟତ ଖାତା ନଂ -୭୧୯ ପ୍ରଜା ଖାତା-୦୦୪-୧୭ | ୩୭୪୨ | ଶାରଦ ଅଣ ଜଳସେଚିତ -୨ | ୦.୯୨ | ୦.୧୯୫ | ରୟତ -ମଙ୍ଗୁଳି ମଳିକ ପି: ଲକ୍ଷ୍ମଣ ମଳିକ ଜା: ଗୋଖା ବା: ଦୋହରାପାଟଣା ଜିଲ୍ଲା-ଭଦ୍ରକ ଦଖଲ ପ୍ରଜା :- ବିଷ୍ଣୁ ଚରଣ ନାୟକ ପି: ଜୟରାମ ନାୟକ ,ସ୍ୱା :ଗୟାଧର ନାୟକ, ଶ୍ରୀନାଥ ନାୟକ ପି: ଚନ୍ଦ୍ରମଣି ନାୟକ ,ବାଇନ ନାୟକ ସ୍ୱା :ଚନ୍ଦ୍ରମଣି ନାୟକ , ଗଦାଧର ନାୟକ ପି: ଭାବ ନାୟକ ଜା: ଜ୍ୟୋ ତି ଷ ବା: ନିଜଗାଁ ସାମିଲ ନୂଆପାଟଣା |
| ୧୪ | ୭୮ | ୩୬୭୬ | ଶାରଦ ଅଣ ଜଳସେଚିତ -୩ | ୦.୪୨ | ୦.୦୨ | ଉମାକାନ୍ତ ଦାସ ,ଶୁବାଷ ଦାସ ,ଅନିରୁଦ୍ଧ ଦାସ ପି: ଘନଶ୍ୟାମ ଦାସ ଜା: ଗୋପାଳ ବା: ନିଜଗାଁ ସାମିଲ ନୂଆପାଟଣା |
| ୧୫ | ୫୮୧ | ୩୭୪୦ | ଶାରଦ ଅଣ ଜଳସେଚିତ -୨ | ୦.୨୫ | ୦.୦୭୫ | ବାଇଧର ବେହେରା,ହରି ବେହେରା,ବାବଜି ବେହେରା ପି: ନରଣ ବେହେରା ,ମୁରଲି ବେହେରା ପି: ବାଳ କୃଷ୍ଣ ବେହେରା ,ମଣି ବେହେରା ,ସୁରେନ୍ଦ୍ର ବେହେରା ପି: ପୂର୍ଣ୍ଣାନନ୍ଦ ବେହେରା ,ରାମଚନ୍ଦ୍ର ବେହେରା ,ସଦାନନ୍ଦ ବେହେରା ପି: ଭିକାରି ବେହେରା ,ସୁଧାକର ବେହେରା ବିଦ୍ୟାଧର ବେହେରା,ଗଦାଧର ବେହେରା ପି:ଗୋଖେଇ ବେହେରା ଜା: ଗୋପାଳ ବା: ନିଜଗାଁ ସାମିଲ ନୂଆପାଟଣା |
| ୧୬ | ୫୮୧ | ୩୭୩୧ | ଶାରଦ ଅଣ ଜଳସେଚିତ -୨ | ୧.୫୦ | ୦.୩୨୫ | ବାଇଧର ବେହେରା,ହରି ବେହେରା,ବାବଜି ବେହେରା ପି: ନରଣ ବେହେରା ,ମୁରଲି ବେହେରା ପି: ବାଳ କୃଷ୍ଣ ବେହେରା ,ମଣି ବେହେରା ,ସୁରେନ୍ଦ୍ର ବେହେରା ପି: ପୂର୍ଣ୍ଣାନନ୍ଦ ବେହେରା ,ରାମଚନ୍ଦ୍ର ବେହେରା ,ସଦାନନ୍ଦ ବେହେରା ପି: ଭିକାରି ବେହେରା ,ସୁଧାକର ବେହେରା ବିଦ୍ୟାଧର ବେହେରା,ଗଦାଧର ବେହେରା ପି:ଗୋଖେଇ ବେହେରା ଜା: ଗୋପାଳ ବା: ନିଜଗାଁ ସାମିଲ ନୂଆପାଟଣା |
| ୧୭ | ୫୮୧ | ୩୭୩୯ | ଶାରଦ ଅଣ ଜଳସେଚିତ -୨ | ୦.୩୫ | ୦.୦୫୫ | ବାଇଧର ବେହେରା,ହରି ବେହେରା,ବାବଜି ବେହେରା ପି: ନରଣ ବେହେରା ,ମୁରଲି ବେହେରା ପି: ବାଳ କୃଷ୍ଣ ବେହେରା ,ମଣି ବେହେରା ,ସୁରେନ୍ଦ୍ର ବେହେରା ପି: ପୂର୍ଣ୍ଣାନନ୍ଦ ବେହେରା ,ରାମଚନ୍ଦ୍ର ବେହେରା ,ସଦାନନ୍ଦ ବେହେରା ପି: ଭିକାରି ବେହେରା ,ସୁଧାକର ବେହେରା ବିଦ୍ୟାଧର ବେହେରା,ଗଦାଧର ବେହେରା ପି:ଗୋଖେଇ ବେହେରା ଜା: ଗୋପାଳ ବା: ନିଜଗାଁ ସାମିଲ ନୂଆପାଟଣା |
| ୧୮ | ୫୮୧ | ୩୭୩୮ | ଶାରଦ ଅଣ ଜଳସେଚିତ -୨ | ୦.୩୩ | ୦.୦୭୫ | ବାଇଧର ବେହେରା,ହରି ବେହେରା,ବାବଜି ବେହେରା ପି: ନରଣ ବେହେରା ,ମୁରଲି ବେହେରା ପି: ବାଳ କୃଷ୍ଣ ବେହେରା ,ମଣି ବେହେରା ,ସୁରେନ୍ଦ୍ର ବେହେରା ପି: ପୂର୍ଣ୍ଣାନନ୍ଦ ବେହେରା ,ରାମଚନ୍ଦ୍ର ବେହେରା ,ସଦାନନ୍ଦ ବେହେରା ପି: ଭିକାରି ବେହେରା ,ସୁଧାକର ବେହେରା ବିଦ୍ୟାଧର ବେହେରା,ଗଦାଧର ବେହେରା ପି:ଗୋଖେଇ ବେହେରା ଜା: ଗୋପାଳ ବା: ନିଜଗାଁ ସାମିଲ ନୂଆପାଟଣା |
| ୧୯ | ୫୮୧ | ୩୭୩୭ | ଶାରଦ ଅଣ ଜଳସେଚିତ -୨ | ୧.୪୬ | ୦.୨୭୫ | ବାଇଧର ବେହେରା,ହରି ବେହେରା,ବାବଜି ବେହେରା ପି: ନରଣ ବେହେରା ,ମୁରଲି ବେହେରା ପି: ବାଳ କୃଷ୍ଣ ବେହେରା ,ମଣି ବେହେରା ,ସୁରେନ୍ଦ୍ର ବେହେରା ପି: ପୂର୍ଣ୍ଣାନନ୍ଦ ବେହେରା ,ରାମଚନ୍ଦ୍ର ବେହେରା ,ସଦାନନ୍ଦ ବେହେରା ପି: ଭିକାରି ବେହେରା ,ସୁଧାକର ବେହେରା ବିଦ୍ୟାଧର ବେହେରା,ଗଦାଧର ବେହେରା ପି:ଗୋଖେଇ ବେହେରା ଜା: ଗୋପାଳ ବା: ନିଜଗାଁ ସାମିଲ ନୂଆପାଟଣା |
| ୨୦ | ୭୨୬ | ୩୭୩୨ | ଶାରଦ ଅଣ ଜଳସେଚିତ -୨ | ୦.୩୦ | ୦.୦୪୫ | ମଣି ବେହେରା ,ସୁରେନ୍ଦ୍ର ବେହେରା ପି: ପୂର୍ଣ୍ଣାନନ୍ଦ ବେହେରା ,ରାମଚନ୍ଦ୍ର ବେହେରା ସଦାନନ୍ଦ ବେହେରା ପି:ଭିକାରି ବେହେରା ,ସୁଧାକର ବେହେରା ,ବିଦ୍ୟାଧର ବେହେରା ଗଦାଧର ବେହେରା ପି: ଗୋଖେ ଇ ବେହେରା,ବାଇଧର ବେହେରା ,ହରି ବେହେରା ,ବାବାଜୀ ବେହେରା ପି: ନାରଣ ବେହେରା ,ମୁରଲି ବେହେରା ପି: ବା ଳ କୃଷ୍ଣ ବେହେରା ଜା: ଗୋପାଳ ବା: ନିଜଗାଁ ସାମିଲ ନୂଆପାଟଣା |
| ୨୧ | ୫୨୫ | ୩୭୩୪ | ଶାରଦ ଅଣ ଜଳସେଚିତ -୨ | ୦.୧୦ | ୦.୦୬ | ପୂର୍ଣ୍ଣ ଚନ୍ଦ୍ର ବିଶ୍ୱାଳ ,ପଦ୍ମନାଭ ବିଶ୍ୱାଳ ପି: ଅଦୈତ ବିଶ୍ୱାଳ ,ସୂର୍ଯ୍ୟ ମଣି ବିଶ୍ୱାଳ ପି: ସୟମ୍ଭୁ ବିଶ୍ୱାଳ,ରବି ନାରାୟଣ ବିଶ୍ୱାଳ ପି: ହରି ବିଶ୍ୱାଳ ,ଉମାକାନ୍ତ ବିଶ୍ୱାଳ ଉଦେକର ବିଶ୍ୱାଳ କପିଳ ବିଶ୍ୱାଳ ପି: ନାରାୟଣ ବିଶ୍ୱାଳ ଜା: ମହା ଲାୟକ ବା: ନିଜଗାଁ,ଦଖଲ ଶଙ୍କରସନ ଦାସ ଓଗେର ସିକିମ ଖାତା ନଂ -୧୫ ବା: ନିଜଗାଁ |
| ୨୨ | ୩୫ | ୩୭୩୫ | ଶାରଦ ଅଣ ଜଳସେଚିତ -୨ | ୦.୧୯ | ୦.୦୪୫ | ଅଭିମନ୍ୟୁ ଦାସ ପି: ବନମାଳି ଦାସ ଜା: ଗୋପାଳ ବା: ନିଜଗାଁ ସାମିଲ ନୂଆପାଟଣା |
| ୨୩ | ୯୪୮ | ୩୭୧୩ | ଶାରଦ ଅଣ ଜଳସେଚିତ -୨ | ୦.୧୧ | ୦.୧୦୫ | ଶ୍ରୀଧର ପରିଡା ,ହରିହର ପରିଡା ପି: ନଛି ପରିଡା ଜା: ଗୋପାଳ ବା: ଦୋହରାପାଟଣା ,ସୁଧାକର ବେହେରା ,ବିଦ୍ୟାଧର ବେହେରା ,ଗଦାଧର ବେହେରା ପି: ଗୋଖେଇ ବେହେରା ଜା: ଗୋପାଳ ବା: ନିଜଗାଁ ସାମିଲ |
| ୨୪ | ରୟତ ଖାତା- ୭୮୫ ପ୍ରଜା ଖାତା-୦୦୪-୧୭ | ୩୭୧୨ | ଶାରଦ ଅଣ ଜଳସେଚିତ -୨ | ୦.୧୦ | ୦.୧୦୦ | ରୟତ :- ରଙ୍କ ସାହୁ ପି: ସୁଦାମ ସାହୁ ,ଶଙ୍କର ସାହୁ ,ସିନ ସାହୁ ,ଦିନ ସାହୁ ପି: ମାୟାଧର ସାହୁ,କୃପାସିନ୍ଧୁ ସାହୁ,ସନ୍ତୋଷ ସାହୁ ପି: ମଧୁ ସାହୁ ରାଜ ସାହୁ , ଦୁଃଖୀ ସାହୁ ପି: ଜଦୁ ସାହୁ ପ୍ରେମ ସାହୁ ସ୍ୱା : ଯଦୁ ସାହୁ ,ନାଥ ସାହୁ ଯୋଗୀ ସାହୁ ପି: ଦୁର୍ଗା ସାହୁ,ଧ୍ରୁବ ସାହୁ ପି:ରତ୍ନାକର ସାହୁ ,ପ୍ରଭାକର ସାହୁ ବିଦ୍ୟାଧର ସାହୁ ପି:ଯଶୋବନ୍ତ ସାହୁ ଜା: ନିଆରି ବା: ଦୋହରାପାଟଣା ଜିଲ୍ଲା -ଭଦ୍ରକ ପ୍ରଜା ଦଖଲ :- ସପନି ବାରିକ,ଜଗୁ ବାରିକ, କାଳି ବାରିକ ପି: ପୂର୍ଣ୍ଣାନନ୍ଦ ବାରିକ,ମାଗୁଣି ବାରିକ ପି: ଭୋଳି ବାରିକ ଜା: ଗୋପାଳ ବା: ଦୋହରାପାଟଣା ଜିଲ୍ଲା -ଭଦ୍ରକ। |

OIPR-24163/14/0065/2324

**ସ୍ୱା/- ତହସିଲଦାର ତଥା ଭୂ-ଅର୍ଜନ ଅଧିକାରୀ,ଦଶରଥପୁର**

## ଆନନ୍ଦପୁରରେ ବୁଲୁନି ଅଳିଆ ସଂଗ୍ରହ ଗାଡ଼ି

# କୁଢ଼ କୁଢ଼ ମଇଳାରେ ସାହିବସ୍ତି ବାସିନ୍ଦା ଅଣନିଃଶ୍ୱାସୀ

**ଆନନ୍ଦପୁର, ୮।୩ (ସମିସ)**



ଆନନ୍ଦପୁର ପୌରପାଳିକାର ପରିମଳ ବ୍ୟବସ୍ଥାରେ ଉନ୍ନତି ଆଣିବା ପାଇଁ ସରକାରୀ ସ୍ତରରେ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିବା ବେଳେ ଏହାର ପରିଚାଳନାଗତ ତ୍ରୁଟି ଯୋଗୁଁ ପରିମଳ ବ୍ୟବସ୍ଥା ଦିନକୁ ଦିନ ଦୟନୀୟ ହୋଇପଡିଛି । ୧୬ ଗୋଟି ୱାର୍ଡ ବିଶିଷ୍ଟ ଏହି ପୌରପାଳିକାରେ ଘର ଘର ବୁଲି ଅଳିଆ ସଂଗ୍ରହ କରିବା ପାଇଁ ୧୨ ଗୋଟି ବ୍ୟାଟେରୀ ଚାଳିତ ଗାଡିର ବ୍ୟବସ୍ଥା ହୋଇଥିଲେ ମଧ୍ୟ ରକ୍ଷଣାବେକ୍ଷଣ ଅଭାବରୁ ଅନେକ ସମୟରେ ଅନେକ ଗାଡି ଅଚଳ ହୋଇପଡୁଥିବାରୁ ଘର ଘର ବୁଲି ଅଳିଆ ସଂଗ୍ରହ ହୋଇନପାରି ରାସ୍ତା ଉପରେ ପଡିରହୁଛି । ଆନନ୍ଦପୁର ବଡ଼ବଜାର ଓ ଲକ୍ଷ୍ମୀବଜାର ରାସ୍ତାରେ ଗତ ପ୍ରାୟ ସପ୍ତାହେ ହେବ ରାସ୍ତା ଉପରେ ଅଳିଆକୁଢ଼ ପଡିରହିଥିଲେ ମଧ୍ୟ ତାହା ଉଠାଯାଉନଥିବାରୁ ଯାତାୟତରେ ଏହା ବାଧା ସୃଷ୍ଟି କରିଛି । ସାହିବସ୍ତି ଲୋକେ ଅଳିଆ ଗାଡ଼ିକୁ ଅପେକ୍ଷା କରି ନୟାନ୍ତ ହେବା ପରେ ବାଧ୍ୟ ହୋଇ ଏହାକୁ ସର୍ବସାଧାରଣ ରାସ୍ତାରେ ପକାଉଥିବା ଅଭିଯୋଗ ହୋଇଛି । ଏହି ଅଳିଆ ଉଠାଯାଉନଥିବାରୁ ପୂତିଗନ୍ଧମୟ ପରିବେଶ ସୃଷ୍ଟି ହେଉଥିବାରୁ ସାଧାରଣ ଲୋକେ ଅଣନିଃଶ୍ୱାସୀ ହୋଇପଡିଲେଣି । ଅଳିଆ ସଂଗ୍ରହ ପାଇଁ ନିୟୋଜିତ ହୋଇଥିବା ବ୍ୟାଟେରି ଚାଳିତ ଗାଡ଼ି ରକ୍ଷଣାବେକ୍ଷଣ ଓ ତଦାରଖ ଅଭାବରୁ ଅନେକ ସମୟରେ ଅଚଳ ହୋଇପଡୁଥିବାରୁ ଏପରି ପରିସ୍ଥିତି ସୃଷ୍ଟି ହୋଇଥିବା ଜଣାଯାଇଛି । ଯଥାଶୀଘ୍ର ଏ ଦିଗରେ ପଦକ୍ଷେପ ଗ୍ରହଣ କରାନଗଲେ ୱାର୍ଡ ଅଧିବାସୀଙ୍କୁ ନେଇ ଆନ୍ଦୋଳନ କରିବେ ବୋଲି ୬ନଂ ୱାର୍ଡ କାଉନସିଲର ମଣିଲତା ରାମ ଓ ୧୫ନଂ ୱାର୍ଡ କାଉନସିଲର ଉର୍ବଶୀ ସାହୁ ଚେତାବନୀ ଦେଇଛନ୍ତି ।



ମିଳିଥିବା ସୂଚନାନୁଯାୟୀ, ବର୍ଷକ ୩୬୫ଦିନ ପାଇଁ ପ୍ରତିଘର ପିଛା ୩୬୫ ଟଙ୍କା ଟିକସ ଆଦାୟ ହେଉଥିବା ବେଳେ ଅନେକ ସମୟରେ ଗାଡ଼ି ଅଚଳ ଯୋଗୁ ଅଳିଆ ସଂଗ୍ରହ ହୋଇ ପାରୁନଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ପ୍ରାୟେ ମାସେ ହେବ ୧୨ଟି ଗାଡ଼ି ମଧ୍ୟରୁ ୪ଟି ଗାଡ଼ି ଅଚଳ ହୋଇପଡିଥିଲେ ମଧ୍ୟ ଏହାର ମରାମତି କରାଯାଉନଥିବାରୁ ଅଳିଆ ସଂଗ୍ରହ ଠପ ହୋଇପଡିଛି । ୬ନଂ ୱାର୍ଡର କାଉନସିଲର ପ୍ରତିନିଧି ସତ୍ୟବ୍ରତ ରାମ ଏନେଇ ପୌରପାଳିକା ପରିମଳ ବିଭାଗରେ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ ପରିମଳ ଦାୟିତ୍ୱରେ ଥିବା ଅଧିକାରୀ କୌଣସି ପଦକ୍ଷେପ ଗ୍ରହଣ କରୁନଥିବାରୁ ଏହି ସମସ୍ୟା ବିଭିନ୍ନ ୱାର୍ଡରେ ଉତ୍କଟ ହୋଇପଡିଛି । ସେହିପରି ଭାବେ ୫ନଂ ୱାର୍ଡର କାଉନସିଲର ପ୍ରତିନିଧି ସପନ କୁମାର ବେହେରା ସମାନ ଅଭିଯୋଗ କରିଛନ୍ତି । ଅଚଳ ଗାଡି ଗୁଡିକୁ ତୁରନ୍ତ ମରାମତି କରାଯାଇ କାର୍ଯ୍ୟକ୍ଷମ କରାଗଲେ ପୌରାଞ୍ଚଳର ପରିମଳ ବ୍ୟବସ୍ଥା ସ୍ୱାଭାବିକ ହୋଇପାରିବ ବୋଲି ଦାବି ଜଣାଇଛନ୍ତି ।

## ଦୁର୍ଘଟଣାରେ ଗୁରୁତର ଚାଷୀଙ୍କ ମୃତ୍ୟୁ



**ସୋସୋ, ୮।୩(ସମିସ) :** ହାଟଡିହି ବ୍ଲକ ଜମ୍ବିରା ଗ୍ରାମର ଚାଷୀ ଜଳଧର ବେହେରା (୫୮)ଙ୍କ ଗାଡ଼ି ଧକ୍କାରେ ଗୁରୁତର ହୋଇ ଚିକିତ୍ସିତ ବେଳେ ଶୁକ୍ରବାର ତାଙ୍କର ମୃତ୍ୟୁ ଘଟିଛି । ଗତ ୧୨ ଦିନ ତଳେ ସେ ପରିବା ଧରି ସାଇକଲରେ ଯାଉଥିବା ବେଳେ ତାଙ୍କୁ ଏକ ବାଇକ୍ ଧକ୍କା ଦେଇଥିଲା । ସେ ଗୁରୁତର ହୋଇ ପ୍ରଥମେ ଭଦ୍ରକ ଓ ପରେ କଟକ ବଡ ମେଡିକାଲକୁ ସ୍ଥାନାନ୍ତର ହୋଇଥିଲେ । ସେଠାରେ ଆଜି ତାଙ୍କର ମୃତ୍ୟୁ ହୋଇଯାଇଛି । ମୃତ୍ୟୁ ଖବର ଶୁଣି ପରିବାର ଲୋକଙ୍କ ମଧ୍ୟରେ ଶୋକକୁଳ ପରିବେଶ ସୃଷ୍ଟି ହୋଇଛି । ତାଙ୍କ ପୁଅ ସୁଶାନ୍ତ ଅସହାୟ ହୋଇପଡିଥିବା ବେଳେ ପରିବାରଟି ଅତି ଗରିବ ଶ୍ରେଣୀର ହୋଇଥିବାରୁ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି ।

## ଦୋକାନରୁ ଟଙ୍କା ଚୋରି ଅଭିଯୋଗ

**ହାଟଡ଼ିହୀ,୮।୩(ସମିସ):** ନନ୍ଦିପଦା ଥାନା ଅଧୀନ ଡଙ୍କୁରୀ ଛକର ଏକ ଦୋକାନରୁ ଗୁରୁବାର ବିଳମ୍ବିତ ରାତିରେ ଟଙ୍କା ଚୋରି ହୋଇଥିବା ଜଣାପଡ଼ିଛି । ଅଭିଯୋଗ ଅନୁସାରେ, ଡଙ୍କୁରୀ ଗ୍ରାମର ସୂର୍ଯ୍ୟମଣି ଦାସଙ୍କ ପୁଅ ରଞ୍ଜନ କୁମାର ଦାସ ଗାଁ ଛକରେ ଏକ ଷ୍ଟେସନାରୀ ସହ ଟେଲର ଦୋକାନ ଦେଇଛନ୍ତି । ଗୁରୁବାର ବିଳମ୍ବିତ ରାତିରେ କେହି ଅଜଣା ଯୁବକ ରଞ୍ଜନଙ୍କୁ ସାହାଯ୍ୟ ମାଗିବା ବାହାନାରେ ଜୋର୍ ଜବରଦସ୍ତ ଦୋକାନ ଘରେ ପଶି ତାଙ୍କ ପର୍ସ ସହ ୧୫ହଜାର ଟଙ୍କା ନେଇଯାଇଛନ୍ତି । ଏନେଇ ଦୋକାନୀ ରଞ୍ଜନଙ୍କ ପକ୍ଷରୁ ନନ୍ଦିପଦା ଥାନାରେ କୌଣସି ଅଭିଯୋଗ ହୋଇନଥିବା ଜଣାଯାଇଛି ।

## ଗାଡ଼ି ଧକ୍କାରେ ବାଇକ୍ ଅରୋହୀ ମୃତ

**ବାଲିବନ୍ଧ,୮।୩(ସମିସ):** ପଳାପଙ୍ଗା-ବାମେରୀ ରାସ୍ତା ବାମେବାରୀ ଥାନା ଅଧୀନସ୍ଥ ନୟାଗଡ ଗ୍ରାମର ଲେବରଛକ ନିକଟରେ ଶୁକ୍ରବାର ଅଜଣା ଗାଡି ଧକ୍କାରେ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି । ମୃତକ ଜଣକ ସଦର ଥାନା ଅନ୍ତର୍ଗତ କଣ୍ଡରାପଶି ପଞ୍ଚାୟତ ଧନୁର୍ଜୟପୁର ଗ୍ରାମର ମନୋରଞ୍ଜନ ମାଝୀ (୪୦) ବୋଲି ପୁଲିସ ସୂତ୍ରରୁ ଜଣାପଡିଛି । ଖବରରୁ ପ୍ରକାଶ ଯେ, ମନୋରଞ୍ଜନ ଏସ୍ଆର ପ୍ଲାଣ୍ଟକୁ ଡିୟୁଟି କରିବା ପାଇଁ ନିଜ ବାଇକ୍ ଯୋଗେ ଯାଉଥିବା ବେଳେ ନୟାଗଡ ଲେବରଛକ ନିକଟରେ ବିପରୀତ ଦିଗରୁ ଆସୁଥିବା ଏକ ଅଜଣା ଗାଡି ଧକ୍କା ଦେଇଥିଲା । ଫଳରେ ଘଟଣାସ୍ଥଳରେ ମନୋରଞ୍ଜନ ରାସ୍ତା ଉପରେ ଛିଟିକି ପଡିରହିଥିଲେ । ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଝୁମ୍ପୁରା ଡାକ୍ତରଖାନାକୁ ଆଣିଥିଲେ । ସେଠାରେ ଡାକ୍ତର ଯାଞ୍ଚ ପରେ ମନୋରଞ୍ଜନକୁ ମୃତ ଘୋଷଣା କରିଥିଲେ । ବାମେବାରୀ ପୁଲିସ ଘଟଣାସ୍ଥଳରେ ପହଞ୍ଚି ପାରିପାଶ୍ୱରିକ ସ୍ଥିତି ଅନୁଧ୍ୟାନ କରିବା ସହ ଏକ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇଥିବା ଜଣାପଡିଛି ।

## ଶ୍ରୀବାଲୁଙ୍କେଶ୍ୱର ପୀଠରେ ଗାୟତ୍ରୀ ମହାଯଜ୍ଞ

**ଆନନ୍ଦପୁର,୮।୩(ସମିସ):** ସ୍ଥାନୀୟ ବାତୋ ବୈତରଣୀ ବିହାରର ଶ୍ରୀବାଲୁଙ୍କେଶ୍ୱର ମହାଦେବଙ୍କ ଷୋଡ଼ଶ ବାର୍ଷିକ ଉତ୍ସବ ଅବସରରେ ଗାୟତ୍ରୀ ପରିବାର ପକ୍ଷରୁ ମହାଯଜ୍ଞ ଓ ପାରାୟଣ ଏବଂ ପବିତ୍ର ଜାଗର ପର୍ବ ଭାବ ଓ ଭକ୍ତିମୟ ପରିବେଶରେ ଅନୁଷ୍ଠିତ ହୋଇଯାଇଛି । ପୂଜକ ଗୋପାଳକୃଷ୍ଣ ନନ୍ଦ ରୀତିନୀତି ଅନୁଯାୟୀ ମହାଦେବଙ୍କ ରୁଦ୍ରାଭିଷେକ କରିବା ପରେ ଗାୟତ୍ରୀ ପରିବାର ପକ୍ଷରୁ ମହାଯଜ୍ଞ ଅନୁଷ୍ଠିତ ହୋଇଥିଲା । ସନ୍ଧ୍ୟାରେ ମହାବାହୁ ଭଜନ ସନ୍ଧ୍ୟା ର କଳାକାର ମାନଙ୍କ ଦ୍ୱାରା ଭକ୍ତିସଂଗୀତ ପରିବେଷଣ କରାଯାଇଥିଲା । କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ବଦ୍ରିନାରାୟଣ ପାତ୍ର, ସମାଜସେବୀ କୁଶ ପରିଡା, ରବିନ୍ଦ୍ର କୁମାର ନାୟକ, ବିଷ୍ଣୁ ନାରାୟଣ ସାମଲ, ଅମରେଶ ପାତ୍ର, ବ୍ରଜକିଶୋର ସାହୁ, ନରହରି ନାୟକ ପ୍ରମୁଖ ଯୋଗ ଦେଇ ମହାଦେବଙ୍କ ଆର୍ଶୀବାଦ ଭିକ୍ଷା କରିଥିଲେ ।

## ଉପଜିଲ୍ଲାପାଳଙ୍କୁ ପ୍ରେସ୍ ଫୋରମ୍ ପକ୍ଷରୁ ସମ୍ବର୍ଦ୍ଧନା



**ଆନନ୍ଦପୁର,୮।୩(ସମିସ):** ଆନନ୍ଦପୁରରେ ନୂତନ ଉପଜିଲ୍ଲାପାଳ ଭାବେ ଯୋଗ ଦେଇଥିବା ଫାଲଗୁନି ମାଝୀଙ୍କୁ ଆଜି ପ୍ରେସ୍ ଫୋରମ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି । ଫୋରମର ସଭାପତି ଉମେଶ ଚନ୍ଦ୍ର ପାଢିଙ୍କ ନେତୃତ୍ୱରେ ସମ୍ପାଦକ ନିର୍ମଳ ଚନ୍ଦ୍ର ରାଉଳ, ପଦ୍ମନାଭ ସାହୁ, ଲକ୍ଷ୍ମଣ ବେହେରା, ସଂଜୀବ ମହାନ୍ତି, ସତ୍ୟବ୍ରତ ଜେନା, ନିରାକର ପରିଡା, ଗଣେଶ୍ୱର ସା ପ୍ରମୁଖ ଉପଜିଲ୍ଲାପାଳଙ୍କୁ କାର୍ଯ୍ୟାଳୟରେ ସାକ୍ଷାତ କରି ପୁଷ୍ପଗୁଚ୍ଛ ପ୍ରଦାନ କରି ଶୁଭେଚ୍ଛା ଜଣାଇଥିଲେ । ପରେ ସୌଜନ୍ୟମୂଳକ ଆଲୋଚନା କାଳରେ ଆନନ୍ଦପୁର ଉପଖଣ୍ଡର ବିଭିନ୍ନ ସମସ୍ୟା ସମ୍ପର୍କରେ ଉପଜିଲାପାଳ ଶ୍ରୀ ମାଝୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

## ଝୁମ୍ପୁରାରେ ମହିଳା ଦିବସ ପାଳିତ



**ବାଲିବନ୍ଧ,୮।୩(ସମିସ):** ଝୁମ୍ପୁରା ପଞ୍ଚାୟତ ସମିତି ମହାବିଦ୍ୟାଳୟ ପରିସରରେ ଯୁବ ରେଡ୍କ୍ରସ ୟୁନିଟ୍ ତରଫରୁ ଶୁକ୍ରବାର ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି । ଆୟୋଜିତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ କୁଞ୍ଜବିହାରୀ ପ୍ରଧାନ ଅଧ୍ୟକ୍ଷତାର କରିଥିଲେ । ମୁଖ୍ୟଅତିଥି ଭାବେ ଅର୍ଶଳା ସରପଞ୍ଚ ହେମଲତା ନାଏକ, ମୁଖ୍ୟବକ୍ତା ଭାବେ ଯୁବ ରେଡକ୍ରସ ବିଭାଗର କାଉନସେଲର ଅଧ୍ୟାପକ ବିନାୟକ ମହାନ୍ତ ଏବଂ ଅନ୍ୟଅତିଥି ମାନଙ୍କ ମଧ୍ୟରେ ପୂର୍ବତନ ସରପଞ୍ଚ ପ୍ରସନ୍ନ କୁମାର ନାଏକ, ଅଧ୍ୟାପକ ତ୍ରିଲୋଚନ ମହାନ୍ତ, ଅଧ୍ୟାପିକା ନମିତା ସାହୁ, ଅଧ୍ୟାପକ ପ୍ରଦ୍ୟୁମ୍ନ କିଶୋର ବେଉରା ଯୋଗ ଦେଇଥିଲେ । କାର୍ଯ୍ୟକ୍ରମକୁ ସୁଚାରୁରୂପେ ସଫଳ କରିବା ନିମନ୍ତେ ଅଧ୍ୟାପିକା ମନୋରମା ଦାଶ, ଚିନ୍ମୟୀ ପରିଡା, ଗୀତାରଣୀ ସିଂ, ମଧୁସ୍ମିତା ପାତ୍ର ଖେଳ ଶିକ୍ଷକ ଶିଶିର କୁମାର ପ୍ରଧାନ, ବରିଷ୍ଠ ପ୍ରାଧ୍ୟାପକ ଦେବବ୍ରତ ମିଶ୍ର ସହଯୋଗ କରିଥିଲେ ।

## ସାଳନ୍ଦୀ ଫାର୍ମର୍ସ ପ୍ରଡ୍ୟୁସର କମ୍ପାନୀର ସମ୍ମିଳନୀ



**ସୋସୋ, ୮।୩(ସମିସ):** ହାଟଡିହି ବ୍ଲକ ଗଡ଼ଚଣ୍ଡିଠାରେ ସାଳନ୍ଦୀ ଫାର୍ମର୍ସ ପ୍ରଡ୍ୟୁସର କମ୍ପାନୀ ପକ୍ଷରୁ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । କମ୍ପାନୀ ମୁଖ୍ୟ ପରିଚାଳକ ପ୍ରେମାନନ୍ଦ ମିଶ୍ର, ସଦସ୍ୟ ଅଭିମନ୍ୟୁ କୁମାର ରାଉଳ, ମଧୁସୂଦନ ରାଉତ, ଇଲାରାଣି ଖୁଣ୍ଟିଆ, ଅନାଦି ଚରଣ କବି, ରଞ୍ଜନ କୁମାର ଧଳ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଏହି ସମୟରେ କମ୍ପାନୀ ପକ୍ଷରୁ ଏକ କୃଷକ ବିପଣନ କେନ୍ଦ୍ର ସୁନ୍ଦରାପାଳଠାରେ ଖୋଲାଯାଇଥିଲା । ଏହାର ତତ୍ତ୍ୱାବଧାରକ ଭାବେ ସଞ୍ଜୟକୁମାର ବେହେରାଙ୍କୁ ଦାୟିତ୍ୱ ଦିଆଯାଇଥିଲା । ଏହାକୁ ପରିଚାଳନା କରିବା ପାଇଁ ନାବାଡ କେନ୍ଦୁଝର ଡିଡିଏମ୍ ବିକେ ମଲ୍ଲିକ, ସିବିବିଓ ଢେଙ୍କାନାଳର ଯାନ୍ତ୍ରୀଙ୍କ ପ୍ରଯୁକ୍ତି କର୍ମକର୍ତ୍ତା ପରାମାନ୍ଦ ପ୍ରଧାନ, କୃଷି ବିଜ୍ଞାନୀ ଟଙ୍କଧର ପୋଢ, ଏଓଓ ସୋନାଲି ପ୍ରିୟଦର୍ଶନୀ, କେଦାରନାଥ ଭୋଳ ପ୍ରମୁଖ ଯୋଗ ଦେଇ କୃଷକମାନଙ୍କରଆୟ ବୃଦ୍ଧି କରିବା ସହିତ ବିଭିନ୍ନ ଲାଭଜନକ ଫସଲ ଜୈବିକ ପଦ୍ଧତିରେ କରିବା ପାଇଁ ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ପାଟଣା ମୁଖ୍ୟ ପରିଚାଳକ କମଳ ଲୋଚନ ମହାନ୍ତ, ସ୍ୱସ୍ତିକୃପା ପ୍ରଡ୍ୟୁସର କମ୍ପାନୀର ସିଇଓ ରମାକାନ୍ତ ସିଂ ଅଂଶଗ୍ରହଣ କରିଥିଲେ ।

## ୧୯୭୮ ବ୍ୟାଚର ବନ୍ଧୁମିଳନ



**ଚମ୍ପୁଆ,୮।୩(ସମିସ):** ଚମ୍ପୁଆ ସ୍ୱାଗତ ଗେଷ୍ଟହାଉସ ଠାରେ ସ୍ଥାନୀୟ ମହତାବ ଉଚ୍ଚ ବିଦ୍ୟାଳୟର ୧୯୭୮ ମସିହା ମ୍ୟାଟ୍ରିକ ବ୍ୟାଚର ପୁରାତନ ଛାତ୍ରଛାତ୍ରୀଙ୍କ ଦ୍ୱାରା ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପୂର୍ବତନ ଛାତ୍ରୀ ମମତା ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ୩୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଗ ଦେଇଥିବା ବେଳେ ଅତିଥି ଭାବେ ପୂର୍ବତନ ଶିକ୍ଷକ ହରିହର ମିଶ୍ର ଓ ବର୍ତମାନ ମହତାବ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଲୋକନାଥ ଗୁଇଁ ଯୋଗ ଦେଇଥିଲେ । ଛାତ୍ରଛାତ୍ରୀ ଶିକ୍ଷକମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦେଇଥିଲେ । ଛାତ୍ରୀ ମମତା ପଣ୍ଡା ସ୍ୱରଚିତ ବନ୍ଧୁମିଳନ କବିତା ପାଠ କରିଥିଲେ ।

## ହଦଗଡ଼ ଅଞ୍ଚଳ ବୁଲିଲେ ପ୍ରସନ୍ନ ପାଟଶାଣୀ



**ହାଟଡ଼ିହୀ,୮।୩(ସମିସ):** ପୂର୍ବତନ ସାଂସଦ ପ୍ରସନ୍ନ ପାଟଶାଣୀ ଆଜି ହାଟଡିହୀ ବ୍ଲକ ଅନ୍ତର୍ଗତ ହଦଗଡ଼ ସ୍ଥିତ ସାଳନ୍ଦୀ ନଦୀବନ୍ଧ ସହ ବଣପାହାଡ଼ର ପ୍ରାକୃତିକ ସୋନ୍ଦର୍ଯ୍ୟକୁ ଉପଭୋଗ କରିଥିଲେ । ହଦଗଡ଼ ସ୍ଥିତ ଶୈବପୀଠରେ ମହାଦେବଙ୍କୁ ଦର୍ଶନ କରି ସ୍ଥାନୀୟ ଲୋକଙ୍କ ସହ କିଛି ମୁହୂର୍ତ୍ତ ବିତାଇଥିଲେ । ଏଥିସହ କିଛି ସ୍ଥାନୀୟ ଲୋକଙ୍କୁ ନେଇ ହଦଗଡ଼ ନିକଟସ୍ଥ ଜଙ୍ଗଲ ମଧ୍ୟରେ ଥିବା ଫୁଲଝର ଗ୍ରାମରେ ପହଞ୍ଚିଥିଲେ । ସେଠାକାର ଲୋକଙ୍କ ସହ କିଛି ସମୟ ବିତାଇ ଫେରି ଆସିଥିଲେ । ସ୍ଥାନୀୟ ଅଞ୍ଚଳରୁ ତାଙ୍କର କିଛି ଶୁଭେଚ୍ଛୁ ତଥା ପ୍ରଶଂସକ ମଧ୍ୟରେ ବିଜୟ କୁମାର ଶତପଥୀ, ଅଭୟ ରାଉତ, ଜଗନ୍ନାଥ ରଥ ପ୍ରମୁଖ ତାଙ୍କୁ ବାଟ କଢ଼େଇ ନେଇଥିଲେ । ବିଶେଷ କରି ହଦଗଡ଼ ଡ୍ୟାମକୁ ଇକୋଟୁରିଜିମରେ ଅନ୍ତର୍ଭୁକ୍ତ କରାଯିବା ନେଇ ଶ୍ରୀଯୁକ୍ତ ପାଟଶାଣୀ ପ୍ଲାନିଂ ବୋଡର୍‌ରେ ଆଲୋଚନା କରିବାକୁ କଥା ଦେଇଥିବା ଜଣାଯାଇଛି ।

## ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା



**ଆନନ୍ଦପୁର,୮।୩(ସମିସ):** ସ୍ଥାନୀୟ ହସନପୁର ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ନଟବର ସାହୁଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ସିଆରସିସି ରବିନ୍ଦ୍ର ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଚୈତନ୍ୟ ଚରଣ ରାଉତ ଯୋଗଦେଇଥିଲେ । ମୁଖ୍ୟବକ୍ତା ଭାବେ କୁଶଳେଶ୍ୱର ଆଞ୍ଚଳିକ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଚିନ୍ତାମଣି ଜେନା, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଭରତ ଚନ୍ଦ୍ର ସାହୁ, ବିଜୟାନନ୍ଦ ଜେନା, ଉଦ୍ଧବ ଚରଣ ସାହୁ, ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ସମ୍ପାଦକ ରଞ୍ଜିତ ପାତ୍ର, ଏସ୍ଏମସି ସଭାନେତ୍ରୀ ଉର୍ବଶୀ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ । ସହକାରୀ ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ । ମା' ବାରମାସୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦିଲ୍ଲୀପ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ପୁରାତନ ଛାତ୍ର ରମେଶ ସାହୁଙ୍କ ସହ ଆଞ୍ଚଳିକ ସାଧନ କେନ୍ଦ୍ରର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଦେବାଶିଷ ପାତ୍ର ଯୋଗଦେଇ ବିଦାୟୀ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ ।

# ପାରମ୍ପରିକ ଚାଷ ନାମରେ ପାହାଡ଼ ହେଉଛି ବୃକ୍ଷଶୂନ୍ୟ

**କେନ୍ଦୁଝର,୮।୩ (ସମିସ)**

କେନ୍ଦୁଝର ଜିଲ୍ଲାର ବିଭିନ୍ନ ସ୍ଥାନରେ ପାରମ୍ପରିକ ଚାଷ ନାମରେ ହଜାର ହଜାର ହେକ୍ଟର ଜଙ୍ଗଲ ଜମି ବୃକ୍ଷ ଶୂନ୍ୟ ହେଉଥିବାବେଳେ ଆଉ କେତେକ ସ୍ଥାନରେ ପାରମ୍ପରିକ ଚାଷ ନାମରେ ରାଜସ୍ୱ ଜଙ୍ଗଲ ମଧ୍ୟ ନଷ୍ଟ ହେଉଥିବା ଦେଖାଯାଉଛି । ଯାହାକି ବନ ବିଭାଗକୁ ଚିନ୍ତାରେ ପକାଉଛି । ସମୟ ବଦଳିବାରେ ଲାଗିଥିବାବେଳେ ଏବେ ବି ଜିଲ୍ଲାର ଜଙ୍ଗଲ ନଷ୍ଟ କରି ଜଙ୍ଗଲ ନଷ୍ଟ ପରମ୍ପରା ବଦଳି ପାରୁନାହିଁ । ଜିଲ୍ଲାରେ ଅନେକ ପାହାଡିଆ ଅଞ୍ଚଳରେ ପୋଡୁ ଚାଷ ଏବେବି ଚାଲିଛି । ପୋଡୁ ଚାଷ ଦ୍ୱାରା ବ୍ୟାପକ ଜଙ୍ଗଲ ନଷ୍ଟ ହେଉଥିଲେ ବି ଏହାର ସ୍ଥାୟୀ ପ୍ରତିକାର ହୋଇପାରୁନାହିଁ । ସୂଚନା ଅନୁସାରେ ପ୍ରତି ବର୍ଷ କେବଳ ପୋଡୁ ଚାଷ ଦ୍ୱାରା ବନ ବିଭାଗ ଏବଂ ରାଜସ୍ୱ ବିଭାଗର ପ୍ରାୟ ୧୫ ହଜାରରୁ ହଜାର ପାହାଡ଼ି ଜମି ନଷ୍ଟ ହୋଇଥାଏ । ଯେଉଁଥିରେ ଏକାଧିକ ଔଷଧୀୟ ବୃକ୍ଷଠୁ ଆରମ୍ଭ କରି ଛୋଟ ବଡ଼ ଗଛ ନଷ୍ଟ ଥାଏ । ଭୂୟାଁ ବାଂଶପାଳ ବ୍ଲକରର କାଞ୍ଜିପାଣିରୁ ତେଲକୋଇକୁ ଯିବା ରାସ୍ତାରେ ପଣସନସା, ହଳଦୀ ପାଣି, ଉପର ପଣସନସା ଅଞ୍ଚଳରେ ପାରମ୍ପରିକ ପୋଡୁଚାଷ ପାଇଁ ଅଧିକ ଜଙ୍ଗଲ ନଷ୍ଟ ହେଉଛି । ପ୍ରତ୍ୟେକ ବର୍ଷ ଜୁଆଙ୍ଗମାନେ ହୋଇ ନ ଥାଏ ବନ୍ୟ ଜନ୍ତୁ ମଧ୍ୟ ସମସ୍ୟାରେ ପଡିଥାନ୍ତି । ଏଥିପାଇଁ ବିଭିନ୍ନ ସମୟରେ ନିୟମିତ ଭାବେ ବନ ବିଭାଗ ପକ୍ଷରୁ ସଚେତନତା ସୃଷ୍ଟି ପାଇଁ ଉଦ୍ୟମ କରାଯିବା ସହିତ ସେମାନଙ୍କ ଜୀବନ ଜୀବିକା ଉନ୍ନତି ପାଇଁ





### ବିକଳ୍ପ ଜୀବିକା ଦେବାକୁ ପ୍ରୟାସ କରୁଛି ବନ ବିଭାଗ

କେନ୍ଦୁଝର ଜିଲ୍ଲାରେ ପ୍ରତି ବର୍ଷ ପ୍ରାୟ ୧୫ ହଜାର ହେକ୍ଟର ପାହାଡ ଏହି ପୋଡୁ ଚାଷ ଦ୍ୱାରା ବୃକ୍ଷ ଶୂନ୍ୟ ହେଉଛି । ଏହାର ପ୍ରତିକାର ପାଇଁ ବନ ବିଭାଗ ଉଦ୍ୟମ ସତ୍ତ୍ୱେ ପ୍ରାୟତଃ ଏହାକୁ ରୋକାଯାଇ ପାରୁନାହିଁ । କେନ୍ଦୁଝର ଜିଲ୍ଲା ପୋଡୁ ଚାଷ ବହୁଳ ଜିଲ୍ଲା ମଧ୍ୟରେ ଅନ୍ୟତମ । ଏହି ଜିଲ୍ଲାର ଅଧିକାଂଶ ଅଞ୍ଚଳରେ ପୋଡୁ ଚାଷ ହୋଇଥାଏ । ବିଶେଷକରି ଜିଲ୍ଲାର ବାଂଶପାଳ ଏବଂ ତେଲକୋଇ ବ୍ଲକର ବିଭିନ୍ନ ପାହାଡରେ ପୋଡୁ ଚାଷ ହୋଇଥାଏ । ପୋଡୁ ଚାଷବେଳେ ଆଦିବାସୀମାନେ ବିଶେଷ କରି ରାଜସ୍ୱ ବିଭାଗର ଜଙ୍ଗଲ ଏବଂ ବନବିଭାଗ ଜଙ୍ଗଲକୁ ନଷ୍ଟ କରି ପୋଡୁଚାଷ କରିଥାନ୍ତ । ବନ ବିଭାଗର ସୂଚନା ଅନୁସାରେ ଜୁଆଙ୍ଗ ପିଢ଼ ବନାଞ୍ଚଳର ଅନେକ ସ୍ଥାନ ଯଥା- କାଞ୍ଜି ପାଣି, ବରଗୋଡା, ଗୋନାସିକା, ରାକମ ଆଦି ଅଞ୍ଚଳରେ ପାହାଡ ଉପରେ ରହୁଥିବା ଜନଜାତି ଜୁଆଙ୍ଗମାନେ ପୋଡୁ ଚାଷ କରିଥାନ୍ତି । ଜୁଆଙ୍ଗମାନେ ସାଧାରଣତଃ ପାହାଡ ଉପରେ ରହୁଥିବାରୁ ସେଠାରେ ଚାଷ କରିବାକୁ ସମତଳ ଜମି ନ ଥାଏ । ତେଣୁ ପାହାଡ ଉପରେ ବସତି ସ୍ଥାପନ କରିଥିବା ସ୍ଥାନ ପାଖରେ ପ୍ରତ୍ୟେକ କିଛି କିଛି ଅଞ୍ଚଳର ପୋଡୁ ଚାଷ କରି ମକା, ରାଶି ସମେତ ଅନ୍ୟାନ୍ୟ ଫସଲ କରିଥାନ୍ତି । ଏହି ପୋଡୁଚାଷ ବେଳେ ସେମାନେ ପାହାଡର ଅପେକ୍ଷାକୃତ ସମତଳ ସ୍ଥାନ ଦେଖି ନିଆଁ ଲଗାଇ ଦେଇଥାନ୍ତି । ଏହି ନିଆଁ ଲାଗିବା ଦ୍ୱାରା ସେଠାରେ ଥିବା ବିଭିନ୍ନ ଛୋଟ ଛୋଟ ଗଛ ସହିତ ବିଭିନ୍ନ ଔଷଧୀୟ ଗଛ ମଧ୍ୟ ପୋଡି ନଷ୍ଟ ହୋଇଯାଇଥାଏ । ସେହିପରି ଜଙ୍ଗଲରେ ନିଆଁ ଲଗାଉଥିବାରୁ ବ୍ୟାପକ ମୂଲ୍ୟବାନ ପୁରୁଣା ଗଛ ପୋଡି ପାଉଁଶ ହୋଇଯାଉଛି । ସେହିପରି ସାହାରପୁର ପଞ୍ଚାୟତର ପାହାଡ ଜଙ୍ଗଲଘେରା ଦୁର୍ଗମ ଲୁଙ୍ଗାଝର ରଙ୍ଗଡିହି ରାସ୍ତାକଡ ଜଙ୍ଗଲରେ ମଧ୍ୟ ଚଳିତ ବର୍ଷ ବହୁ ସଂଖ୍ୟାରେ ପୋଡୁ ଚାଷ ପାଇଁ ଗଛ ପୋଡି ଦିଆଯାଉଥିବା ଦେଖା ଯାଉଛି ।

ପୋଡୁ ଚାଷର ସବୁଠୁ ବଡ଼ ସମସ୍ୟା ହେଉଛି ପ୍ରତି ବର୍ଷ ଆଦିବାସୀମାନେ ସେମାନଙ୍କ ଜାଗା ବଦଳାଇବା । ଯଦି ଗୋଟିଏ ବର୍ଷ ଗୋଟିଏ ସ୍ଥାନରେ ପୋଡୁ ଚାଷ କରି ଚାଷ କରାଯାଇଛି । ତେବେ ଆସନ୍ତା ବର୍ଷକୁ ସେହି ଆଦିବାସୀମାନେ ପୋଡୁ ଚାଷ ପାଇଁ ଅନ୍ୟ ସ୍ଥାନ ନିରୁପଣ କରିଥାନ୍ତି । ଯାହାକି ବନ ବିଭାଗ କିମ୍ବା ରାଜସ୍ୱ ବିଭାଗକୁ ଅଡୁଆରେ ପକାଇଥାଏ । ଏହାଦ୍ୱାର କେବଳ ଜଙ୍ଗଲ ନଷ୍ଟ ଉଦ୍ୟମ କରାଯାଉଥିଲେ ବି ତାହ ସଂପୂର୍ଣ୍ଣ ରୂପେ ସଫଳ ହୋଇ ପାରୁନାହିଁ । ବନ ବିଭାଗର କହିବା ଅନୁସାରେ ଆଦିବାସୀମାନେ ବିଶେଷ କରି ବନ ବିଭାଗ ଏବଂ ରାଜସ୍ୱ ବିଭାଗର ଜଙ୍ଗଲରେ ପୋଡୁଚାଷ କରିଥାନ୍ତି । ସେମାନଙ୍କ ପାଇଁ ଆଇଡିଡିଏ, ଜୁଆଙ୍ଗ ଡେଭଲପମେଣ୍ଟ ଏଜେନ୍ସି, ପାଉଡ଼ି ଭୂୟାଁ ଡେଭଲପମେଣ୍ଟ ଏଜେନ୍ସି ଦ୍ୱାରା ବିଭିନ୍ନ ପ୍ରକାର ଯୋଜନା ଉପଲବ୍ଧ କରାଯାଉଛି । ବନ ବିଭାଗ ବି ସଚେତନତା କରାଇବା ସହିତ ସେମାନଙ୍କ ଜଙ୍ଗଲ ଜମି ଅଧିକାର ଆଇନ ବଳରେ ଜମି ଯୋଗାଇ ଦେଉଛି । ଏହା ସତ୍ତ୍ୱେ ସେମାନେ ପୋଡୁ ଚାଷ କଲେ, ଏଥିରୁ ସେମାନଙ୍କୁ ନିବୃତ୍ତ କରାଯାଇ, ନୂଆ ସ୍ଥାନରେ ନକରି ପୂର୍ବ ବର୍ଷ କରିଥିବା ପୋଡୁଚାଷ ସ୍ଥାନରେ ହିଁ ଚାଷ କରିବାକୁ ପରାମର୍ଶ ଦିଆଯାଉଛି ବୋଲି କୁହାଯାଉଛି ।

# ଏଆଇଟିଏ ଓଟିଏ ଟେନିସ୍: କବୀରଙ୍କୁ ଦ୍ୱିମୁକୁଟ

ଭୁବନେଶ୍ୱର, ୮।୩(ସମିସ): ସ୍ଥାନୀୟ ଗୁରୁକୂଳ ରିସୋର୍ଟ୍ସରେ ଗତ ୪ ତାରିଖରୁ ଆରମ୍ଭ ହୋଇଥିବା ଏମ୍ଓଏସ୍ଏଫ୍ ଏଆଇଟିଏ ଓଟିଏ ଟେନିଟ ଟୁର୍ଣ୍ଣାମେଣ୍ଟରେ ଶୁକ୍ରବାର ଶେଷ ହୋଇଛି। ଦୁଇ ଲକ୍ଷ ୫୦ ହଜାର ଟଙ୍କା ବିଶିଷ୍ଟ ଏହି ଟୁର୍ଣ୍ଣାମେଣ୍ଟରେ ଓଡ଼ିଶାର କବୀର ହଂସ ଦ୍ୱିମୁକୁଟ ହାସଲ କରିଛନ୍ତି। ପୁରୁଷ ଏକକ ଫାଇନାଲରେ କବୀର ୩-୬, ୬-୩, ୬-୪ ସେଟ୍‌ରେ ରାଜସ୍ଥାନର ଫୈଜଲ କାମାରଙ୍କୁ ପରାସ୍ତ କରି ଚାମ୍ପିଅନ ହୋଇଛନ୍ତି। ସେହିପରି ପୁରୁଷ ଯୁଗଳ ଇଭେଣ୍ଟରେ କବୀର ଓ ଫୈଜଲ ୬-୭, ୬-୧, ୧୦-୫ ସେଟ୍‌ରେ ପଶ୍ଚିମବଙ୍ଗ ଓ ଅବିନାଂଶୁ ବୋରଠାକୁର ଓ ନାଗାଲାଣ୍ଡର ଭିଲାସିଏର ଖାଟେଙ୍କୁ ପରାସ୍ତ କରି ଟାଇଟଲ ହାସଲ କରିଛନ୍ତି। ଓଡ଼ିଶା ଟେନିସ ଆସୋସିଏସନ (ଓଟିଏ) ସମ୍ପାଦକ ତଥା ପୂର୍ବତନ ଆଇପିଏସ୍ ଅଧିକାରୀ ସତ୍ୟଜିତ୍ ମହାନ୍ତି ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ୟୁସିସିଆଇଏଲ୍ ଅଧ୍ୟକ୍ଷ ବ୍ରହ୍ମାନନ୍ଦ ମିଶ୍ର ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ।



# ଓଡ଼ିଶାର ଆହାନ ଓ ସଜଫା ଚାମ୍ପିଅନ



ଭୁବନେଶ୍ୱର, ୮।୩ (ସମିସ): ଓଡ଼ିଶା ଟେନିସ ଆସୋସିଏସନ (ଓଟିଏ) ଆନୁକୂଲ୍ୟରେ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଏଆଇଟିଏ ଓଟିଏ ଅଲ୍ଓଡ଼ିଶା କନିଷ୍ଠ (୧୨ ଓ ୧୪ ବର୍ଷରୁ କମ୍) ସୁପର୍ ସିରିଜ ଟେନିସ ପ୍ରତିଯୋଗିତା ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୧୪ ବର୍ଷରୁ କମ୍ ବାଳିକା ଏକକରେ

## ଅଲ୍ଇଣ୍ଡିଆ କନିଷ୍ଠ ସୁପର୍ ସିରିଜ ଟେନିସ ଉଦ୍‌ଯାପିତ

ଓଡ଼ିଶାର ଆହାନ ଚାମ୍ପିଅନ ହୋଇଛନ୍ତି। ଫାଇନାଲରେ ସେ ୬-୦, ୬-୧ ସିଧାସଳଖ ସେଟ୍‌ରେ ତାମିଲନାଡୁର ତନୁଶ୍ରୀ ସତେଶଙ୍କୁ ପରାସ୍ତ କରିଥିଲେ। ଏହି ବୟସବର୍ଗର ବାଳକ ବିଭାଗରେ ତେଲେଙ୍ଗାନାର ଅର୍ଥବ ଶ୍ରୀରାମଙ୍କୁ ଟାଇଟଲ୍ ଜିତିଛନ୍ତି। ତେବେ ୧୨ ବର୍ଷରୁ କମ୍ ବାଳିକା ଏକକରେ ଓଡ଼ିଶାକୁ ଉପବିଜେତାରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ଏହି ବିଭାଗର ଫାଇନାଲରେ ଓଡ଼ିଶାର ଏସ୍‌କେ ସଜଫା ୩-୬, ୨-୬ ସିଧାସଳଖ ସେଟ୍‌ରେ କର୍ଣ୍ଣାଟକର କ୍ରିଷିକା ଗୌତମଙ୍କ ନିକଟରୁ ହାରି ଉପବିଜେତା ହୋଇଥିଲେ। ଏହି ବୟସବର୍ଗର ବାଳକରେ ମହାରାଷ୍ଟ୍ରର ଶ୍ଲୋକ ଅଳାନ୍ଦ ଚାମ୍ପିଅନ ହୋଇଛନ୍ତି। ତେବେ ଓଡ଼ିଶାର ସଜଫା ୧୪ ବର୍ଷରୁ କମ୍ ବାଳିକା ଯୁଗଳରେ ଟାଇଟଲ୍ ହାତେଇ ନେଇଛନ୍ତି। ସଜଫା ଓ ତାଙ୍କ କର୍ଣ୍ଣାଟକ ଯୋଡ଼ିଦାର ରୀତ ଜୱାର ୭-୫, ୩-୬ (୧୦-୦) ସେଟ୍‌ରେ ପ୍ରତିପକ୍ଷ କର୍ଣ୍ଣାଟକ ଯୋଡ଼ିଙ୍କୁ ହରାଇ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। ଫଳରେ ସଜଫା ଏହି ପ୍ରତିଯୋଗିତାରେ ୨ଟି ଟ୍ରଫି ଜିତିଛନ୍ତି। ଉଦ୍‌ଯାପନୀ ଉତ୍ସବରେ ଓଡ଼ିଶା ଟେନିସ ସଂଘ (ଓଟିଏ)ର ସମ୍ପାଦକ ଡ. ସତ୍ୟଜିତ୍ ମହାନ୍ତି, ଯୁଗ୍ମ ସମ୍ପାଦକ ତଥା ପୋଲିସ କମିସନର ସଞ୍ଜୀବ ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

**ଭାରତୀୟ ଦଳରେ ଆହାନ:**

୧୪ ବର୍ଷରୁ କମ୍ ଆଇଟିଏଫ୍ ଏସିଆ ଓ ଅଣ୍ଡର ଡେଭଲପ୍‌ମେଣ୍ଟ ଚାମ୍ପିଅନସିପ୍ ଲାଗି ଓଡ଼ିଶାର ଆହାନ ଭାରତୀୟ ଦଳରେ ସ୍ଥାନ ପାଇଛନ୍ତି। ଏପ୍ରିଲ ୮ରୁ ୧୮ ତାରିଖ ପର୍ଯ୍ୟନ୍ତ ଏହି ପ୍ରତିଯୋଗିତା ମାଲେସିଆର କୁଚିଙ୍ଗଠାରେ ଖେଳାଯିବ।

# ଆଶୁତୋଷ-କୁନାଲ ଫାଇନାଲ



ଭୁବନେଶ୍ୱର, ୮।୩ (ସମିସ): ସ୍ଥାନୀୟ ଭୁବନେଶ୍ୱର କ୍ଲବ ପରିସରରେ ଚାଲିଥିବା ନିଖିଳ ଓପନ୍ ୬ ରେଡ୍‌ବଲ୍ ସ୍ନୁକର ଚାମ୍ପିଅନସିପ୍‌ର ଫାଇନାଲ ଲାଇନଅପ୍ ଚୂଡ଼ାନ୍ତ ହୋଇଛି। ଆଶୁତୋଷ ପାଢ଼ୀ ଓ କୁନାଲ ଅଗ୍ରୱାଲଙ୍କ ମଧ୍ୟରେ ଶନିବାର ଫାଇନାଲ ମ୍ୟାଚ୍ ଖେଳାଯିବ। ଶୁକ୍ରବାର ଖେଳାଯାଇଥିବା ସେମିଫାଇନାଲରେ ଆଶୁତୋଷ ୬-୩ ଫ୍ରେମରେ ଡ. ରାକେଶ ରୋଶନ ପ୍ରଧାନଙ୍କୁ ପରାସ୍ତ କରିଥିଲେ। ସେହିଭଳି ଅନ୍ୟ ଏକ ସେମିରେ କୁନାଲ ୬-୫ ଫ୍ରେମରେ ସୁବ୍ରତ ଦାସଙ୍କୁ ହରାଇ ଫାଇନାଲରେ ପହଞ୍ଚିଥିଲେ।

# ଦ୍ୱିତୀୟ ଟେଷ୍ଟ: ନ୍ୟୁଜିଲାଣ୍ଡ ୧୬୨ରେ ସୀମିତ

ଖ୍ରୀଷ୍ଟଚର୍ଚ୍ଚ, ୮।୩(ଏଜେନ୍ସି): ସ୍ଥାନୀୟ ହଗଲି ଓଭାଲ ଗ୍ରାଉଣ୍ଡ ଶୁକ୍ରବାର ଆରମ୍ଭ ହୋଇଥିବା ଅଷ୍ଟ୍ରେଲିଆ ବିପକ୍ଷ ଦ୍ୱିତୀୟ ଟେଷ୍ଟରେ ପ୍ରଥମେ ବ୍ୟାଟିଂ କରି ନ୍ୟୁଜିଲାଣ୍ଡ ପ୍ରଥମ ପାଳିରେ ୪୫.୨ ଓଭରରେ ୧୬୨ ରନରେ ଅଲଆଉଟ ହୋଇଛି। ଜବାବରେ ଅଷ୍ଟ୍ରେଲିଆ ପ୍ରଥମ ପାଳି ଆରମ୍ଭ କରି ପ୍ରଥମ ଦିବସ ଖେଳ ଶେଷ ସୁଦ୍ଧା ୩୬ ଓଭରରେ ୪ ୱିକେଟ ହରାଇ ୧୨୪ ରନ ସଂଗ୍ରହ କରିଛି। ମାର୍ନସ ଲାବୁସେନ୍ ୪୫ ଓ ନାଇଟ୍ ୱାଚ୍‌ମ୍ୟାନ ନାଥନ ଲାୟନ ୧ ରନକରି ଅପରାଜିତ ରହିଛନ୍ତି। ବୋଲିଂରେ ନ୍ୟୁଜିଲାଣ୍ଡ ପାଇଁ ମ୍ୟାଟ ହେନେରୀ ୩ ୱିକେଟ୍ ଅକ୍ତିଆର କରିଛନ୍ତି। ନ୍ୟୁଜିଲାଣ୍ଡ ପାଳିରେ ଟମ୍ ଲାଥନ ସର୍ବାଧିକ ୩୮ ରନ୍ କରିଥିବା ବେଳେ ଅଷ୍ଟ୍ରେଲିଆର ହାଜ୍‌ଲେଉଡ୍ ସର୍ବାଧିକ ୫ଟି ୱିକେଟ୍ ନେଇଛନ୍ତି। ନ୍ୟୁଜିଲାଣ୍ଡ ପକ୍ଷରୁ କେନ୍ ୱିଲିୟମସନ୍ ଓ ଟିମ୍ ସାଉଦି ୧୦୦ତମ ଟେଷ୍ଟ ମ୍ୟାଚ୍ ପଦାର୍ପଣ କରିଛନ୍ତି।

# ପୂର୍ବାଞ୍ଚଳ ଦିବ୍ୟାଙ୍ଗ କ୍ରିକେଟ | ଓଡ଼ିଶାର ଅଭିଯାନ ଶେଷ

କଟକ, ୮।୩(ସମିସ): ଝାଡଖଣ୍ଡରେ ଚାଲିଥିବା ପୂର୍ବାଞ୍ଚଳ ଦିବ୍ୟାଙ୍ଗ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶାର ଅଭିଯାନ ଶେଷ ହୋଇଛି। ଶୁକ୍ରବାର ଅନୁଷ୍ଠିତ ଦ୍ୱିତୀୟ ଲିଗ୍ ମ୍ୟାଚ୍‌ରେ ଘରୋଇ ଝାଡଖଣ୍ଡ ଠାରୁ ଓଡ଼ିଶା ୫ ୱିକେଟରେ ପରାସ୍ତ ହୋଇଛି। ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ୯ ୱିକେଟରେ ୯୮ ରନ କରିଥିଲା। ବଳରାମ ବସ୍ତିଆ ସର୍ବାଧିକ ୩୫ରନ କରିଥିଲେ। ଝାଡଖଣ୍ଡ ପକ୍ଷରୁ ବିକାଶ ଯାଦବଙ୍କୁ ୩ଟି ୱିକେଟ ମିଳିଥିଲା। ଜବାବରେ ୧୨.୫ ଓଭରରେ ୫ ୱିକେଟ ହରାଇ ଝାଡଖଣ୍ଡ ବିଜୟ ଲକ୍ଷ୍ୟ ହାସଲ କରିଥିଲା। ଝାଡଖଣ୍ଡର ବିକାଶ ଯାଦବ ୪୦ରନର ମ୍ୟାଚ୍ ବିଜୟୀ ଇନିଂସ ଖେଳିଥିଲେ। ଓଡ଼ିଶା ପକ୍ଷରୁ ମହମ୍ମଦ ସୋହେଲ ଖାନ ଏବଂ ଜଗଜିତ ମହାନ୍ତି ୨ଟି ଲେଖାଏ ୱିକେଟ ସଂଗ୍ରହ କରିଥିଲେ। ଓଡ଼ିଶାର ବଳରାମ ବସ୍ତିଆଙ୍କୁ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ୱିକେଟ କିପର ବିବେଚିତ କରାଯାଇଛି।

# ଇଣ୍ଡିଆନ ଓମେନ୍ସ ଲିଗ୍ | ବିଜୟ ସହ ଶୀର୍ଷରେ ଓଡ଼ିଶା ଏଫ୍‌ସି

ଭୁବନେଶ୍ୱର, ୮।୩ (ସମିସ): ଚଳିତ ଇଣ୍ଡିଆନ ଓମେନ୍ସ ଲିଗ୍ (ଆଇଡବ୍ଲ୍ୟୁଏଲ୍)ରେ ଓଡ଼ିଶା ଫୁଟ୍‌ବଲ କ୍ଲବ୍ (ଓଏଫ୍‌ସି) ଏହାର ଚମତ୍କାର ଫର୍ମ ଜାରି ରଖି ଶୀର୍ଷ ସ୍ଥାନକୁ ପ୍ରତ୍ୟାବର୍ତ୍ତନ କରିଛି। ଶୁକ୍ରବାର ଦିଲ୍ଲୀର ଡ. ଆମ୍ବେଦକର ଷ୍ଟାଡିୟମରେ ଅନୁଷ୍ଠିତ ଏକ ମ୍ୟାଚରେ ଓଡ଼ିଶା ଏଫ୍‌ସି ମହିଳା ଦଳ ୩-୦ ଗୋଲରେ ଘରୋଇ ହୋପ୍ସ ଏଫ୍‌ସିକୁ ପରାସ୍ତ କରିଥିଲା। ଏଥିସହ ଚଳିତ ପ୍ରତିଯୋଗିତାରେ ୧୦ମ ମ୍ୟାଚରୁ ୮ମ ବିଜୟ ଏବଂ ଗୋଟିଏ ଲେଖାଏ ଡ୍ର ଓ ପରାଜୟ ସହ ଓଡ଼ିଶା ଏଫ୍‌ସି ୨୫ ପଏଣ୍ଟ ପାଇ ଶୀର୍ଷକୁ ଉଠିଛି। ଅପରପକ୍ଷରେ ହୋପ୍ସ ଏଫ୍‌ସି ୧୦ମ ମ୍ୟାଚରୁ ୫ମ ପରାଜୟ ସହ ୧୩ ପଏଣ୍ଟ ପାଇ ପଞ୍ଚମ ସ୍ଥାନରେ ରହିଛି। ଓଡ଼ିଶା ଏଫ୍‌ସି ଏହାର ପରବର୍ତ୍ତୀ ମ୍ୟାଚରେ ଇଷ୍ଟ ବେଙ୍ଗଲ ଏଫ୍‌ସିକୁ ଭେଟିବ। ଏହି ମ୍ୟାଚ୍ ଚଳିତ ମାସ ୧୭ରେ କଳିଙ୍ଗ ଷ୍ଟାଡିୟମରେ ଖେଳାଯିବ। ଶୁକ୍ରବାର ଦିଲ୍ଲୀରେ ଘରୋଇ ହୋପ୍ସ ଏଫ୍‌ସି ବିପକ୍ଷରେ ଖେଳାଯାଇଥିବା ଏହି ମ୍ୟାଚର ପ୍ରାରମ୍ଭରୁ ଓଡ଼ିଶା ଏଫ୍‌ସି ଅଗ୍ରଣୀ ହାସଲ କରିବାରେ ସଫଳ ହୋଇଥିଲା। ୨୦ତମ ମିନିଟ୍‌ରେ ପେନାଲ୍ଟି କିକ୍‌ରୁ ଇନ୍ଦୁମତୀ କାଥିରେସାନ, ଦ୍ୱିତୀୟାର୍ଦ୍ଧ ଆରମ୍ଭରୁ ପ୍ୟାରୀ ଖାଖାଙ୍କ ଗୋଲ୍ ଓଡ଼ିଶାର ଅଗ୍ରଣୀକୁ ୨-୦କୁ ବୃଦ୍ଧି କରାଇଥିଲା। ପ୍ୟାରୀ ୫୨ତମ ମିନିଟ୍‌ରେ ଏହି ଗୋଲଟି ଦେଇଥିଲେ। ଏହାପରେ ମ୍ୟାଚର ଶେଷ ମିନିଟ୍ (୯୦ତମ)ରେ ଲିଣ୍ଡା କମ୍ ଓଡ଼ିଶା ପାଇଁ ଆଉ ଏକ ଗୋଲ୍ ଦେଇ ଦଳକୁ ୩-୦ରେ ଜିତାଇଥିଲେ।

# ୯ମ ଜାତୀୟ ମିନି ଗଲ୍‌ଫ | ଓଡ଼ିଶାକୁ ୨୨ ପଦକ ସହ ଜାତୀୟ କ୍ରୀଡ଼ା ଯୋଗ୍ୟତା

ଭୁବନେଶ୍ୱର, ୮।୩ (ସମିସ): ନାଗପୁରଠାରେ ଅନୁଷ୍ଠିତ ଜାତୀୟ ମିନି ଗଲ୍‌ଫ ପ୍ରତିଯୋଗିତାର ୯ମ ସଂସ୍କରଣ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଅଂଶଗ୍ରହଣ କରିଥିବା ୨୪ ଜଣିଆ ଓଡ଼ିଶା ପୁରୁଷ ଓ ମହିଳା ଦଳ ମୋଟ୍ ୨୨ ପଦକ ବିଜୟୀ ହୋଇଛି। ଯେଉଁଥିରେ ୧୨ ସ୍ୱର୍ଣ୍ଣ, ୨ ରୌପ୍ୟ ଓ ୮ କାଂସ୍ୟ ପଦକ ରହିଛି। ସାମଗ୍ରିକ ଭାବେ ଓଡ଼ିଶା ମହିଳା ଦଳ ୨ୟ ଓ ପୁରୁଷ ଦଳ ଚତୁର୍ଥ ସ୍ଥାନରେ ରହି ଉତ୍ତରାଖଣ୍ଡରେ ହେବାକୁ ଥିବା ଆଗାମୀ ଜାତୀୟ କ୍ରୀଡ଼ାର ୩୮ତମ ସଂସ୍କରଣକୁ ଯୋଗ୍ୟତା ଅର୍ଜନ କରିଛି।



ପୁରୁଷ ଓ ମହିଳା ଦଳଗତ ପ୍ରତିଯୋଗିତାରେ ଓଡ଼ିଶା ସ୍ୱର୍ଣ୍ଣିମ ସଫଳତା ପାଇଥିଲା। ପୁରୁଷ ଦଳରେ ରିଦ୍ଧିକ ଆନନ୍ଦ ମିଶ୍ର, ଯଶରାୟ ପଟ୍ଟନାୟକ, ବୀନିତ ଦାସ, ସୌଭାଗ୍ୟ ଶରଣ, ଅଭିନବ ମହାନ୍ତି ଓ ରୋମିତ ରୋଶନ ପ୍ରଧାନ ସଦସ୍ୟ ରହିଥିଲେ। ସେହିଭଳି ଅମ୍ରିତା ଦାସ, ଆଦ୍ୟାଶା ମିଶ୍ର, ପ୍ରିୟଦର୍ଶିନୀ ପ୍ରଧାନ, ସୌମ୍ୟାଶ୍ରୀ ରଥ, ଆସ୍ଥା ପଟ୍ଟନାୟକ ଓ ସୌନ୍ଦର୍ଯ୍ୟା ସ୍ୱାଇଁ ସ୍ୱର୍ଣ୍ଣ ବିଜୟୀ ମହିଳା ଦଳର ସଦସ୍ୟା ରହିଥିଲେ। ଅପରପକ୍ଷରେ ମହିଳା ବ୍ୟକ୍ତିଗତ ପ୍ରତିଯୋଗିତାରେ ସ୍ମୃତିରେଖା ସ୍ୱାଇଁ, ପୁରୁଷ ବର୍ଗରେ ରୋମିତ ରୋଶନ ଓ ରାଶନ ପ୍ରଧାନ କାଂସ୍ୟ ପଦକ ସଫଳତା ପାଇଥିଲେ। ମିଶ୍ରିତ ଯୁଗଳରେ ବିକାଶଚନ୍ଦ୍ର ପଟ୍ଟନାୟକ ଓ ଅଭିପ୍ସା ପଣ୍ଡା ରୌପ୍ୟ ପଦକ ହାସଲ କରିଥିଲେ। ଷ୍ଟ୍ରୋକ ଇଭେଣ୍ଟରେ ମହିଳା ଦଳର ପାୟଲ ପଟ୍ଟନାୟକ, ନୂପୁର ପଟ୍ଟନାୟକ, ଅଭିପ୍ସା ପଣ୍ଡା, ଆନିକା ପଟ୍ଟନାୟକ, ଲତା ସମର୍ଥା ଓ ପ୍ରିୟଦର୍ଶିନୀ ପ୍ରଧାନ କାଂସ୍ୟ ପଦକ ଜିତିଥିଲେ। ଏହି ସଫଳତା ଲାଗି ଓଡ଼ିଶା ମିନି ଗଲ୍‌ଫ ସଂଘର ସଭାପତି ସତ୍ୟବ୍ରତ ମୀନକେତନ, ଉପସଭାପତି ପ୍ରସେନଜିତ୍ ପତି, ସାଧାରଣ ସମ୍ପାଦକ ବିକାଶ ଚନ୍ଦ୍ର ପଟ୍ଟନାୟକ ଓ ଯୁଗ୍ମ ସମ୍ପାଦକ ପ୍ରଦ୍ୟୁମ୍ନ ବେହେରା ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।







## ରୋହିତ ଶର୍ମା ଓ ଶୁବମାନ ଗିଲଙ୍କ ଶତକ

# ଭାରତ ନିୟନ୍ତ୍ରଣରେ ଧର୍ମଶାଳା ଟେଷ୍ଟ

ଧର୍ମଶାଳା, ୮।୩(ଏଜେନ୍ସି)

ଅଧିନାୟକ ରୋହିତ ଶର୍ମା ଓ ଯୁବ ଖେଳାଳି ଶୁବମାନ ଗିଲ୍‌ଙ୍କ ଚମତ୍କାର ଶତକ ବଳରେ ଏଠାରେ ଇଂଲଣ୍ଡ ସହ ଚାଲିଥିବା ପଞ୍ଚମ ତଥା ଶେଷ ଟେଷ୍ଟ ମ୍ୟାଚ୍ ଆୟୋଜକ ଭାରତ ନିୟନ୍ତ୍ରଣରେ ରହିଛି। ରୋହିତ ୧୦୩ ଓ ଶୁବମାନ ଗିଲ୍‌ଙ୍କ ୧୧୦ରନ୍ ସାଙ୍ଗକୁ ପଦାର୍ପଣକାରୀ ଦେବଦତ୍ତ ପାଡିକଲଙ୍କ ୬୫ ଓ ସର୍ଫରାଜ ଖାନ୍ ୫୬ ରନ୍ କରିବା ଫଳରେ ଭାରତ ପ୍ରଥମ ପାଳିରେ ୨୫୫ ରନ୍‌ରେ ଆଗୁଆ ରହିଛି। ପ୍ରଥମ ପାଳିରେ ଇଂଲଣ୍ଡର ୨୧୮ ରନ୍ ଜବାବରେ ଶୁକ୍ରବାର ଦ୍ୱିତୀୟ ଦିନ ଖେଳ ଶେଷ ସୁଦ୍ଧା ଭାରତ ୮ ୱିକେଟରେ ୪୭୩ ରନ୍ କରିନେଇଛି। ଷ୍ଟମ୍ପ ଅପସାରଣ ବେଳକୁ କୁଲଦୀପ ଯାଦବ ୨୭ ଓ ଯଶପ୍ରୀତ ବୁମ୍‌ରା ୧୯ ରନ୍‌ରେ ବ୍ୟାଟିଂ କରୁଥିଲେ। ଇଂଲଣ୍ଡ ପକ୍ଷରୁ ଦୁଇ ସ୍ପିନର ସୋଏବ ବସିର ୪ଟି ଓ ଟମ୍ ହର୍ଟଲୀ ୨ଟି ୱିକେଟ ନେବା ସହ ଭାରତର ମିଡଲ ଅର୍ଡରରେ ବିପର୍ଯ୍ୟୟ ସୃଷ୍ଟି କରିଥିଲେ। ଦୀର୍ଘ ୧୫ ବର୍ଷ ପରେ ଭାରତର ପ୍ରଥମ ୫ ଜଣ ବ୍ୟାଟର ଗୋଟିଏ ପାଳିରେ ୫୦ କିମ୍ବା ତା'ଠାରୁ ଅଧିକ ରନ୍ ସଂଗ୍ରହ କରିଛନ୍ତି।



### ଶତକ ଓ ଶତକୀୟ ଭାଗୀଦାରି

ଘରୋଇ ଭାରତୀୟ ଦଳ ୧ ୱିକେଟରେ ୧୩୫ ରନ୍‌ରୁ ଅସମାପ୍ତ ପ୍ରଥମ ପାଳି ଆରମ୍ଭ କରି ଇଂଲଣ୍ଡ ବୋଲରଙ୍କୁ ମନଇଚ୍ଛା ଖେଳିଥିଲେ। ପୂର୍ବଦିନର ଦୁଇ ଅପରାଜିତ ବ୍ୟାଟର ରୋହିତ ଶର୍ମା ଓ ଶୁବମାନ ଗିଲ ଚମତ୍କାର ବ୍ୟାଟିଂ କରିଥିଲେ। ଉଭୟ ଖେଳାଳି ୩ଟି ବଲ ବ୍ୟବଧାନରେ ଶତକ ହାସଲ କରିଥିଲେ। ସେହିପରି ଏମାନେ ଦ୍ୱିତୀୟ ୱିକେଟ ଭାଗୀଦାରିରେ ୨୪୪ ବଲ୍‌ରୁ ୧୭୧ ରନ୍ ଉଠାଇବା ପରେ ୭ଟି ବଲ ବ୍ୟବଧାନରେ ଆଉଟ ହୋଇଯାଇଥିଲେ। ଚଳିତ ସିରିଜ୍‌ରେ ଦ୍ୱିତୀୟ ତଥା ଟେଷ୍ଟ ଜୀବନର ଦ୍ୱାଦଶ ଶତକ ହାସଲ କରିବା ପରେ ରୋହିତ ୧୬୨ ବଲ୍‌ରୁ ୧୩ ଚୌକା ଓ ୩ଛକା ସହ ୧୦୩ ରନ୍ କରି ପ୍ରତିପକ୍ଷ ଦଳର ଅଧିନାୟକ ବେନ୍ ଷ୍ଟୋକ୍ସଙ୍କ ଦ୍ୱାରା ବୋଲ୍ଡ ହୋଇଯାଇଥିଲେ। ଷ୍ଟୋକ୍ସ ଦୀର୍ଘ ୮ ମାସ ପରେ ଏବଂ ଚଳିତ ସିରିଜ୍‌ରେ ବୋଲିଂ କରିଥିବା ପ୍ରଥମ ବଲ୍‌ରେ ହିଁ ରୋହିତଙ୍କୁ ଚମତ୍କାର ଭାବେ ବୋକା ବନାଇ ଆଉଟ କରିଦେଇଥିଲେ। ଅନ୍ୟପକ୍ଷରେ ଜୀବନର ଚତୁର୍ଥ ଟେଷ୍ଟ ଶତକ ହାସଲ କରିଥିବା ଗିଲ୍ ୧୫୦ ବଲ୍ ଖେଳି ୧୨ ଚୌକା ଓ ୫ ଛକା ସହ ୧୧୦ ରନ୍‌ରେ ଆଉଟ ହୋଇଥିଲେ।

### ଦମ୍ ଦେଖାଇଲେ ଦେବଦତ୍ତ

୨୭୯ ରନ୍‌ରେ ତୃତୀୟ ୱିକେଟର ପତନ ପରେ ସର୍ଫରାଜ ଖାନ୍‌ଙ୍କ ସହ ଯୋଗଦେଇଥିଲେ ପଦାର୍ପଣକାରୀ ଦେବଦତ୍ତ ପାଡିକଲ। ଚଳିତ ସିରିଜ୍‌ରେ ୫ମ ଖେଳାଳି ଭାବେ ପଦାର୍ପଣ କରିଥିବା ଏହି ବାମହାତୀ ବ୍ୟାଟର କ୍ରିକେଟ ଲାଗି ଜନ୍ମମାଟି କେରଳ ଛାଡ଼ି ହାଇଦରାବାଦ୍‌ରେ ବାପାଙ୍କ ସହ ରହିଥିଲେ। କିନ୍ତୁ କ୍ରିକେଟ ଖେଳିବା ଲାଗି ହାଇଦରାବାଦ୍ ଛାଡି ବାଙ୍ଗାଲୋର କ୍ରିକେଟ ଏକାଡେମୀରେ ଖେଳିଥିଲେ। ସେଠାରେ ତାଙ୍କ ପ୍ରତିଭା ପ୍ରସ୍ଫୁଟିତ ହୋଇଥିଲା। ଏଠାରେ ଭାରତ ପକ୍ଷରୁ ପ୍ରଥମ ଟେଷ୍ଟ ଖେଳୁଥିଲେ ମଧ୍ୟ ଦେବଦତ୍ତ ପରିପକ୍ୱ ବ୍ୟାଟିଂ କରିଥିଲେ। ସେ ଓ ସର୍ଫରାଜ କିଛି ସମୟ ଇଂଲଣ୍ଡ ଫାଷ୍ଟ ବୋଲିଂ ବିପକ୍ଷରେ ସଂଘର୍ଷ କରିଥିଲେ। ପରେ ବ୍ୟାଟିଂ କରିବା ଏମାନଙ୍କ ଲାଗି ଅତି ସହଜ ହୋଇଯାଇଥିଲା। ଏମାନେ ଚତୁର୍ଥ ୱିକେଟ ଭାଗୀଦାରିରୁ ୧୩୨ ବଲ୍‌ରୁ ୯୭ ରନ୍ ଉଠାଇ ଭାରତକୁ ଏକ ଭଲ ସ୍ଥିତିରେ ପହଞ୍ଚାଇଥିଲେ। କିନ୍ତୁ ଏହି ସମୟରେ ଅଫ୍ ସ୍ପିନର ସୋଏବ ବସିର ପ୍ରତିପକ୍ଷ ବ୍ୟାଟର ସର୍ଫରାଜଙ୍କୁ ଆଉଟ କରି ଏହି ଯୋଡି ଭାଙ୍ଗିଦେଇଥିଲେ। ସର୍ଫରାଜ ୬୦ ବଲ୍‌ରେ ୫୬ ରନ୍ କରିଥିଲେ। ଚଳିତ ସିରିଜ୍‌ରେ ଭଲ ବ୍ୟାଟିଂ କରିଥିବା ଧ୍ରୁବ ଜୁରେଲଙ୍କୁ ବସିର ଆଉଟ କରି ଭାରତକୁ ବ୍ୟାକ୍ ଫୁଟ୍‌କୁ ଠେଲିଦେଇଥିଲେ। ଦଳ ୪୦୦ ରନ୍ ଅତିକ୍ରମ କରିବା ପରେ ଦେବଦତ୍ତଙ୍କୁ ବୋଲ୍ଡ କରି ବସିର ତୃତୀୟ ୱିକେଟ ଅକ୍ତିଆର କରିଥିଲେ। ଦେବଦତ୍ତ ପ୍ରଥମ ଟେଷ୍ଟର ପ୍ରଥମ ପାଳିରେ ୧୦୩ଟି ବଲ ଖେଳି ୧୦ ଚୌକା ଓ ଗୋଟିଏ ଛକା ସହ ୬୫ରନ୍ କରିଥିଲେ। ଏହି ସମୟରେ ବାମହାତୀ ସ୍ପିନର ଟମ୍ ହର୍ଟଲୀ ଗୋଟିଏ ଓଭରରେ ରବୀନ୍ଦ୍ର ଜାଡେଜା (୧୫) ଓ ରବିଚନ୍ଦ୍ରପ ଅଶ୍ୱିନ (୦)ଙ୍କୁ ଆଉଟ କରିଦେଇଥିଲେ। ଏକଦା ଦଳ ୨୫ ରନ୍ ମଧ୍ୟରେ ୪ଟି ୱିକେଟ ହରାଇ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ୪୨୮ ରନ୍‌ରେ ୮ମ ୱିକେଟ ପଡ଼ିଯିବା ପରେ କୁଲଦୀପ ଯାଦବ ଓ ଯଶପ୍ରୀତ୍ ବୁମ୍‌ରା ୯ମ ୱିକେଟରେ ଲଢୁଆ ବ୍ୟାଟିଂ ପ୍ରଦର୍ଶନ କରି ୧୦୮ଟି ବଲ୍‌ର ସାମ୍ନା କରି ଇଂଲଣ୍ଡକୁ ନିରାଶ କରିଥିଲେ। ଏମାନଙ୍କ ଅବିଭକ୍ତ ଭାଗୀଦାରିରୁ ମଧ୍ୟ ୪୫ଟି ଗୁରୁତ୍ୱପୂର୍ଣ୍ଣ ରନ୍ ମିଳିଥିଲା। ଉଭୟ ୫୫ ଟି ଲେଖାଏଁ ବଲ ଖେଳିଥିବାବେଳେ କୁଲଦୀପ ୨୭ ଓ ବୁମ୍‌ରା ୧୯ ରନ୍ କରି ଅପରାଜିତ ରହିଥିଲେ।

ଚଳିତ ସିରିଜ୍‌ରେ ପ୍ରଭାବି ପ୍ରଦର୍ଶନ କରିଥିବା ବସିର ଇଂଲଣ୍ଡ ପକ୍ଷରୁ ସର୍ବାଧିକ ୪ଟି ୱିକେଟ ପାଇଥିଲେ। ହର୍ଟଲୀଙ୍କୁ ୨ଟି ୱିକେଟ ମିଳିଥିଲା। ୪୨ ବର୍ଷୀୟ ଫାଷ୍ଟ ବୋଲର ଜେମ୍‌ସ ଆଣ୍ଡରସନ୍ ଗିଲଙ୍କୁ ଆଉଟ କରି ତାଙ୍କ ୱିକେଟ ସଂଖ୍ୟାକୁ ୬୯୯ରେ ପହଞ୍ଚାଇଛନ୍ତି। ସେ ଆଉ ଗୋଟିଏ ୱିକେଟ ନେଲେ ବିଶ୍ୱର ତୃତୀୟ ବୋଲର ତଥା ପ୍ରଥମ ଫାଷ୍ଟ ବୋଲର ଭାବେ ୭୦୦ ୱିକେଟ ହାସଲ କରିବେ। କିନ୍ତୁ ଦୀର୍ଘ ୮ ମାସ ପରେ ଅନ୍ତର୍ଜାତୀୟ କ୍ରିକେଟରେ ବୋଲିଂ କରିଥିବା ବେନ୍ ଷ୍ଟୋକ୍ସ ପ୍ରଥବ ବଲରେ ରୋହିତ ଶର୍ମାଙ୍କୁ ଆଉଟ କରି ସବୁଠାରୁ ବଡ଼ ସଫଳତା ପାଇଥିଲେ।

### ସଂକ୍ଷିପ୍ତ ସ୍କୋର

**ଇଂଲଣ୍ଡ ପ୍ରଥମ ପାଳି:** ୨୧୮/୧୦, ୫୭.୪ ଓଭର (ଜ୍ୟାକ୍ କ୍ରାଲୀ-୭୯, ଜନି ବେୟାରଷ୍ଟୋ-୨୯, କୁଲଦୀପ ଯାଦବ-୫/୭୨, ଅଶ୍ୱିନ-୪/୫୧)।

**ଭାରତ ପ୍ରଥମ ପାଳି:** ୪୭୩/୮, ୧୨୦ ଓଭର (ରୋହିତ ଶର୍ମା-୧୦୩, ଶୁବମାନ ଗିଲ-୧୧୦, ଦେବଦତ୍ତ ପାଡିକଲ-୬୫, ବସିର-୪/୧୭୦, ଟମ୍ ହର୍ଟଲୀ-୨/୧୨୬)।

## ରାତିରେ ଭଲଭାବେ ଶୋଇପାରି ନ ଥିଲେ ପାଡିକଲ



ଧର୍ମଶାଳା, ୮।୩(ଏଜେନ୍ସି): ଚଳିତ ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜ୍‌ରେ ୫ମ ଭାରତୀୟ ଖେଳାଳି ଭାବେ ପଦାର୍ପଣ କରିଥିବା ଦେବଦତ୍ତ ପାଡିକଲ ୫ମ ଟେଷ୍ଟ ଖେଳିବାକୁ ସୂଚନା ପାଇବା ପରେ ମ୍ୟାଚ୍ ଆରମ୍ଭର ପୂର୍ବଦିନ ରାତିରେ ଭଲ ଶୋଇପାରି ନ ଥିଲେ। ଟିମ୍ ମ୍ୟାନେଜମେଣ୍ଟ ରଜତ ପଟିଦାରଙ୍କୁ ସମର୍ଥନ ଦେଉଥିବାରୁ ଏହି ସିରିଜ୍‌ରେ ମୋର ଖେଳିବା ନେଇ ସନ୍ଦେହ ରହିଥିଲା। କିନ୍ତୁ ଗତକାଲି ପଟିଦାର ସାମାନ୍ୟ ଆହତ ହୋଇଥିବାରୁ ମୋତେ ଖେଳିବାକୁ ପ୍ରସ୍ତୁତ ରହିବାକୁ ସୂଚନା ଦିଆଯାଇଥିଲା। ଯାହା ଫଳରେ ଉତ୍ତେଜନା ଯୋଗୁଁ ମୁଁ ଗତ କାଲି ରାତିରେ ଶୋଇ ପାରି ନଥିଲି। ଗତକାଲି ଅର୍ଥାତ ମ୍ୟାଚ୍ ଆରମ୍ଭ ହେବା ସକାଳେ ମୁଁ ଖେଳିବି ବୋଲି ଜାଣିବାକୁ ପାଇଥିଲି। ନର୍ଭସ ଥିଲି କିନ୍ତୁ ଭଲ ଖେଳିବି ବୋଲି ବିଶ୍ୱାସ ଥିଲାବୋଲି କହିଛନ୍ତି ଏହି ବାମହାତୀ ଖେଳାଳି।

କର୍ଣ୍ଣାଟକ ପକ୍ଷରୁ ଚଳିତ ରଣଜୀ ସିଜନରେ ଗୋଆ, ତାମିଲନାଡୁ ଓ ପଞ୍ଜାବ ବିପକ୍ଷରେ ୩ଟି ଶତକ ଓ ଇଂଲଣ୍ଡ ଲାୟନ୍ସ ବିପକ୍ଷରେ ଗୋଟିଏ ଶତକ ହାସଲ କରିବା ପରେ ତାଙ୍କୁ ଲୋକେଶ ରାହୁଲଙ୍କ ସ୍ଥାନରେ ତୃତୀୟ ଟେଷ୍ଟରେ ସାମିଲ କରାଯାଇଥିଲା। କିନ୍ତୁ ରଜତ ପଟିଦାରଙ୍କୁ ଖେଳିବା ସୁଯୋଗ ପାଇବା ପରେ ତାଙ୍କୁ ସାମିଲ କରାଯାଇ ନଥିଲା। ଏବେ ସେ ତାଙ୍କ ପ୍ରତିଭା ପ୍ରଦର୍ଶନ କରିବାରେ ସମର୍ଥ ହୋଇଛନ୍ତି। ଚଳିତ ଘରୋଇ ସିଜନରେ ସେ ୯୨.୬୬ ହାରରେ ୫୬୬ ରନ୍ ସଂଗ୍ରହ କରିଛନ୍ତି।

## ମହିଳା ପ୍ରିମିଅର୍ ଲିଗ୍ | ୱାରିୟର୍ଜଙ୍କୁ ଜିତାଇଲେ ଦୀପ୍ତି

ନୂଆଦିଲ୍ଲୀ, ୮।୩ (ଏଜେନ୍ସି): ଦୀପ୍ତି ଶର୍ମାଙ୍କ ଅଲ୍‌ରାଉଣ୍ଡ ପ୍ରଦର୍ଶନ ବଳରେ ୟୁପି ୱାରିୟଜ ଚଳିତ ମହିଳା ପ୍ରିମିଅର୍ ଲିଗ୍ (ଡବ୍ଲ୍ୟୁପିଏଲ୍)ରେ ତୃତୀୟ ବିଜୟ ହାସଲ କରିଛି। ଶୁକ୍ରବାର ଅନୁଷ୍ଠିତ ଏକ ରୋମାଞ୍ଚକ ମୁକାବିଲାରେ ୱାରିୟର୍ଜ ୧ ରନରେ ଘରୋଇ ଦିଲ୍ଲୀ କ୍ୟାପିଟାଲ୍ସକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ୱାରିୟର୍ଜ ଦୀପ୍ତି ଶର୍ମା (୪୮ ବଲରୁ ୫୯ ରନ)ଙ୍କ ଲଢୁଆ ଅର୍ଦ୍ଧଶତକ ସହାୟତାରେ ୮ ୱିକେଟ୍‌ରେ ୧୩୮ ରନ କରିଥିଲା। ବୋଲିଂରେ ଦିଲ୍ଲୀ କ୍ୟାପିଟାଲ୍ସର ତିତାସ ସାଧୁ ଓ ରାଧା ଯାଦବଙ୍କୁ ୨ଟି ଲେଖାଏ ୱିକେଟ୍ ମିଳିଥିଲା। ଜବାବରେ ଦୀପ୍ତିଙ୍କ ସ୍ପିନ ବୋଲିଂକୁ ସାମ୍ନା କରି ନପାରି ଦିଲ୍ଲୀ ୧୯.୫ ଓଭରରେ ୧୩୭ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଅଧିନାୟିକା ମେଗ୍ ଲାନ୍ନିଂ ୬୦ ରନର ପାଳି ଖେଳିଥିଲେ। ବୋଲିଂରେ ଦୀପ୍ତି ୧୯ ରନରେ ୪ଟି ୱିକେଟ୍ ସଫଳତା ପାଇଥିଲେ। ୟୁପି ୭ମ ମ୍ୟାଚରୁ ୩ୟ ବିଜୟ ସହ ୬ ପଏଣ୍ଟ ପାଇ ୪ର୍ଥ ସ୍ଥାନରେ ରହିଛି। ଅପରପକ୍ଷରେ ଦିଲ୍ଲୀ ୮ ପଏଣ୍ଟ ପାଇ ଶୀର୍ଷରେ ଅପରିବର୍ତ୍ତିତ ରହିଛି।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA.
EDITOR: UMAKANT MISHRA
ସମ୍ପାଦକ: ଉମାକାନ୍ତ ମିଶ୍ର